# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ମେ ୨୦/୨୦୨୧ (୧୨ ପୃଷ୍ଠା) | Balasore,Thursday, May 20/2021 | ★★★★

୪୭ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ସୁନୀଲ ଛେତ୍ରୀଙ୍କ ପ୍ରତ୍ୟାବର୍ତ୍ତନ**

କରୋନା ସଂକ୍ରମଣରୁ ସୁସ୍ଥ ହେବାପରେ ଭାରତୀୟ ଫୁଟ୍‌ବଲ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଅଧିନାୟକ ସୁନୀଲ ଛେତ୍ରୀ।

୧୨

୧୦

**ଦାନ କରିବାକୁ ଭିକ କାହିଁକି ମାଗୁଛ**

କରୋନା ସହାୟତା ପାଇଁ ପାଣ୍ଠି ଠୁଳ କାର୍ଯ୍ୟକ୍ରମକୁ ଫିଲ୍ମ ନିର୍ମାତା କମଲ ରସିଦ୍ ଖାନ ସମାଲୋଚନା କରିଛନ୍ତି। ଦାନ କରିବାକୁ ଲୋକଙ୍କୁ ଭିକ କାହିଁକି ମାଗୁଛ ବୋଲି ସେ କହିଛନ୍ତି।



# ଭୟଙ୍କର ହୋଇପାରେ 'ୟାସ୍'

## ୨୫ରୁ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ଉତ୍ତର ଆଣ୍ଡାମାନ ଏବଂ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ବାତ୍ୟା 'ୟାସ୍' ଭୟଙ୍କର ହୋଇପାରେ। ଏହା ଓଡ଼ିଶା କିମ୍ବା ପଶ୍ଚିମବଙ୍ଗ ଉପକୂଳରେ ତାଣ୍ଡବ ରଚାଇବା ଆଶଙ୍କା କରାଯାଉଛି। ଯଦିଓ ବାତ୍ୟାର ଚିତ୍ର ଏ ପର୍ଯ୍ୟନ୍ତ ସ୍ୱଷ୍ଟ ହୋଇନାହିଁ ତେବେ କେତେକ ପାଣିପାଗ ମଡେଲ ଅନୁମାନ କହୁଛି 'ୟାସ୍' ବଳଶାଳୀ ହୋଇ ଓଡ଼ିଶା ଉପକୂଳକୁ ଧ୍ୱସ୍ତବିଧ୍ୱସ୍ତ କରିବ। ସ୍ଥଳଭାଗ ଅତିକ୍ରମ କରିବା ବେଳେ ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୨୦ କି.ମି. ରହିବ ବୋଲି ଅନୁମାନ କରାଯାଉଛି।

ଆସନ୍ତା ୨୨ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୭୨ ଘଣ୍ଟା ମଧ୍ୟରେ ଏହା ଧୀରେ ଧୀରେ ଘନୀଭୂତ ହୋଇ ସାମୁଦ୍ରିକ ଝଡ଼ରେ ପରିଣତ ହେବ। ଏହି ବାତ୍ୟା ଉତ୍ତର-ପଶ୍ଚିମ ଦିଗରେ ଗତି କରି ପଶ୍ଚିମବଙ୍ଗ କିମ୍ବା ଓଡ଼ିଶା ଉପକୂଳ ବାଲେଶ୍ୱର ଦେଇ ଆସନ୍ତା ୨୬ ତାରିଖ ସନ୍ଧ୍ୟାରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାତ୍ୟା ପ୍ରଭାବରେ ଆସନ୍ତା ୨୩ ତାରିଖରେ ଆଣ୍ଡାମାନ ଓ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଘଣ୍ଟାକୁ ୪୫ରୁ ୫୫ କି.ମି. ବେଗରେ ପବନ ବହିପାରେ। ବେଳେ ବେଳେ ଏହାର ବେଗ ଘଣ୍ଟା ପ୍ରତି ୭୫ କି.ମି. ରହିପାରେ। ୨୪ ରୁ ୨୬ ତାରିଖ ମଧ୍ୟରେ ବାତ୍ୟା ବଳ ଗୋଟାଇ ଆହୁରି ଭୟଙ୍କର ଆକାର ଧାରଣ କରି ଉପକୂଳ ଆଡ଼କୁ ମାଡ଼ିଆସିବ। ଏହାର ପ୍ରଭାବରେ ମେ' ୨୫ ତାରିଖ ରାତିରୁ ଉପକୂଳ ଓଡ଼ିଶାର ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା



ଆସୁଛି ବାତ୍ୟା

- ବାଲେଶ୍ୱର ଦେଇ ସ୍ଥଳଭାଗ ଛୁଇଁବା ସମ୍ଭାବନା
- କୂଳକୁ ଫେରି ଆସିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ
- ଆଗୁଆ ପ୍ରସ୍ତୁତି ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ

ଜାରି କରାଯାଇଛି। ବାତ୍ୟା ବାଲେଶ୍ୱର ଦେଇ ଅତିକ୍ରମ କଲେ ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି।

ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ବାତ୍ୟା କେଉଁଠି ସ୍ଥଳଭାଗ ଛୁଇଁବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ସ୍ୱଷ୍ଟ ସୂଚନା ଦିଆଯିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଗଭୀର ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୨୩ ତାରିଖ ☞ପୃଷ୍ଠା-୭

# ମଲ୍‌ରେ ଟିକା ମନା




## ଡୋର୍ ଷ୍ଟେପ୍ ଟିକାକରଣ ବନ୍ଦ

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇବା ପରେ ଶେଷରେ ରାଜ୍ୟ ସରକାର ଚେତିଛନ୍ତି। ଡ୍ରାଇଭ୍ ଇନ୍ ଭାକ୍ସିନେଶନ ଓ ଡୋର୍ ଷ୍ଟେପ୍ ଟିକାକରଣକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଏହି ଡ୍ରାଇଭ୍ ଇନ୍ ଭାକ୍ସିନେଶନ କାର୍ଯ୍ୟକ୍ରମ ପ୍ରଥମେ ଆରମ୍ଭ ହୋଇଥିଲା। ଗତ ୮ତାରିଖରେ ରସୁଲଗଡ଼ସ୍ଥିତ ଏକ ମଲ୍‌ର ଗାଡ଼ି ପାର୍କିଂ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଟିକାକରଣ ଆରମ୍ଭ କରାଯାଇଥିଲା। ପରେ ରାଜଧାନୀର ଆଉ ୩ଟି ମଲ୍ ସମେତ ୪ଟି ସ୍ଥାନରେ ବିଏମ୍‌ସି ପକ୍ଷରୁ ଏହିଭଳି ଟିକାକରଣ କରାଗଲା। ତେବେ ଏଭଳି ଟିକାକରଣକୁ ବିଭିନ୍ନ ମହଲରୁ ନାପସନ୍ଦ କରାଯାଇଥିଲା। ଏପରିକି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ଏନେଇ ଚିନ୍ତା ପ୍ରକଟ କରିଥିଲେ। କାରଣ ଟିକା ନେବା ପରେ ହିତାଧିକାରୀମାନେ ସର୍ବନିମ୍ନ ୩୦ମିନିଟ୍ ନିରୀକ୍ଷଣ(ଅବ୍‌ଜରଭେଶନ)ରେ ରହିବା କଥା। ଫଳରେ ଟିକା ନେବା ପରେ ସେମାନଙ୍କ ଠାରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉଛି କି ନାହିଁ ତାହା ଜଣାପଡ଼ିବ। କିନ୍ତୁ ଏଭଳି ଟିକାକରଣରେ ହିତାଧିକାରୀମାନେ ଗାଡ଼ି ଉପରେ ଟିକା ନେଇ ସଙ୍ଗେ ସଙ୍ଗେ ଚାଲି ଯାଉଥିଲେ। ତେଣୁ ଡ୍ରାଇଭ୍ ଇନ୍ ଭାକ୍ସିନେଶନ କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ଦାବି ହେଉଥିଲା। ଏପରି କି ଏହି ☞ପୃଷ୍ଠା-୭

# ୨୪ ଘଣ୍ଟାରେ ୪,୫୨୯ ମୃତ

## ୫ ରାଜ୍ୟରେ ଅର୍ଦ୍ଧାଧିକ ସଂକ୍ରମିତ



ନୂଆଦିଲ୍ଲୀ,୧୯।୫

ମହାମାରୀ କରୋନାଜନିତ ମୃତ୍ୟୁରେ ଭାରତ ନୂଆ ରେକର୍ଡ ସୃଷ୍ଟି କରିଚାଲିଛି। ସୋମବାର ୪,୩୨୯ କୋଭିଡ୍ ସଂକ୍ରମିତ ପ୍ରାଣ ହରାଇଥିବାବେଳେ ମଙ୍ଗଳବାର ଦିନକ ମଧ୍ୟରେ ୪,୫୨୯ ଜଣଙ୍କ ଜୀବନ ନେଇଛି ଘାତକ ଭାଇରସ୍। ପୂର୍ବରୁ କେବେ ଦେଶରେ ଏତେ ସଂଖ୍ୟକ ସଂକ୍ରମିତଙ୍କ ଜୀବନ ଯାଇ ନ ଥିଲା। ଏହାକୁ ମିଶାଇ ଦେଶରେ ମୋଟ ମୃତକଙ୍କ ସଂଖ୍ୟା ୨,୮୩,୨୪୮ ବୋଲି ବୁଧବାର ସକାଳ ୮ଟାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୃତ୍ୟୁସଂଖ୍ୟା ଦେଖିଲେ ମହାରାଷ୍ଟ୍ରରେ ସର୍ବାଧିକ ୧,୨୯୧ ଓ କର୍ଣ୍ଣାଟକରେ ୫୨୫ ଜଣଙ୍କ ଜୀବନ ଯାଇଛି ଦିନକ ଭିତରେ। ଅନ୍ୟପକ୍ଷରେ ୨୪ ଘଣ୍ଟା ମଧ୍ୟରେ ୨,୬୭,୫୩୩ ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨,୫୪,୯୬,୩୩୦ରେ ପହଞ୍ଚିଛି। ସବୁଠୁ ବେଶି ସଂକ୍ରମିତ ଚିହ୍ନଟ ☞ପୃଷ୍ଠା-୭


# ଡଙ୍ଗା ବୁଡ଼ି ୩ ନିଖୋଜ

ମାଲକାନଗିରି/ଚିତ୍ରକୋଣ୍ଡା, ୧୯।୫(ଡି.ଏନ.ଏ.)

- ବାହାଘରରେ ଯୋଗ ଦେବାକୁ ଯାଉଥିଲେ
- ନିଖୋଜ ବ୍ୟକ୍ତିମାନେ ଗୋଟିଏ ପରିବାରର
- ଜାରି ରହିଛି ଉଦ୍ଧାର କାର୍ଯ୍ୟ

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ଦେଶୀ ଡଙ୍ଗାରେ ବାକୁଳି ନଦୀ ପାର ହୋଇ ଯାଉଥିବା ବେଳେ ଦାମୋଦରବେଡ଼ା ଗ୍ରାମଠାରେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯିବାରୁ ୩ଜଣ ନିଖୋଜ ହୋଇଯାଇଛନ୍ତି। ସମସ୍ତେ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସେମାନେ ହେଲେ ଦାମୋଦରଗୁଡା ଗ୍ରାମର ଗୋପାଳ ମୁଦୁଲି (୪୭),ତାଙ୍କ ଝିଅ ଯବନା (୨୫) ଏବଂ ଗୋପାଳଙ୍କ ତିନି ବର୍ଷର ନାତି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ଏପରି ଦୁଃଖଦ ଘଟଣା ଘଟିଛି।

ଖବରରୁ ଜଣାପଡ଼ିଛି ବୁଧବାର ସକାଳ ୮ଟାରେ ଏକ ଦେଶୀ ଡଙ୍ଗାରେ ଅଣ୍ଡରାପାଲି ପଞ୍ଚାୟତ ଓରାପଦର ଗ୍ରାମରୁ ଏକ ବାହାଘର ଭୋଜିରେ ଯୋଗଦେବାକୁ ୧୧ ଜଣ ଯାତ୍ରୀ କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତର ବାକୁଳି ଗ୍ରାମକୁ ଯାଉଥିଲେ। ନଦୀ ପାରହେବା ସମୟରେ ଦାମୋଦରବେଡ଼ା ଗ୍ରାମଠାରେ ଡଙ୍ଗାଟି ହଠାତ୍ ବୁଡ଼ିଯାଇଥିଲା। ସେଥିରେ ଥିବା ୧୧ ଜଣ ଯାତ୍ରୀଙ୍କ ମଧ୍ୟରୁ ୮ ଜଣ ପହଁରି ପହଁରି ନଦୀଘାଟକୁ ଚାଲି ଆସିଥିବା ବେଳେ ୩ ଜଣ ନିଖୋଜ ହୋଇଯାଇଥିଲେ। ଖବର ଲେଖାହେବା ବେଳକୁ କୁଡୁମୁଲୁଗୁମ୍ମା ଅଗ୍ନିଶମ ବିଭାଗ ଓ ଜୋଡାମ୍ବ ପୋଲିସ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲା।




# କୋଭିଡ୍‌ରୁ ସୁସ୍ଥହେବାର ୩ ମାସ ପରେ ଟିକା

ନୂଆଦିଲ୍ଲୀ, ୧୯।୫

କରୋନାରେ ସଂକ୍ରମିତ ବ୍ୟକ୍ତି ସୁସ୍ଥ ହେବାର ୩ ମାସ ପରେ କୋଭିଡ୍ ଟିକା ନେଇପାରିବେ। ସେହିପରି ପ୍ରଥମ ଡୋଜ୍ ଟିକା ନେବା ପରେ ଯଦି ଜଣେ ଭୂତାଣୁ ସଂକ୍ରମିତ ହୁଅନ୍ତି, ତେବେ ତାଙ୍କୁ ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ୩ ମାସ ଅପେକ୍ଷା କରିବାକୁ ପଡ଼ିବ। ନୀତି ଆୟୋଗ ସଦସ୍ୟ ଡ. ଭି.କେ. ପଲ୍‌ଙ୍କ ଅଧ୍ୟକ୍ଷତାରେ କୋଭିଡ୍ ଟିକାକରଣ ପାଇଁ ଗଠିତ ଜାତୀୟ ବିଶେଷଜ୍ଞ ଗ୍ରୁପ୍ (ଏନ୍‌ଇଜିଭିଏସି)ର ସୁପାରିସକ୍ରମେ ବୁଧବାର କେନ୍ଦ୍ର ସରକାର ଏହା ଘୋଷଣା କରିଛନ୍ତି। ସେହିପରି ସ୍ତନ୍ୟପାନ କରାଉଥିବା ମହିଳା ଟିକା ନେଇପାରିବେ ବୋଲି ବିଶେଷଜ୍ଞ ଗ୍ରୁପ୍ ସୁପାରିସ କରିଛନ୍ତି। ପୂର୍ବରୁ କରୋନାରୁ ଆରୋଗ୍ୟ ହୋଇଥିବା ☞ପୃଷ୍ଠା-୭

# ଅକ୍ସିଜେନ୍, ଔଷଧ କଳାବଜାର ରୋକ

## ମୁଖ୍ୟ ଶାସନ ସଚିବଙ୍କୁ ଓଏଚ୍‌ଆର୍‌ସିଙ୍କ ଜବାବ ତଲବ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

- କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟ ବିଭାଗ, ଡିଜିପିଙ୍କୁ ନିର୍ଦ୍ଦେଶ
- ଆମ୍ବୁଲାନ୍ସ ଦର ନିର୍ଦ୍ଧାରଣ, ଖାଦ୍ୟ ବାଣ୍ଟୁଥିବା ବ୍ୟକ୍ତିଙ୍କୁ ପ୍ରଶଂସା

କରୋନା ସଙ୍କଟ ମଧ୍ୟରେ ଆକ୍ରାନ୍ତଙ୍କ ଜୀବନ ରକ୍ଷା ପାଇଁ ଅତି ଜରୁରୀ ହୋଇଥିବା ମେଡିକାଲ ଅକ୍ସିଜେନ ଓ ଔଷଧ କଳାବଜାର ହେଉଛି। ଏନେଇ ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି) କ୍ଷୁବ୍ଧ ହୋଇଛନ୍ତି। ନିଜ ଆଡୁ ରୁଜୁ ହୋଇଥିବା ମାମଲାର ବିଚାର ପରି ଆୟୋଗ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ଶାସନ ସଚିବଙ୍କୁ ଜବାବ ତଲବ କରିଛନ୍ତି। ଏଥିସହ ଜୀବନ ରକ୍ଷାକାରୀ ଅକ୍ସିଜେନ ଓ କରୋନା ଔଷଧର କଳାବଜାର ରୋକିବା ଲାଗି ଉପଯୁକ୍ତ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଡିଜି ଓ ଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କଳାବଜାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ସେହିପରି କୋଭିଡ୍ ଦ୍ୱିତୀୟ ଲହରରେ ଗ୍ରାମାଞ୍ଚଳ ଅଧିକ ପ୍ରଭାବିତ ହେଉଥିବାରୁ ତୁରନ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି) ଖୋଲିବାକୁ ଆୟୋଗ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି। ମୃତଦେହର ଅନ୍ତିମ ସଂସ୍କାର ନେଇ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଜାରି କରିଥିବା ପରାମର୍ଶକୁ ପାଳନ ☞ପୃଷ୍ଠା-୪

# ମିଳୁନି ଆମ୍ଫୋଟେରିସିନ-ବି

ଜୟପୁର/ନୋଏଡ଼ା, ୧୯।୫

## ରାଜସ୍ଥାନରେ ବ୍ଲାକ୍ ଫଙ୍ଗସ୍ ମହାମାରୀ ଘୋଷିତ

କୋଭିଡ୍‌ରୁ ସୁସ୍ଥ ହୋଇଥିବା ଲୋକମାନଙ୍କଠାରେ ବ୍ଲାକ୍ ଫଙ୍ଗସ୍ ବା ମ୍ୟୁକୋରମାଇକୋସିସ୍ ସଂକ୍ରମଣ ଦେଖାଦେଉଥିବାବେଳେ ରାଜସ୍ଥାନ ସରକାର ବୁଧବାର ଏହି ରୋଗକୁ ମହାମାରୀ ଘୋଷଣା କରିଛନ୍ତି। ଏବେ ରାଜସ୍ଥାନରେ ଶତାଧିକ ବ୍ଲାକ୍ ଫଙ୍ଗସ୍‌ରେ ଆକ୍ରାନ୍ତ ହୋଇଥିବାବେଳେ ଜୟପୁରର ସାୱାଇ ମାନସିଂ ହସ୍ପିଟାଲରେ ସେମାନଙ୍କ ଚିକିତ୍ସା ଲାଗି ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ରାଜସ୍ଥାନ ମହାମାରୀ ଆଇନ, ୨୦୨୦ ଅନୁଯାୟୀ ମ୍ୟୁକୋରମାଇକୋସିସ୍ ଏକ ମହାମାରୀ ଓ ବିଜ୍ଞପିତ ରୋଗ ବୋଲି ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। କରୋନା ସହ ବ୍ଲାକ୍ ଫଙ୍ଗସ୍‌ର ଏକତ୍ର ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଉଥିବା ରାଜ୍ୟ ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ଅଖିଳ ଆରୋରା କହିଛନ୍ତି।




ବ୍ଲାକ୍ ଫଙ୍ଗସ୍ ରୋଗୀ ସଂଖ୍ୟା ବଢୁଥିବାବେଳେ ସେପଟେ ଏହାର ଚିକିତ୍ସା ପାଇଁ ଔଷଧର ଅଭାବ ଦେଖାଦେଇଛି। ଏହି ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ☞ପୃଷ୍ଠା-୪

# ନୂଆ ପ୍ରିଭେସି ନୀତି ପ୍ରତ୍ୟାହାର ଲାଗି ହ୍ୱାଟ୍ସଆପ୍‌କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୯।୫



ମେସେଜିଂ ସେବା ପ୍ରଦାନକାରୀ କମ୍ପାନୀ ହ୍ୱାଟ୍ସଆପ୍‌ର ନୂଆ ପ୍ରିଭେସି ନୀତି ଦେଶ ମଧ୍ୟରେ ବିବାଦୀୟ ହୋଇପଡ଼ିଛି। ନୂଆ ଅପ୍‌ଡେଟ୍‌ରେ ୟୁଜରଙ୍କ ଲାଗି ରହିଥିବା ବିଭିନ୍ନ ପ୍ରସ୍ତାବକୁ ବିରୋଧ କରାଯିବାରୁ ଏହାକୁ ଚଳିତ ମାସ ଲାଗୁ ନ କରିବାକୁ କମ୍ପାନୀ ନିକଟରେ କହିଥିଲା। ଏଭଳି ସ୍ଥିତିରେ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା ଜଣାପଡ଼ିଛି। ନୂଆ ପ୍ରିଭେସି ନୀତି ପ୍ରତ୍ୟାହାର କରିବା ଲାଗି ସରକାର ମଙ୍ଗଳବାର ହ୍ୱାଟ୍ସଆପ୍‌କୁ ନିର୍ଦ୍ଦେଶ ଦେଇଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି।

ପ୍ରିଭେସି ନୀତିରେ ପରିବର୍ତ୍ତନ ଏବଂ ଏହାକୁ ଯେଉଁଭଳି ଭାବେ କାର୍ଯ୍ୟକାରୀ କରାଯାଇଛି ତାକୁ ନେଇ ମନ୍ତ୍ରଣାଳୟ ଅସନ୍ତୋଷ ବ୍ୟକ୍ତ କରିଥିବା କୁହାଯାଇଛି। ସୂଚନାର ଗୋପନୀୟତା, ଡାଟା ସୁରକ୍ଷା, ୟୁଜରଙ୍କ ପସନ୍ଦ ଏବଂ ଭାରତୀୟ ନାଗରିକଙ୍କ ସ୍ୱାର୍ଥକୁ ଏହା କ୍ଷତି ପହଞ୍ଚାଉଥିବା ନାମ ଗୋପନ ରଖି ଏହି ସରକାରୀ ଅଧିକାରୀ ଜଣକ କହିଛନ୍ତି। ତେବେ ସରକାର ଏ ସଂକ୍ରାନ୍ତରେ ହ୍ୱାଟ୍ସଆପ୍‌କୁ ଏକ ନୋଟିସ ପଠାଇଛନ୍ତି। ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି। କମ୍ପାନୀ ଯଦି ଏହି ଅବଧିରେ ସନ୍ତୋଷଜନକ ଉତ୍ତର ନ ଦେଇପାରେ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ପରିବେଶ ଅନୁକୂଳ ଅନ୍ତିମ ସଂସ୍କାର**

### ଆଜିର ମନ୍ତବ୍ୟ

"ସିଙ୍ଗାପୁର ସହ ଭାରତର ଭଲ ସମ୍ପର୍କ ରହିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଭାରତର ସ୍ୱର ନୁହନ୍ତି।

-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



ଆମେରିକା ପ୍ରତିନିଧି ସଭାର ସ୍ପିକର ନାନ୍ସୀ ପେଲୋସି ଚାଇନାରେ ହେବାକୁ ଥିବା ୨୦୨୨ ୱିଣ୍ଟର ଅଲମ୍ପିକ୍‌କୁ ରାଜନୈତିକ ସ୍ତରରେ ବଏକଟ୍ କରାଯିବାକୁ ଆମେରିକା ସମେତ ବିଶ୍ୱସ୍ତରୀୟ ନେତାଙ୍କୁ ଆହ୍ୱାନ ଦେଇଛନ୍ତି। ମାନବାଧିକାର ଉଲ୍ଲଂଘନ କରୁଥିବା ଚାଇନାର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ବିଶ୍ୱ ନେତାମାନେ ସେମାନଙ୍କର ନୈତିକ ଅଧିକାର ହରାଇବେ ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ନେପାଳରେ ଭୂକମ୍ପ: ବହୁ ଘର କ୍ଷତିଗ୍ରସ୍ତ

**କାଠମାଣ୍ଡୁ, ୧୯।୫:** ନେପାଳର କେନ୍ଦ୍ରୀୟ ଲମଜୁଙ୍ଗ୍ ଜିଲାରେ ବୁଧବାର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୫.୮ ଥିଲା। ଏଥିରେ ୬ ଜଣ ଆହତ ହୋଇଥିବାବେଳେ ଅନେକ ଘର ଭାଙ୍ଗିରୁଜି ଯାଇଛି। ସକାଳ ୫ଟା ୪୨ରେ ପ୍ରଥମେ ଭୂକମ୍ପ ହୋଇଥିଲାବେଳେ ପରେ ଆଉ ଦୁଇଥର ବଡ଼ କମ୍ପନ ଓ ପ୍ରାୟ ୨୦ ଥର ମୃଦୁ କମ୍ପନ ଅନୁଭୂତ ହୋଇଥିଲା। ଭଗ୍ନାବଶେଷ ତଳେ ପୋତିହୋଇପଡ଼ିଥିବା ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ୨୦୧୫ ଗୋର୍ଖା ଭୂକମ୍ପର ଏହା ପଶ୍ଚାତ୍ କମ୍ପନ ବୋଲି କୁହାଯାଉଛି। ୨୦୧୫ ଏପ୍ରିଲରେ ୭.୮ ତୀବ୍ରତାର ଭୂକମ୍ପ ହୋଇଥିଲା, ଯେଉଁଥିରେ ପ୍ରାୟ ୯,୦୦୦ ଲୋକ ପ୍ରାଣ ହରାଇଥିଲେ ଓ ୮ ଲକ୍ଷ ଘର ଭାଙ୍ଗିଥିଲା।

### ତଉକ୍‌ତାଏରେ ବୋଟ୍ ବୁଡ଼ି ୨୨ ମୃତ, ୭୫ ନିଖୋଜ

**ମୁମ୍ବାଇ, ୧୯।୫:** ସାମୁଦ୍ରିକ ଝଡ଼ ତଉକ୍‌ତାଏରେ ମୁମ୍ବାଇ ଉପକୂଳରେ ପି-୩୦୫ ନାମକ ଏକ ବୋଟ୍ ବୁଡ଼ିଯାଇଥିଲା। ମୁମ୍ବାଇ ଉପକୂଳରୁ ୩୫ ନଟିକାଲ ମାଇଲ୍ ଦୂରରେ ବୁଡ଼ିଥିବା ଉକ୍ତ ବୋଟରୁ ୨୨ ମୃତଦେହକୁ ନୌସେନା ପୋତାଶ୍ରୟକୁ ଫେରାଇ ଆଣିଥିବାବେଳେ ଅନ୍ୟ ୭୫ ଜଣଙ୍କର ପତ୍ତା ମିଳୁନାହିଁ। ଦୁଇଦିନରେ ନୌସେନା ମୋଟ ୧୮୬ ଜଣଙ୍କୁ ଉଦ୍ଧାର କରିଛି। ଉକ୍ତ ବୋଟ୍‌ରେ ୨୭୩ ଜଣ ଏବଂ ଅନ୍ୟ ଏକ ଛୋଟ ବୋଟ୍‌ରେ ୨ ଜଣ ସମୁଦ୍ର ମଧ୍ୟକୁ ଯାଇଥିଲେ। ତଲାସି ଓ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ନୌସେନାର ଜଣେ ଅଧିକାରୀ କହିଛନ୍ତି।

### ହସ୍ପିଟାଲରେ ଗଣବଳାତ୍କାରର ଶିକାର ହୋଇଥିବା କରୋନା ରୋଗୀଙ୍କ ମୃତ୍ୟୁ

**ପାଟନା, ୧୯।୫(ଆଇଏଏନ୍ଏସ୍):** ବିହାର ରାଜଧାନୀ ପାଟନାର ଏକ ଘରୋଇ ହସ୍ପିଟାଲରେ ୩ କର୍ମଚାରୀଙ୍କ ଦ୍ୱାରା ଗଣବଳାତ୍କାରର ଶିକାର ହୋଇଥିବା ୪୫ ବର୍ଷୀୟା କରୋନା ରୋଗୀଙ୍କର ବୁଧବାର ମୃତ୍ୟୁ ଘଟିଛି। ଗତ ୧୭ ତାରିଖରେ ଉକ୍ତ ମହିଳା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର କରୋନା ଲକ୍ଷଣ ଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା ଓ ସେ ଚାଲି ଚାଲି ହସ୍ପିଟାଲ ଯାଇଥିଲେ ବୋଲି ତାଙ୍କ ଝିଅ କହିଛନ୍ତି। ସେହିଦିନ ହସ୍ପିଟାଲ ପରିସରରେ ୩ ଜଣ କର୍ମଚାରୀ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା। ଏ ସମ୍ପର୍କରେ ଝିଅ ଜନ ଅଧିକାର ପାର୍ଟିର ମହିଳା ଶାଖାକୁ ଜଣାଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ମହିଳାଙ୍କୁ ଭେଣ୍ଟିଲେଟରକୁ ନେବା ସହ ଏକ ଫର୍ମରେ ଦସ୍ତଖତ ନେଇଥିଲେ। ତେବେ ଡାକ୍ତରମାନେ ମହିଳାଙ୍କ ବେକରେ ଏକ ନଳୀ ଲଗାଇଥିବାରୁ ସେତେବେଳେ ସେ ପୋଲିସକୁ ବୟାନ ଦେଇପାରି ନଥିଲେ। ପୀଡ଼ିତାଙ୍କ ଝିଅ ଥାନାରେ ଏତଲା ଦେଇଥିଲେ ମଧ୍ୟ ସେଥିରେ ଅଭିଯୁକ୍ତମାନଙ୍କ ନାଁ ନ ଥିବା ପାଟନା ପୋଲିସ କହିଛି। କରୋନାରେ ମୃତ୍ୟୁ ଘଟିଥିବା ହସ୍ପିଟାଲ କହିଥିବାବେଳେ ପୋଲିସ ଏହାର ତଦନ୍ତ ଜାରି ରଖିଛି।




## ଶୈଳଜାଙ୍କ ସ୍ଥାନ ନେବେ ବୀଣା

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ କ୍ୟାବିନେଟ୍‌ରେ ମଙ୍ଗଳବାର ସାମିଲ ହୋଇଥିବା କମ୍ୟୁନିଷ୍ଟ ପାର୍ଟିର ବିଧାୟକ ବୀଣା ଜର୍ଜ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇପାରନ୍ତି। ବିଦାୟୀ ସ୍ୱାସ୍ଥ୍ୟମନ୍ତ୍ରୀ କେ. କେ. ଶୈଳଜାଙ୍କ ସ୍ଥାନରେ ବୀଣାଙ୍କୁ ଦାୟିତ୍ୱ ଦିଆଯାଇପାରେ। ସାମ୍ବାଦିକତାରୁ ରାଜନୀତିକୁ ଆସି ମନ୍ତ୍ରୀ ହେବାରେ ୪୫ ବର୍ଷୀୟା ବୀଣା କେରଳ ବିଧାନସଭାରେ ପ୍ରଥମ ମହିଳା ହେବେ। ବିଭିନ୍ନ ମାଲୟାଲମ ଚ୍ୟାନେଲରେ ନ୍ୟୁଜ୍ ଉପସ୍ଥାପିକା ଭାବେ କାମ କରିଥିବା ବୀଣା ୨୦୧୬ରେ ଅରଣମୁଲା ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ୫ ବର୍ଷ ପରେ ବି ସେ ସେହି ଆସନରୁ ପୁନଃ ବିଜୟ ଲାଭ କରିଛନ୍ତି।

## ୪ରେ 'ଦି ଫ୍ୟାମିଲି ମ୍ୟାନ-୨'

ଦୀର୍ଘ ପ୍ରତୀକ୍ଷା ପରେ ଆମାଜନ୍ ପ୍ରାଇମ୍ ଭିଡିଓରେ ବୁଧବାର ରିଲିଜ୍ ହୋଇଛି 'ଦି ଫ୍ୟାମିଲି ମ୍ୟାନ୍-୨'ର ଟ୍ରେଲର। ଏଥିରେ ମନୋଜ ବାଜପେୟୀଙ୍କୁ ତାଙ୍କ ନିଆରା ଅନ୍ଦାଜରେ ଦେଖିବାକୁ ମିଳିଥିବାବେଳେ ତେଲୁଗୁ ଷ୍ଟାର ସାମନ୍ଥା ଅକ୍କିନେନି ହିନ୍ଦୀ ଡିଜିଟାଲ ଡେବ୍ୟୁ କରିଛନ୍ତି। ଜୁନ ୪ରେ ଏହି ୱେବ ସିରିଜ ରିଲିଜ ହେବ। ଟ୍ରେଲରରେ ଫ୍ୟାମିଲି ମ୍ୟାନ୍ ଶ୍ରୀକାନ୍ତ ତିୱାରୀ (ମନୋଜ ବାଜପେୟୀ) ଫେରିଥିବା ଦେଖିବାକୁ ମିଳିଛି। ଏଥର ଅଧିକ ଶକ୍ତିଶାଳୀ ଶତ୍ରୁ ରାଜି (ସାମନ୍ଥା)ଙ୍କୁ ସେ ସାମ୍ନା କରିବେ। ମଧ୍ୟମ ବର୍ଗ ପାରିବାରିକ ମଣିଷ ସହ ବିଶ୍ୱସ୍ତରୀୟ ଗୁପ୍ତଚର ଭୂମିକାରେ ମନୋଜ ବାଜପେୟୀଙ୍କ ଡବଲ ରୋଲ ରହିଛି। ଏଥିରେ ସାମନ୍ଥାଙ୍କ ଜବରଦସ୍ତ ଆକ୍ସନ ସିନ୍ ଦେଖିବାକୁ ମିଳିଛି। ସିରିଜକୁ ୯ଟି ଭାଗରେ ରଖାଯାଇଛି।




# ଯେତେ ଢାଙ୍କିଲେ ବି ଲୁଚୁନାହିଁ

- ଭାକ୍ସିନ ଯୋଗାଣ କମୁଥିବାରୁ ବଢୁଛି ମୃତ୍ୟୁ: ରାହୁଲ
- ସୁପ୍ରିମକୋର୍ଟ କାଠଗଡ଼ାରେ ପିଏମ୍-କେୟାର୍ସ ଫଣ୍ଡ

**ନୂଆଦିଲ୍ଲୀ, ୧୯।୫**

ଭାରତରେ କୋଭିଡ୍ ମୃତ୍ୟୁସଂଖ୍ୟା ଲୁଚାଯାଉଥିବା ନେଇ କେବଳ ଦେଶରେ ନୁହେଁ, ବରଂ ବିଦେଶରେ ମଧ୍ୟ ଚର୍ଚ୍ଚା ହେଲାଣି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇବାରେ ଲାଗିଛି। ଘାତକ ଭାଇରସ୍‌ର ଦ୍ୱିତୀୟ ଲହର ସୋମବାର ୪,୩୨୯ ସଂକ୍ରମିତଙ୍କ ଜୀବନ ନେଇଥିବାବେଳେ ମଙ୍ଗଳବାର ଦିନକ ମଧ୍ୟରେ ୪,୫୨୯ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଦେଶରେ ମୋଟ ମୃତକଙ୍କ ସଂଖ୍ୟା ୨,୮୩,୨୪୮ରେ ପହଞ୍ଚିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଥିବା ଲୋକଙ୍କ ପ୍ରକୃତ ସଂଖ୍ୟା ସରକାରୀ ହିସାବଠାରୁ ଢେର ଅଧିକ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ବିଶେଷକରି ଭାଜପା ଶାସିତ ରାଜ୍ୟଗୁଡ଼ିକରେ ମୃତ୍ୟୁସଂଖ୍ୟା ଲୁଚାଯାଉଥିବା ଅଭିଯୋଗ ହେଉଛି। ସେପଟେ କ୍ରମବର୍ଦ୍ଧିଷ୍ଣୁ ମୃତ୍ୟୁ ସଂଖ୍ୟାକୁ ଦେଖି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭାକ୍ସିନ ଯୋଗାଣ କମୁଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି। କେନ୍ଦ୍ର ସରକାର ଲୋକଙ୍କ ଧ୍ୟାନ ହଟାଇବାକୁ ଉଦ୍ୟମ କରୁଛନ୍ତି। ହୋହଲ୍ଲା କରି ସତ ଲୁଚାଇବା ଓ ଅସତ୍ୟ ପ୍ରଚାର କରିବା ସରକାରଙ୍କ ନୀତି ବୋଲି ରାହୁଲ ହିନ୍ଦୀରେ ଟୁଇଟ୍ କରିଛନ୍ତି। ଇତିମଧ୍ୟରେ କୋଭିଡ୍-୧୯ ରିଲିଫ୍‌ରେ କ'ଣ ଅଗ୍ରଗତି ହୋଇଛି, ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକର ବର୍ତ୍ତମାନ ଅବସ୍ଥା ଏବଂ ଏସବୁ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗଠିତ ପ୍ରାଇମ୍ ମିନିଷ୍ଟର୍ସ ସିଟିଜେନ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚୁଏଶନ୍ସ (ପିଏମ୍-କେୟାର୍ସ) ଫଣ୍ଡରୁ ଆବଣ୍ଟିତ ଅର୍ଥର ପରିମାଣ କେତେ ତାହା ଜାଣିବା ପାଇଁ ଦେଶରେ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏସବୁ ପ୍ରଶ୍ନର ଉତ୍ତର ଦାବି କରି ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେବା ଲାଗି ନୂଆଦିଲ୍ଲୀର ସାମାଜିକ କର୍ମୀ ସାକେତ ଗୋଖଲେ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଛନ୍ତି। କୋଭିଡ୍-୧୯ ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ମାମଲା ରୁଜୁ କରିବା ସହ ପିଏମ୍-କେୟାର୍ସ ପାଣ୍ଠିକୁ ପକ୍ଷଭୁକ୍ତ କରିବା ପାଇଁ ଇଣ୍ଟରଭେନ୍‌ସନ୍ ପିଟିଶନରେ ନିବେଦନ କରିଛନ୍ତି ଏହି ପୂର୍ବତନ ଖବରଦାତା।



ପଞ୍ଜାବର ପଟିଆଲାସ୍ଥିତ ଏକ ଟିକାଦାନ କେନ୍ଦ୍ରରେ ଜଣେ ଝିଅ ଭାକ୍ସିନ ନେଉଛନ୍ତି।

## ଆମକୁ କାମରେ ଲଗାଅ


### ବିଦେଶରେ ଶିକ୍ଷାପ୍ରାପ୍ତ ୯୦ ହଜାର ଭାରତୀୟ ଡାକ୍ତରଙ୍କ ନିବେଦନ

**ନୂଆଦିଲ୍ଲୀ, ୧୯।୫**

ରୁଷିଆ, ଚାଇନା ଏବଂ ୟୁକ୍ରେନ୍‌ରେ ମେଡିକାଲ ଡିଗ୍ରୀ ହାସଲ କରିଥିବା ପ୍ରାୟ ୯୦,୦୦୦ ଭାରତୀୟ ଡାକ୍ତର ସ୍ଥାନୀୟ ଲାଇସେନ୍ସ ଅପେକ୍ଷାରେ ବସି ରହିଥିବାବେଳେ କରୋନାରେ ଚିକିତ୍ସାରେ ସେମାନଙ୍କୁ ନିଯୁକ୍ତ କରିବା ଲାଗି ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି। ମହାମାରୀ ଦ୍ୱାରା ଭାରତ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଦୈନିକ ଲକ୍ଷ ଲକ୍ଷ ଲୋକ କରୋନା ସଂକ୍ରମିତ ହେବା ସହ ୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଉଛି। ବାଂଲାଦେଶ, ଫିଲିପାଇନ୍ସ, ନେପାଳ ଓ କିର୍‌ଗିଜସ୍ତାନରେ ମେଡିକାଲ ଶିକ୍ଷାପ୍ରାପ୍ତ କରିଥିବା ଛାତ୍ରୀଛାତ୍ର ଭାରତରେ କାମ କରିବା ପାଇଁ ଅନୁମତି ପାଇବା ପୂର୍ବରୁ ସ୍ଥାନୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି। ଅଧିକାଂଶ ପରୀକ୍ଷାରେ ପାସ୍ କରିଥିବାବେଳେ ଲାଇସେନ୍ସ ଅପେକ୍ଷାରେ ରହିଛନ୍ତି। ଅନ୍ୟମାନେ ଆସନ୍ତା ମାସରେ ହେବାକୁ ଥିବା ପରୀକ୍ଷାରେ ଭାଗନେବେ। ବିଦେଶୀ ଛାତ୍ରୀଛାତ୍ରଙ୍କୁ ଅସ୍ତ୍ରୋପଚାର ପାଇଁ ଅନୁମତି ଦେବାକୁ ଆମେ କହୁନାହୁଁ, ମହାମାରୀ ସମୟରେ ସେମାନଙ୍କୁ ଆଗଧାଡ଼ିର କର୍ମଚାରୀ ଭାବେ କାର୍ଯ୍ୟ କରିବା ଲାଗି ଅନୁମତି ମିଳୁବୋଲି ଅଲ୍ ଇଣ୍ଡିଆ ଫରେନ୍ ମେଡିକାଲ ଗ୍ରାଜୁଏଟ୍ ଆସୋସିଏଶନର ସଭାପତି ନଜିରୁଲ୍ ଅମିନ୍ କହିଛନ୍ତି। ଦ୍ୱିତୀୟ ଲହରରେ ସଂକ୍ରମଣ ବଢୁଥିବାରୁ ଆଗାମୀ ଦିନରେ କ୍ରିଟିକାଲ କେୟାର ୟୁନିଟ୍‌ଗୁଡ଼ିକରେ ମେଡିକାଲ ଷ୍ଟାଫ୍ ଅଭାବ ପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇଦେଇଛନ୍ତି। ଚିକିତ୍ସା ଓ ଯତ୍ନ ନେବା ପାଇଁ ଡାକ୍ତର ଓ ନର୍ସ ନ ଥିବାରୁ ଗତ କିଛି ସପ୍ତାହ ମଧ୍ୟରେ ଆଇସିୟୁରେ ଅନେକ ରୋଗୀଙ୍କ ମୃତ୍ୟୁ ଘଟିଲାଣି। ଆଗକୁ ଏଭଳି ଘଟଣା ଜାରି ରହିବ ବୋଲି ବିଶିଷ୍ଟ କାର୍ଡିଓଲୋଜିଷ୍ଟ ଡ. ଦେବୀ ସେଟ୍ଟୀ କହିଛନ୍ତି। କାମ ଚାପ ବଢୁଥିବାରୁ ଗୁଜରାଟର ନର୍ସ ଓ ପାରାମେଡିକ୍ କର୍ମଚାରୀମାନେ ବେତନ ବୃଦ୍ଧି ଓ ବୀମା ଦାବିରେ ଧର୍ମଘଟ କରିଥିଲେ। ବିଦେଶରେ ଡାକ୍ତରୀ ପାଠପଢ଼ା ଶେଷ କରି ହଜାର ହଜାର ଗ୍ରାଜୁଏଟ୍ ବେକାର ବସିଥିବାରୁ ସେମାନଙ୍କୁ କାର୍ଯ୍ୟରେ ସାମିଲ କରିବା ଲାଗି ସରକାରଙ୍କୁ ଅନୁରୋଧ କରିଛନ୍ତି। ତେବେ ସେମାନେ ଭାରତରେ ଶିକ୍ଷାଲାଭ କରି ନ ଥିବାରୁ ଏଠାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଜରୁରୀ ବୋଲି ଜାତୀୟ ଶିକ୍ଷା ବୋର୍ଡ (ଏନ୍‌ବିଇ)ର ଅଧିକାରୀମାନେ କହିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

## 'କେନ୍ଦ୍ରକୁ କେବଳ ଭାବମୂର୍ତ୍ତି ଚିନ୍ତା'

ଏସବୁ ଭିତରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଟୁଇଟ୍‌କୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। କୋଭିଡ୍-୧୯ର ସିଙ୍ଗାପୁର ଭାରିଆଣ୍ଟ ଭାରତକୁ ତୃତୀୟ ଲହର ଆଣିପାରେ। ଏହା ଶିଶୁମାନଙ୍କ ପାଇଁ ବିପଜ୍ଜନକ ହୋଇପାରେ ବୋଲି କେଜ୍‌ରିୱାଲ ମଙ୍ଗଳବାର ଆଶଙ୍କା ବ୍ୟକ୍ତି କରିଥିଲେ। ଏହାସହ ସିଙ୍ଗାପୁର ସହ ବିମାନ ଚଳାଚଳ ବନ୍ଦ କରିବା ଏବଂ ଶିଶୁଙ୍କୁ ଭାକ୍ସିନ ଦେବା ବିକଳ୍ପ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି କେଜ୍‌ରିୱାଲ ଦାବି କରିଥିଲେ। ଏନେଇ ସିଙ୍ଗାପୁର ବହିର୍ବ୍ୟାପାର ମନ୍ତ୍ରଣାଳୟ ସେଠାରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ ନିକଟରେ ଆପତ୍ତି ଉଠାଇଛି। ସିଙ୍ଗାପୁର ବହିର୍ବ୍ୟାପାର ମନ୍ତ୍ରୀ ଭିଭିଆନ୍ ବାଲାକ୍ରିଷ୍ଣନ୍ କହିଛନ୍ତି, କେଜ୍‌ରିୱାଲଙ୍କ ମନ୍ତବ୍ୟରେ ସତ୍ୟତା ନାହିଁ। ସିଙ୍ଗାପୁର ଭାରିଆଣ୍ଟ ନାମରେ କିଛି ନାହିଁ। ରାଜନେତାମାନେ ତଥ୍ୟ ଆଧାରରେ କଥା କହିବା ଉଚିତ। ତେବେ ସବୁଠୁ ବିସ୍ମିତ କରିଛି ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ପ୍ରତିକ୍ରିୟା। ଜୟଶଙ୍କର ଟୁଇଟ୍ କରି ଲେଖିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାରତ ପାଇଁ ସତ କହୁନାହାନ୍ତି। ତାଙ୍କ ଦାୟିତ୍ୱହୀନ ମନ୍ତବ୍ୟ ସିଙ୍ଗାପୁର ସହ ଭାରତର ଦୀର୍ଘଦିନର ସୁସମ୍ପର୍କକୁ ବିଗାଡ଼ିଦେଇଛି। ଏହାର ଜବାବରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଟୁଇଟ୍ କରିଛନ୍ତି, କେନ୍ଦ୍ର ସରକାର ଓ ଭାଜପା କେବଳ ନିଜ ଭାବମୂର୍ତ୍ତିକୁ ନେଇ ଚିନ୍ତିତ। କିନ୍ତୁ ଆମେ ଆମ ପିଲାଙ୍କ ପାଇଁ ଚିନ୍ତିତ। ଆମ ବହିର୍ବ୍ୟାପାର ମନ୍ତ୍ରଣାଳୟ କେଜ୍‌ରିୱାଲଙ୍କ ମନ୍ତବ୍ୟକୁ ନେଇ ଯେତେ ପ୍ରତିକ୍ରିୟା ପ୍ରକାଶରେ ଯେତିକି ସକ୍ରିୟତା ଦେଖାଇଛି, ବିଶ୍ୱର ଅନ୍ୟ ଦେଶଗୁଡ଼ିକରୁ ଭାକ୍ସିନ ଆଣିବାରେ ସେତିକି ତତ୍ପରତା ପ୍ରକାଶ କରିଥିଲେ ଆଜି ଭାରତରେ ବଡ଼ଙ୍କ ସହ ପିଲାମାନଙ୍କୁ ମଧ୍ୟ ଭାକ୍ସିନ ଦିଆଯାଇ ସାରନ୍ତାଣି ବୋଲି ସିସୋଡିଆ କହିଛନ୍ତି। ଭାଜପା ଏହି ପ୍ରସଙ୍ଗରେ ନିମ୍ନସ୍ତରର ରାଜନୀତି କରୁଥିବା ସେ ଅଭିଯୋଗ ଆଣିଛନ୍ତି।



ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ

## 'ନିର୍ବାଚନ ଦାୟିତ୍ୱରେ ଥିବା ମାତ୍ର ୩ ଶିକ୍ଷକ କୋଭିଡ୍‌ରେ ମରିଛନ୍ତି'

**ଲକ୍ଷ୍ନୌ, ୧୯।୫:** ନିକଟରେ ଉତ୍ତରପ୍ରଦେଶରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଥିବା ୧,୬୦୦ ଶିକ୍ଷକ କୋଭିଡ୍‌ରେ ପ୍ରାଣ ହରାଇଥିବା ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଥିଲା। ଏହାକୁ ଯୋଗୀ ସରକାର ଖଣ୍ଡନ କରି ଜୀବନ ଯାଇଥିବା ଶିକ୍ଷକଙ୍କ ସଂଖ୍ୟା ମାତ୍ର ୩ ବୋଲି କହିଛନ୍ତି। ୟୁପିର ମୌଳିକ ଶିକ୍ଷା ବିଭାଗ ଅନୁସଚିବ ସତ୍ୟ ପ୍ରକାଶ କହିଛନ୍ତି, ଜିଲାପାଳମାନେ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଏକ ତାଲିକା ଦେଇଛନ୍ତି। ଏଥିରେ ନିର୍ବାଚନ ଦାୟିତ୍ୱରେ ଥାଇ ମାତ୍ର ୩ ଜଣ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି। ବିଭ୍ରାନ୍ତ ସୃଷ୍ଟିକାରୀ ରିପୋର୍ଟଗୁଡ଼ିକ ସତ୍ୟ ଉପରେ ଆଧାରିତ ନୁହେଁ ବୋଲି ସତ୍ୟ ପ୍ରକାଶ ଏକ ବିବୃତିରେ ଜଣାଇଛନ୍ତି।

## କରୋନାରେ ହାରିଗଲେ ପୂର୍ବତନ ଏନ୍ଏସ୍‌ଜି ମୁଖ୍ୟ

**ନୂଆଦିଲ୍ଲୀ, ୧୯।୫:** ଏନ୍ଏସ୍‌ଜିର ପୂର୍ବତନ ମୁଖ୍ୟ ଜେ.କେ. ଦତ୍ତଙ୍କର ବୁଧବାର କରୋନାରେ ମୃତ୍ୟୁ ଘଟିଛି। ସେ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ବେଳେ ଅପରେଶନ ବ୍ଲାକ୍ ଟର୍ନାଡୋର ନେତୃତ୍ୱ ନେଇଥିଲେ ଦତ୍ତ। ସବୁବେଳେ ସେ ଆଗରେ ନେତୃତ୍ୱ ନେଉଥିଲେ ବୋଲି ସିଆରପିଏଫ୍ ଏଡିଜି ଜୁଲଫିକର ହାସନ କହିଛନ୍ତି। ଦତ୍ତ ହେଉଛନ୍ତି ୧୯୭୧ ବ୍ୟାଚ ପଶ୍ଚିମବଙ୍ଗ କ୍ୟାଡର ଆଇପିଏସ୍ ଅଫିସର। ସେ ସିବିଆଇ ଏବଂ ସିଆଇଏସ୍ଏଫରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିଲେ। ସେ ପୋଲିସ ବୀରତା ମେଡାଲ, ଉଲ୍ଲେଖନୀୟ ସେବା ପାଇଁ ପୋଲିସ ମେଡାଲ ଏବଂ ରାଷ୍ଟ୍ରପତି ପୋଲିସ ମେଡାଲ ପାଇଥିଲେ।



ଜେ.କେ. ଦତ୍ତ

## ମାମଲା ଚାଲୁଥିବାବେଳେ ବିକ୍ଷୋଭ ଠିକ୍ କି

### ଟିଏମ୍‌ସି ନେତାଙ୍କୁ ହାଇକୋର୍ଟଙ୍କ ପ୍ରଶ୍ନ

**ନୂଆଦିଲ୍ଲୀ, ୧୯।୫**

ନାରଦ ଷ୍ଟିଙ୍ଗ୍ ଅପରେଶନ ମାମଲାରେ ଗିରଫ ହୋଇଥିବା ପଶ୍ଚିମବଙ୍ଗର ୨ ମନ୍ତ୍ରୀ, ଜଣେ ବିଧାୟକ ଓ ଜଣେ ପୂର୍ବତନ ମେୟରଙ୍କ ଜାମିନ ଆବେଦନ ଅଦାଲତଙ୍କ ବିଚାରାଧୀନ ଥିବାବେଳେ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବା ଠିକ୍ କି ବୋଲି ବୁଧବାର କୋଲକାତା ହାଇକୋର୍ଟ ଟିଏମ୍‌ସି ନେତାମାନଙ୍କୁ ପ୍ରଶ୍ନ କରିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ରାଜେଶ ବିନ୍ଦାଲ ଏବଂ ଜଷ୍ଟିସ୍ ଅରିଜିତ୍ ବାନାର୍ଜୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସିବିଆଇର ଆବେଦନ ଉପରେ ଶୁଣାଣି କରିଥିଲେ। ୩ ଟିଏମ୍‌ସି ନେତା ଓ ଜଣେ ପୂର୍ବତନ ନେତାଙ୍କୁ ସିବିଆଇ ସ୍ୱତନ୍ତ୍ର କୋର୍ଟର ଜାମିନକୁ ସିବିଆଇ ବିରୋଧ କରିବା ସହ ମାମଲାର ବିଚାର ହାଇକୋର୍ଟକୁ ସ୍ଥାନାନ୍ତର ପାଇଁ ଆବେଦନ କରିଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଆଇନ ମନ୍ତ୍ରୀ ମଲୟ ଘଟକ ସମର୍ଥକଙ୍କ ସହ ବିକ୍ଷୋଭ କରୁଥିବାରୁ ଅଭୂତପୂର୍ବ ଚାପ ପଡୁଥିବା ସିବିଆଇ ଦର୍ଶାଇଥିଲା। ହାଇକୋର୍ଟ ଗୁରୁବାର ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ ରଖିଛନ୍ତି।




ଗାଜା ସଂଘର୍ଷ ବିରୋଧରେ କାନାଡାସ୍ଥିତ ମିଶିସାଉଗାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ପାଲେଷ୍ଟାଇନ୍ ସମର୍ଥକ।

## ରାଜଭବନ ଆଗରେ ମେଣ୍ଢା ଧରି ବିକ୍ଷୋଭ



**କୋଲକାତା, ୧୯।୫**

ନାରଦ ଷ୍ଟିଙ୍ଗ୍ ଅପରେଶନ ମାମଲାର ତଦନ୍ତ କରୁଥିବା ସିବିଆଇ ପଶ୍ଚିମବଙ୍ଗର ଦୁଇ ମନ୍ତ୍ରୀ ଫିର୍‌ହାଦ ହକିମ, ସୁବ୍ରତ ମୁଖାର୍ଜୀ ଏବଂ ଟିଏମ୍‌ସି ବିଧାୟକ ମଦନ ମିତ୍ରଙ୍କୁ ଗିରଫ ପ୍ରତିବାଦରେ ସୋମବାର ଟିଏମ୍‌ସି ଦଳୀୟ କର୍ମୀମାନେ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ କୋଲକାତା ନାଗରିକ ମଞ୍ଚର ସଦସ୍ୟମାନେ ରାଜଭବନ ରାଜଭବନ ଉତ୍ତର ଗେଟ୍ ନିକଟରେ ପଲେ ମେଣ୍ଢା ଆଣି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ରାଜ୍ୟପାଳ ଜଗଦୀପ୍ ଧନ୍‌ଖର କୋଲକାତା ପୋଲିସ ମୁଖ୍ୟଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ପୋଲିସ ଉପସ୍ଥିତିରେ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଛି। ରାଜଭବନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ନିଷିଦ୍ଧାଞ୍ଚଳ ହୋଇଥିବାବେଳେ ସେଠାରେ ଉଦ୍ଦେଶ୍ୟମୂଳକ ଭାବେ ଆଇନଶୃଙ୍ଖଳା ଉଲ୍ଲଂଘନ କରାଯାଇଥିବା ନେଇ ଧନ୍‌ଖର ଅଭିଯୋଗ କରିଛନ୍ତି।

## ଡିଏନ୍ଏ କହିବ କଲମ୍ବସ୍ କାହାଣୀ

**ସମୁଦ୍ର ପଥରେ ଆମେରିକାକୁ ବାଟ ଖୋଜିଥିବା ଖ୍ରୀଷ୍ଟୋଫର କଲମ୍ବସ୍ ୟୁରୋପର ଉପନିବେଶକୁ ସେଠାରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲେ। ହେଲେ ବାସ୍ତବରେ ସେ କେଉଁ ଦେଶର ନାଗରିକ ତାହା ଏବେ ବି ରହସ୍ୟ ଘେରରେ। ଏହା ସ୍ପଷ୍ଟ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ବୈଜ୍ଞାନିକମାନେ ଉଦ୍ୟମ ଆରମ୍ଭ କରିଛନ୍ତି। କଲମ୍ବସ୍‌ଙ୍କ ଅସ୍ଥି ନମୁନାରୁ ଡିଏନ୍ଏ ଟେଷ୍ଟ କରାଯିବା ପରେ ବାସ୍ତବ ତଥ୍ୟ ଜଣାପଡ଼ିବ ବୋଲି କୁହାଯାଇଛି।**

- ଜଳପଥରେ ଆମେରିକା ଆବିଷ୍କାର କରିଥିଲେ ଖ୍ରୀଷ୍ଟୋଫର କଲମ୍ବସ୍
- ୫ ମାସରେ ଆସିବ ରିପୋର୍ଟ

**ମାଦ୍ରିଦ୍, ୧୯।୫:** ସମୁଦ୍ର ପଥ ଅନୁସନ୍ଧାନକାରୀ ଖ୍ରୀଷ୍ଟୋଫର କଲମ୍ବସ୍ ପ୍ରକୃତରେ ଇଟାଲୀର ଜେନୋଆରୁ ଆସିଥିଲେ ନା ସେ ସ୍ପେନ ବାସିନ୍ଦା ଥିଲେ, ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଏପରିକି ସେ ପର୍ତ୍ତୁଗୀଜ, କ୍ରୋଏସିଆ କିମ୍ବା ପୋଲାଣ୍ଡର ନାଗରିକ ବୋଲି ମଧ୍ୟ ଅନେକ ସ୍ଥାନରେ ବର୍ଣ୍ଣନା କରାଯାଇଛି। ଏହାର ଠିକ୍ ଉତ୍ତର ପାଇବା ପାଇଁ ଅନୁସନ୍ଧାନ ଆରମ୍ଭ କରିଛନ୍ତି ଅନ୍ତର୍ଜାତୀୟ ବୈଜ୍ଞାନିକ। ତାଙ୍କ ଦେହାବଶେଷରୁ ଡିଏନ୍ଏ ଟେଷ୍ଟ କରାଯିବା ପ୍ରକ୍ରିୟା ସହ ତାଙ୍କ ପ୍ରକୃତ ଭୌଗୋଳିକ ଉତ୍ପତ୍ତି ଚିହ୍ନଟ ପାଇଁ ବୁଧବାରଠାରୁ ଗବେଷଣା ଆରମ୍ଭ କରାଯାଇଛି। ଆଉ ୫ ମାସ ପରେ ଅର୍ଥାତ ଅକ୍ଟୋବରରେ ଏହାର ଉତ୍ତର ସାମ୍ନାକୁ ଆସିବ।

ପଞ୍ଚଦଶ ଶତାବ୍ଦୀର ଏହି ସମୁଦ୍ର ଯାତ୍ରୀଙ୍କ ଜୀବନ କାହାଣୀ ବିଷୟରେ ଖୁବ୍ କମ ଜଣାଅଛି। ୫୧୫ ବର୍ଷ ପୂର୍ବେ କଲମ୍ବସ୍‌ଙ୍କ ମୃତ୍ୟୁ ହୋଇସାରିଛି। ସେଭିଲର କ୍ୟାଥେଡ୍ରାଲରେ କବରରେ ଥିବା ଅସ୍ଥିଗୁଡ଼ିକ କଲମ୍ବସ୍‌ଙ୍କର ବୋଲି ୨୦୦୩ରେ ହୋଇଥିବା ଡିଏନ୍ଏ ଟେଷ୍ଟରୁ ଜଣାପଡ଼ିଥିଲା। ଏହି ଆବିଷ୍କାର ପରେ ଗବେଷଣାର ନେତୃତ୍ୱ ନେଇଥିବା ସ୍ପେନର ୟୁନିଭର୍ସିଟି ଅଫ୍ ଗ୍ରାନାଡା ତଦନ୍ତକୁ ଆଗକୁ ନ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଥିଲା। ସେତେବେଳେ ଡିଏନ୍ଏ ଟେକ୍ନୋଲୋଜି ଶତପ୍ରତିଶତ ଠିକ୍ କିମ୍ବା ସମ୍ପୂର୍ଣ୍ଣ ଭରସା ଯୋଗ୍ୟ ନ ଥିବାରୁ ଅନୁସନ୍ଧାନ ଅଟକା ଯାଇଥିବା ୟୁନିଭର୍ସିଟି ପକ୍ଷରୁ କୁହାଯାଇଥିଲା। ଏଥିପାଇଁ ଅଧିକ ମାତ୍ରାରେ ଜେନେଟିକ୍ ପଦାର୍ଥର ଆବଶ୍ୟକ ଥିବା ରିସର୍ଚ୍ଚ ଟିମ୍ କହିଥିଲା। ତେବେ ସାମ୍ପ୍ରତିକ ଡିଏନ୍ଏ ପରୀକ୍ଷଣର ସଫଳତା ପରେ ଜିନ୍ ଜିଓଗ୍ରାଫି ଦ୍ୱାରା ଏହି ୟୁରୋପୀୟ ବ୍ୟକ୍ତିଙ୍କ ପ୍ରକୃତ ଠିକଣା ଜଣାପଡ଼ିବ ବୋଲି ଆଶା କରାଯାଉଛି।



କଲମ୍ବସ୍‌ଙ୍କ ସମେତ ତାଙ୍କ ପୁଅ ହର୍ନାଣ୍ଡୋ ଏବଂ ଭାଇ ଡିଏଗୋଙ୍କ ଅସ୍ଥିରୁ ଡିଏନ୍ଏ ପରୀକ୍ଷା କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ୟୁନିଭର୍ସିଟିର ପ୍ରଫେସର ଜୋସ୍ ଆଣ୍ଟୋନିଓ ଲରେଣ୍ଟ କହିଛନ୍ତି। ସେମାନଙ୍କ ହାଡ଼ ନମୁନାକୁ ଇଟାଲୀର ରୋମ ଏବଂ ଫ୍ଲୋରେନ୍ସର ଜେନେଟିକ୍ ଆଇଡେଣ୍ଟିଫିକେଶନ୍ ଲାବରେଟୋରିକୁ ପଠାଯାଇଛି। ୧୪୯୨ରୁ ୧୫୦୪ ମଧ୍ୟରେ ଆଟ୍‌ଲାଣ୍ଟିକ୍ ମହାସାଗରରେ ସେ ୪ ଥର ଯାତ୍ରା କରି ଆମେରିକାରେ ୟୁରୋପର ଉପନିବେଶକରଣ ପାଇଁ ବାଟ ଫିଟାଇଥିଲେ। ୨୦ ମେ ୧୫୦୬ରେ କଲମ୍ବସ୍‌ଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ସ୍ପେନର ସହର ଭାଲ୍ଲାଡଏଡ୍‌ଠାରେ କବର ଦିଆଯାଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୫୨,୯୩,୧୧୨ | ୩୪,୨୫,୫୧୦ | ୧୪,୪୩,୫୮,୫୭୦ |
| ଭାରତ | ୨,୫୭,୪୩,୨୪୧ | ୨,୮୬,୯୫୨ | ୨,୨୩,୩୩,୯୦୦ |
| ଓଡ଼ିଶା | ୬,୪୪,୪୦୧ | ୨୩୭୮(+୫୩) | ୫,୪୬,୬୩୧ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଲକ୍‌ଡାଉନ ବେଳେ ଗାଁ ଛାଡ଼ିବାକୁ ନୋଟିସ

## ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

- ନୋଟିସ ଜାରି କରି ପ୍ରଶାସନର କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ
- ୧୧ ଦଫା ଦାବି ପୂରଣ ପରେ ବିସ୍ଥାପନ କରିବାକୁ ଦାବି

**ବଲାଙ୍ଗୀର ଅଫିସ, ୧୯।୫**

କୋଭିଡ୍ ମହାମାରୀ ସମୟରେ ଲୋକଙ୍କୁ ଅଯଥାରେ ଘରୁ ନ ବାହାରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହାଦ୍ୱାରା କୋଭିଡ୍ ସଂକ୍ରମଣ ଚେନ୍ ବ୍ୟାହତ ହେବ ବୋଲି କୁହାଯାଉଛି। ତେବେ ବଲାଙ୍ଗୀର ଜିଲା ପ୍ରଶାସନ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରି ଜିଲାର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ପରଧିଆପାଲି ଗ୍ରାମବାସୀଙ୍କୁ ୭ଦିନ ମଧ୍ୟରେ ଗାଁ ଓ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛି । ଜିଲା ପ୍ରଶାସନର ଏଭଳି ବିଚିତ୍ର ଓ ଅମାନବୀୟ ନିର୍ଦ୍ଦେଶକୁ ପରଧିଆପାଲି ଗ୍ରାମବାସୀ ନିନ୍ଦା କରିଛନ୍ତି। ଏଦିଗରେ ବିହିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ, ମାନବିକ ଅଧିକାର କମିଶନ ଓ ଜନପ୍ରତିନିଧିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପୁନର୍ବସତି ଓ ଥଇଥାନ କାର୍ଯ୍ୟାଳୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ନୋଟିସ ସଂଖ୍ୟା ୨୦/ତା୧୩।୪।୨୦୨୧ରିଖ ଅନୁଯାୟୀ ପରଧିଆପାଲି ଗ୍ରାମବାସୀଙ୍କୁ ସର୍ବସାଧାରଣ ନୋଟିସ ଜାରି କରିଥିଲେ। ଏହି ନୋଟିସ ଦିଆଯିବାର ୨୮ ଦିନ ପରେ ଅର୍ଥାତ୍ ମେ ୧୧ ତାରିଖରେ ଉକ୍ତ କାର୍ଯ୍ୟାଳୟ ପକ୍ଷରୁ ପରଧିଆପାଲି ଗ୍ରାମବାସୀଙ୍କୁ ଆଉ ଏକ ନୋଟିସ ଜାରି କରାଯାଇଥିଲା। ଉକ୍ତ ନୋଟିସରେ ଗତ ୨୬ ଏପ୍ରିଲରୁ ୩୦ଏପ୍ରିଲ ମଧ୍ୟରେ ଗାଁରେ କ୍ୟାମ୍ପ କରାଯାଇଥିଲା । ଉକ୍ତ କ୍ୟାମ୍ପରେ ପ୍ରାପ୍ୟ ଗ୍ରହଣ ନିମନ୍ତେ ବିସ୍ଥାପିତମାନେ ଆବଶ୍ୟକ କାଗଜପତ୍ର ଦାଖଲ କଲେନାହିଁ । ଏଣୁ ମଞ୍ଜୁର ରାଶି ପରବର୍ତ୍ତୀ ଦିନମାନଙ୍କରେ ଅଫିସରୁ ଆସି ଗ୍ରହଣ କରିପାରିବେ ବୋଲି କୁହାଯାଇଥିଲା । ଦ୍ୱିତୀୟ ନୋଟିସ ଜାରି କରାଯିବାର ୭ଦିନ ମଧ୍ୟରେ ନିଜ ଗ୍ରାମସ୍ଥିତ ବାସଗୃହ ତ୍ୟାଗ କରି ଅନ୍ୟତ୍ର ବିସ୍ଥାପନ ନ ହେଲେ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି ।

ବର୍ତ୍ତମାନ ବଲାଙ୍ଗୀର ଜିଲା ସମେତ ରାଜ୍ୟରେ ସପ୍ତାହାନ୍ତ ଦୁଇଦିନିଆ ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ଘୋଷଣା କରାଯାଇଛି । ଏତିକିବେଳେ ଜିଲା ପ୍ରଶାସନ ଗାଁ ଓ ଘର ଛାଡିବାକୁ ନିର୍ଦ୍ଦେଶ ଦେବାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ପରଧିଆପାଲି ଗ୍ରାମବାସୀ। ପ୍ରକଳ୍ପ ସପକ୍ଷବାଦୀ ହେବା ସତ୍ତ୍ୱେ ପ୍ରଶାସନ ସେମାନଙ୍କୁ ଏଭଳି ନୋଟିସ ଜାରି କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଦୁଇବର୍ଷରୁ ଊର୍ଦ୍ଧ୍ୱ ହେଲା ବିସ୍ଥାପିତଙ୍କ ୧୧ ଦଫା ଦାବି ପୂରଣ ହୋଇନାହିଁ। ଏହାସତ୍ତ୍ୱେ ପ୍ରଶାସନ ସେମାନଙ୍କୁ ନୋଟିସ ଜାରି କରୁଛି ବୋଲି କହିଛନ୍ତି । ଏ ଦିଗରେ ଲୋଇସିଂହା, ବଲାଙ୍ଗୀର ଓ କଣ୍ଟାବାଞ୍ଜି ବିଧାୟକ, ମୁଖ୍ୟମନ୍ତ୍ରୀ, ଜାତୀୟ ଓ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିବା ଗ୍ରାମବାସୀ ଜଣାଇଛନ୍ତି। ୨୦୨୧ ଜାନୁୟାରୀ ୧ ସୁଦ୍ଧା ୧୮ବର୍ଷ ବୟସ୍କଙ୍କୁ ଥଇଥାନ ତାଲିକାରେ ଅନ୍ତର୍ଭୁକ୍ତ କରିବା, ସମସ୍ତଙ୍କୁ ସମାନ ଥଇଥାନ ରାଶି ଦିଆଯିବା ସମେତ ୧୧ ଦଫା ଦାବି ପୂରଣ ପରେ ଯାଇ ସେମାନଙ୍କୁ ବିସ୍ଥାପିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଉପରୋକ୍ତ ଦୁଇ ନୋଟିସ ସମ୍ପର୍କରେ ପଚାରିବାକୁ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ରଙ୍କୁ ତାଙ୍କ ମୋବାଇଲ ନଂ ୯୪୩୭୩୩୧୫୬୧ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେଉଥିଲେ ବି ରିସିଭ୍ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ପୁରୀରେ ଖବରଦାତାଙ୍କୁ ପୋଲିସର ଆକ୍ରମଣ

**ପୁରୀ ଅଫିସ,୧୯।୫**

ପୁରୀରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ବୁଧବାର ପୋଲିସ ଆକ୍ରମଣ କରିଛି। ବଡ଼ ଶଙ୍ଖ ପରିବା ମାର୍କେଟରେ ବୁଧବାର ସକାଳେ ଫଳ ବ୍ୟବସାୟୀ ଦୀପକ କୁମାର ସାହୁଙ୍କୁ ପୋଲିସ ମାଡ଼ମାରିବା ଘଟଣାର ଖବର ସଂଗ୍ରହ କରିବାକୁ ଯାଇଥିବା ପୁରୀ ଜିଲା ଧରିତ୍ରୀ ଖବରଦାତା ଦତ୍ତାତ୍ରେୟ ନାୟକଙ୍କୁ ପୋଲିସ କର୍ମଚାରୀ ଅମାନୁଷିକ ଭାବେ ଆକ୍ରମଣ କରିଛନ୍ତି। ଏପରିକି ଖବରଦାତା ବୋଲି ପରିଚୟ ଦେଇଥିଲେ ମଧ୍ୟ ଧକ୍କାମାରି ଦେଇ ପିସିଆର୍ ଭ୍ୟାନ୍ ଭିତରେ ପୁରାଇବାକୁ ଚେଷ୍ଟା କରିଥିଲେ। ଜଣେ ଖବରଦାତାଙ୍କ ଉପରେ ଏଭଳି ଆକ୍ରମଣକୁ ବିଭିନ୍ନ ମହଲରୁ ନିନ୍ଦା କରାଯିବା ପରେ ଘଟଣାକୁ ଆପୋଷ ସମାଧାନ କରିବାକୁ ଚେଷ୍ଟା କରିଛି। ଏହି ଘଟଣା ଉଦ୍ଦେଶ୍ୟମୂଳକ ନୁହେଁ ବୋଲି କହିବା ସହ ଏହାର ତଦନ୍ତ କରାଯିବ ବୋଲି ଏସ୍‌ପି କନ୍‌ୱର ବିଶାଲ୍ ସିଂ କହିଛନ୍ତି।

## ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ କରିଥାଏ

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

କରୋନାରୁ ସୁସ୍ଥ ହେବାପରେ ଅନେକ ଆକ୍ରାନ୍ତ ବ୍ଲାକ ଫଙ୍ଗସ୍ ଦ୍ୱାରା ସଂକ୍ରମିତ ହେଉଛନ୍ତି। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଲେ ବ୍ଲାକ୍ ଫଙ୍ଗସ୍ ଭାଇରସ୍ ଶରୀରରେ ପଶେ ବୋଲି ଏସ୍‌ସିବି ମେଡିକାଲ କଲେଜ ମେଡିସିନ ବିଭାଗ ମୁଖ୍ୟ ଡା. ଜୟନ୍ତ ପଣ୍ଡା କହିଛନ୍ତି। ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ପରାମର୍ଶଭିତ୍ତିକ କାର୍ଯ୍ୟକ୍ରମରେ ଡା. ପଣ୍ଡା ବ୍ଲାକ୍ ଫଙ୍ଗସ ଓ ତା'ର ଚିକିତ୍ସା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ଭାଇରସ୍ ସବୁବେଳେ ବାୟୁମଣ୍ଡଳରେ ଥାଏ। ଶ୍ୱାସକ୍ରିୟା ଜରିଆରେ ଶରୀର ମଧ୍ୟରେ ପ୍ରବେଶ କରିଥାଏ। ଯେଉଁମାନଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ୍ ରହିଥାଏ ସେମାନଙ୍କୁ ଏହି ଭାଇରସ୍ ଅତିଶୀଘ୍ର ସଂକ୍ରମଣ କରେ। ମଧୁମେହ ରୋଗୀଙ୍କ କ୍ଷେତ୍ରରେ ଏହା ଅଧିକ ମାତ୍ରାରେ ଦେଖାଯାଏ। ବ୍ଲାକ୍ ଫଙ୍ଗସ୍ ହେଲେ ଆଖି ଫୁଲିବା, ନାକରୁ କଳା ପାଣି ବାହାରିବା ଲକ୍ଷଣ ସହ ପତଳା ଝାଡ଼ା ହେବା ବା ଚର୍ମରେ କଳା କଳା ଫୋଟକା ହେବା ଲକ୍ଷଣ ସାଧାରଣ ଭାବରେ ଦେଖାଯାଏ। ପତଳା ଝାଡ଼ା ବା ଚର୍ମରେ କଳା ଫୋଟକା ଲକ୍ଷଣ ଥିବା ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କୁ ଏମ୍ଫୋଟେରିସିନ୍-ବି(Amphotericin B)ଔଷଧ ଦିଆଯାଏ। ରାଜ୍ୟରେ ଏହି ଔଷଧ ପର୍ଯ୍ୟାପ୍ତ ପରିମାଣର ଷ୍ଟକ୍ ରହିଥିବା ଡା. ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଟିବି ଡେମୋନ୍‌ଷ୍ଟ୍ରେଶନ କେନ୍ଦ୍ରର ମାଇକ୍ରୋବାୟୋଲୋଜି ପରାମର୍ଶଦାତା ଡା. ପରେଶ ନାଥ ମହାନ୍ତି, ଭୁବନେଶ୍ୱରସ୍ଥିତ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ମଧ୍ୟ ଉପସ୍ଥିତ ରହି ଏହି ରୋଗ ସମ୍ପର୍କରେ କହିଥିଲେ।

## ସଂକ୍ଷେପରେ

### ୨୦ରୁ ହାଇକୋର୍ଟ ଶଟ୍‌ଡାଉନ୍

**କଟକ ଅଫିସ, ୧୯।୫:** କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଆସନ୍ତା ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ କରାଯାଇଛି । ଆସନ୍ତା ୨୮ ତାରିଖରୁ ପୁନର୍ବାର ରୋଷ୍ଟର କୋର୍ଟ କାର୍ଯ୍ୟକାରୀ ହେବ। ତେବେ ୨୦ରୁ ୨୭ ତାରିଖ ମଧ୍ୟରେ ରୋଷ୍ଟର କୋର୍ଟରେ ଥିବା ମାମଲାଗୁଡିକୁ ବାତିଲ କରାଯାଇଛି। ମେ' ୩୧, ଜୁନ୍ ୨ ଓ ୪ ତାରିଖରେ ଏହି ମାମଲାର ଶୁଣାଣି କରାଯିବ। ରେଜିଷ୍ଟ୍ରାର(ଜୁଡିସିଆଲ) ଓ ଡେପୁଟି ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ନିକଟରେ ଉପସ୍ଥିତ ହୋଇ ଜରୁରୀ ମାମଲାଗୁଡିକର ବିଚାର ପାଇଁ ଜଣାଇଲେ ବ୍ୟବସ୍ଥା କରାଯିବ। ତେବେ ଆସନ୍ତା ୨୦ରୁ ୨୭ ମଧ୍ୟରେ ଥିବା ଅତିଜରୁରୀ ମାମଲା ସମ୍ପର୍କରେ ଆବେଦନକାରୀ ରେଜିଷ୍ଟ୍ରାର(ଜୁଡିସିଆଲ)ଙ୍କୁ ପୂର୍ବାହ୍ନ ୧୧ରୁ ୧୨ଟା ମଧ୍ୟରେ ମେଲ୍(id:ohc.mentionmemos@gmail.com) ଯୋଗେ ଜଣାଇଲେ ତାହା ମୁଖ୍ୟ ବିଚାରପତିଙ୍କ ନିର୍ଦ୍ଦେଶାନୁସାରେ ବିଚାର ପାଇଁ ନିଆଯିବ ବୋଲି ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ପକ୍ଷରୁ ନିର୍ଦ୍ଦେଶାନାମା ଜାରି କରାଯାଇଛି।

### ସ୍ୱାସ୍ଥ୍ୟକର୍ମୀଙ୍କ ପରିବାର ନେବେ ଟିକା

**ଭୁବନେଶ୍ୱର, ୧୯।୫(ବ୍ୟୁରୋ):** ରାଜ୍ୟକୁ କରୋନା ମୁକ୍ତ କରିବାକୁ ରାଜ୍ୟ ସରକାର ପ୍ରତିଦିନ ବିଭିନ୍ନ ପଦକ୍ଷେପ ନେବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟକର୍ମୀଙ୍କ ପରିବାର ସଦସ୍ୟଙ୍କୁ କୋଭିଡ୍ ଟିକା ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟକର୍ମୀମାନେ ସିଧାସଳଖ କରୋନା ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବାରୁ ସେମାନଙ୍କ ପରିବାର ପ୍ରତି ସଂକ୍ରମଣ ଭୟ ଅଧିକ ରହୁଛି। ତେଣୁ ସ୍ୱାସ୍ଥ୍ୟକର୍ମୀଙ୍କ ପରିବାର ଲୋକଙ୍କୁ ନିଜ ଜିଲାରେ ଟିକା ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଜାନୁୟାରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଥମେ ଟିକା ଦିଆଯାଇଥିଲା। ଏହା ମଧ୍ୟରେ ରାଜ୍ୟରେ ୯୫ ପ୍ରତିଶତ ସ୍ୱାସ୍ଥ୍ୟ କର୍ମୀ ଟିକା ନେଇ ସାରିଥିବା ଚିଠିରେ ଉଲ୍ଲେଖ ରହିଛି।

### ବଜ୍ରପାତ ନେଲା ୨ ଜୀବନ

#### ଆମ୍ବ ଗୋଟାଇବା ବେଳେ ଅଘଟଣ

**ବାଙ୍ଗିରିପୋଷି,୧୯।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ମଶାଣିବିଲା ଗାଁରେ ବୁଧବାର ବଜ୍ରପାତରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ପିଥରାମ ଟୁଡୁଙ୍କ ଝିଅ ବାସିକି(୧୫) ଓ ମୁଚିଆ ଟୁଡୁଙ୍କ ପୁଅ ସାଲାଇ ଟୁଡୁ(୧୧)। ବାଙ୍ଗିରିପୋଷି ଥାନା ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ୨ଟି ଅପମୃତ୍ୟୁ ମାମଲା(ନଂ.୨୮ ଓ ୨୯/୨୧) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଅପରାହ୍ନ ୩.୩୦ ସମୟରେ ବାସିକି ଓ ସାଲାଇ ଘରପାଖ ବଗିଚାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିଲେ। ଏହି ସମୟରେ ବର୍ଷା ପବନ ସହ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

### ଅର୍ଥ ନ ଦେବାରୁ ଠିକାଦାରଙ୍କୁ ହତ୍ୟା

**ପଟ୍ଟାଙ୍ଗୀ,୧୯।୫(ଡି.ଏନ.ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକରେ ବୁଧବାର ଅର୍ଥ ଆଦାୟକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ହେଉଛନ୍ତି ରାମ ଖିଲା। ସେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗିଙ୍କ ସଢୁ ବୋଲି ଜଣାପଡିଛି। ଏ ସମ୍ପର୍କରେ ବ୍ଲକ ଅଧକ୍ଷ ଜଗତଜ୍ୟୋତି ପାଙ୍ଗି ସୂଚନାଦେଇ କହିଛନ୍ତି ଯେ, ରାମ କୁନ୍ଦୁଲି ଗ୍ରାମରେ ଏଲ୍‌ଆଇ ପଏଣ୍ଟ ନିର୍ମାଣ କାର୍ଯ୍ୟ ଠିକା ନେଇଥିଲେ। ଏନେଇ ଗତ କିଛି ଦିନ ହେଲା କେତେକ ବ୍ୟକ୍ତି ତାଙ୍କୁ ଅର୍ଥ ମାଗି ଆସୁଥିଲେ। ରାମ ଅର୍ଥ ନ ଦେବାରୁ ତାଙ୍କୁ ଧମକଚମକ ଦେଉଥିଲେ। ବୁଧବାର ରାମଙ୍କ ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବଚସା ହୋଇଥିଲା। ଏହି ସମୟରେ ସମ୍ପୃକ୍ତ ବ୍ୟକ୍ତିମାନେ ରାମଙ୍କୁ ହତ୍ୟା କରିଥିଲେ। ଘଟଣା ନେଇ କୁନ୍ଦୁଲିରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ପଟ୍ଟାଙ୍ଗୀ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଆଇସ୍‌କ୍ରିମ୍ କାଠିରେ କେଦାରନାଥ ମନ୍ଦିର ପ୍ରତିକୃତି

**ପୁରୀ ଅଫିସ, ୧୯।୫**

ପୁରୀ କୁମ୍ଭିପାଟଣା ଅଞ୍ଚଳର ଯୁବ ଶିଳ୍ପୀ ବିଶ୍ୱଜିତ ନାୟକ ୧୪୫ଟି ଆଇସ୍‌କ୍ରିମ କାଠିରେ ପ୍ରଭୁ କେଦାରନାଥଙ୍କ ମନ୍ଦିରର ପ୍ରତିକୃତି ନିର୍ମାଣ କରିଛନ୍ତି। ମନ୍ଦିର ଉଚ୍ଚତା ୧୦ ଇଞ୍ଚ ଓ ଲମ୍ବ ୭ଇଞ୍ଚ ରହିଛି। ଏହା ନିର୍ମାଣ ପାଇଁ ପ୍ରାୟ ୨୭ଘଣ୍ଟା ସମୟ ଲାଗିଥିଲା। ପରମ୍ପରା ଅନୁଯାୟୀ, ଭକ୍ତଙ୍କ ପାଇଁ ୬ମାସ କେଦାରନାଥ ମନ୍ଦିର ଖୋଲା ଓ ୬ମାସ ବନ୍ଦ ରହେ। ଚଳିତମାସ ୧୭ ତାରିଖରେ ଏହି ମନ୍ଦିର ଖୋଲିଛି। ମାତ୍ର କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଭକ୍ତଙ୍କ ଦର୍ଶନ ଉପରେ ରାଜ୍ୟ ସରକାର କଟକଣା ଲଗାଇଛନ୍ତି। ତେଣୁ ବିଶ୍ୱଜିତ ତାଙ୍କ କଳାକୃତି ମାଧ୍ୟମରେ ଅଗଣିତ ଭକ୍ତଙ୍କୁ କେଦାରନାଥ ମନ୍ଦିରର ଝଲକ ଦେଖାଇବାକୁ ଚେଷ୍ଟା କରିଛନ୍ତି। ସେ ତାଙ୍କ କଳାକୃତିରେ କେଦାରନାଥ ମନ୍ଦିର ସହ ମହାଦେବଙ୍କ ଆୟୁଧ ତ୍ରିଶୂଳକୁ ସ୍ଥାନ ଦେଇଛନ୍ତି। ଏହି କଳାକୃତି ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇବା ନେଇ ସେ ଆବେଦନ କରିଥିବା ବିଶ୍ୱଜିତ କହିଛନ୍ତି।



ନିଜ କଳାକୃତି ସହ ବିଶ୍ୱଜିତ୍।

## ନୂଆ ଆର୍‌ଟି-ପିସିଆର୍ କିଟ୍ ଅଧିକ ପ୍ରଭାବୀ

**ନୂଆଦିଲ୍ଲୀ, ୧୯।୫**

କରୋନା ମହାମାରୀର ଦ୍ୱିତୀୟ ଲହର ବଢ଼ିଚାଲିଥିବାବେଳେ କେନ୍ଦ୍ର ସରକାର କୋଭିଡ୍ ପରୀକ୍ଷା ପାଇଁ ନୂଆ ଆର୍‌ଟି-ପିସିଆର୍ କିଟ୍ ଆଣିଛନ୍ତି। ଏହା କୋଭିଡ୍-୧୯ ବିରୋଧୀ ଲଢ଼େଇକୁ ଆହୁରି ଶକ୍ତିଶାଳୀ କରିବ ବୋଲି କୁହାଯାଉଛି। ନୂଆ ମଲ୍ଟିପ୍ଲେକ୍ସ ଆର୍‌ଟି-ପିସିଆର୍ କିଟ୍ ସହଜରେ ସାର୍ସ-କୋଭ୍-୨ ମ୍ୟୁଟେଶନଗୁଡ଼ିକୁ ଚିହ୍ନଟ କରିବ। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟାଶନାଲ ଇମ୍ପୋର୍ଟାନ୍ସ (ଆଇଏନ୍‌ଆଇ), ଶ୍ରୀ ଚିତ୍ରା ତିରୁନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି (ଏସ୍‌ସିଟିଆଇଏମ୍‌ଏସ୍‌ଟି) ମିଳିତ ଭାବେ ଏହି କିଟ୍‌କୁ ବିକଶିତ କରିଛନ୍ତି। ଏହା କୋଭିଡ୍‌ର ବିଭିନ୍ନ ମ୍ୟୁଟେଶନ ବିରୋଧୀ ଲଢ଼େଇରେ ଏକ ଉଲ୍ଲେଖନୀୟ ଅସ୍ତ୍ର ହୋଇପାରିବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସଚିବ ଆଶୁତୋଷ ଶର୍ମା କହିଛନ୍ତି।

ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ କହିବା ଅନୁଯାୟୀ ଉକ୍ତ କିଟ୍ ଦୁଇଟି ସାର୍ସ-କୋଭ-୨ ଜିନ୍: ଆର୍‌ଡିଆର୍‌ପି ଏବଂ ଓଆର୍‌ଏଫ୍‌ବି-ଏନ୍‌ଏସ୍‌ପି୧୪ ଏବଂ ହ୍ୟୁମାନ ଆର୍‌ଏନ୍‌ଏସ୍‌ଇ ପି ଜିନ୍‌କୁ ଟାର୍ଗେଟ କରି ମ୍ୟୁଟାଣ୍ଟ ଷ୍ଟ୍ରେନ୍‌କୁ ଚିହ୍ନଟ କରିବାରେ ସହାୟକ ହେବ। ମଲ୍ଟିପ୍ଲେକ୍ସ ଟାକମାନ୍ କେମେଷ୍ଟ୍ରି ଆଧାରରେ ନୂଆ କିଟ୍ ପ୍ରସ୍ତୁତ ହୋଇଛି, ଯାହା ଗୋଟିଏ ପ୍ରକ୍ରିୟାରେ ସମସ୍ତ ତିନୋଟି ଜିନ୍‌କୁ ବିସ୍ତାର କରିପାରିବ। ଏଥିପାଇଁ ୪୫ ମିନିଟ ସମୟ ଲାଗିବ। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ମଧ୍ୟ ପୁଣେର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରେ ଉକ୍ତ କିଟ୍‌କୁ ମାନ୍ୟତା ପ୍ରଦାନ କରିଛି। କୋଭିଡ୍-୧୯ ଚିହ୍ନଟରେ ଏହାର ୯୭.୩ ପ୍ରତିଶତ ଗ୍ରହଣଶୀଳତା ଓ ୧୦୦% ନିର୍ଦ୍ଦିଷ୍ଟତା ରହିଛି ବୋଲି ଆଇସିଏମ୍‌ଆର୍ କହିଛି।



## ମେଡିକାଲ ଅକ୍ସିଜେନ ପରିବହନ କରୁଥିବା ଯାନ ଉପରୁ ଟୋଲ୍ ଟିକସ ଛାଡ଼

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ମେଡିକାଲ ଅକ୍ସିଜେନ ପରିବହନ କରୁଥିବା ଯାନବାହନ ଉପରୁ ରାଜ୍ୟ ସରକାର ଟୋଲ୍ ଟିକସ ଛାଡ଼ କରିଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ଟୋଲ୍ ପ୍ଲାଜାଗୁଡ଼ିକ ଅକ୍ସିଜେନ ପରିବହନ କରୁଥିବା ଗାଡ଼ିରୁ ଟିକସ ଆଦାୟ କରିବେ ନାହିଁ। ମେଡିକାଲ ଅକ୍ସଜେନ କିମ୍ବା ସିଲିଣ୍ଡର ପରିବହନ କରୁଥିବା ଗାଡ଼ି ଟୋଲ୍ ଟିକସ ଦେବେ ନାହିଁ। ଆସନ୍ତା ଜୁଲାଇ ୩୦ ତାରିଖ ଯାଏ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ। କରୋନା ମହାମାରୀ ଯୋଗୁ ଅକ୍ସିଜେନ ଯୋଗାଣ ଏକ ଅତ୍ୟାବଶ୍ୟକ ସେବା ହୋଇଛି। କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ହସ୍ପିଟାଲକୁ ଅକ୍ସିଜେନ ଯୋଗାଣକୁ ବ୍ୟବସ୍ଥିତ କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏଠାରେ ସୂଚନାଯୋଗ୍ୟ ଯେ ମେ' ୮ ତାରିଖରେ ଭୂପୃଷ୍ଠ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଲିକ୍ୟୁଡ୍ ମେଡିକାଲ ଅକ୍ସିଜେନ ନେଇ ଯାଉଥିବା ସମସ୍ତ ପ୍ରକାର ଟ୍ୟାଙ୍କର ଉପରୁ ଜାତୀୟ ରାଜପଥରେ ଥିବା ଟୋଲ୍ ପ୍ଲାଜାଗୁଡ଼ିକରେ ଟିକସ ଆଦାୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ପୂର୍ବତନ କ୍ରିକେଟର, ବିସିସିଆଇ ମ୍ୟାଚ ରେଫରି ପ୍ରଶାନ୍ତଙ୍କ ପରଲୋକ

**ଭୁବନେଶ୍ୱର, ୧୯।୫(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଜଗତ ପାଇଁ ବୁଧବାର ଆସିଛି ଏକ ଖରାପ ଖବର। ରାଜ୍ୟର ପୂର୍ବତନ ଖେଳାଳି ଏବଂ ବିସିସିଆଇ ମ୍ୟାଚ ରେଫରି ପ୍ରଶାନ୍ତ ମହାପାତ୍ରଙ୍କର ବୁଧବାର କରୋନା ସମ୍ପର୍କିତ କାରଣରୁ ପରଲୋକ ଘଟିଛି। ଓଡ଼ିଶା କ୍ରିକେଟ ମହଲରେ ମୁନା ଭାବରେ ପରିଚିତ ୪୭ ବର୍ଷୀୟ ପ୍ରଶାନ୍ତ କରୋନାରେ ଆକ୍ରାନ୍ତ ହେବା ପରେ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହେଉଥିଲେ। ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସକାଳ ୭ଟା ୫୧ ମିନିଟରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱାସ୍ଥ୍ୟ ଖରାପ ହେବାରୁ ପ୍ରଶାନ୍ତଙ୍କୁ ଗତ କିଛିଦିନ ହେଲା ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଥିଲେ। ବୁଧବାର ଅପରାହ୍ନରେ ସତ୍ୟନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତୁରା ସ୍ମିତେଶ ମହାପାତ୍ର ମୁଖାଗ୍ନି ଦେଇଥିଲେ। ପ୍ରଶାନ୍ତଙ୍କର ପତ୍ନୀ ଏବଂ ଏକ କନ୍ୟା ଅଛନ୍ତି। ପ୍ରକାଶଯୋଗ୍ୟ ଯେ ପ୍ରଶାନ୍ତଙ୍କ ବାପା ବିଶିଷ୍ଟ ସ୍ଥପତି ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଚଳିତ ମାସ ୯ ତାରିଖରେ କୋଭିଡ୍‌ରେ ପ୍ରାଣ ହରାଇଥିଲେ।

ପ୍ରଶାନ୍ତଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି, କ୍ରିକେଟ୍ ସେଲିବ୍ରେଟି ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି କହିଛନ୍ତି ଯେ, ପ୍ରଶାନ୍ତଙ୍କ ଦେହାନ୍ତ ବିଷୟରେ ଜାଣି ସେ ଦୁଃଖିତ। ଅମର ଆତ୍ମାର ସଦ୍‌ଗତି କାମନା କରି ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍‌ରେ କହିଛନ୍ତି ଯେ, ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କ ମୃତ୍ୟୁ ପରେ ପରେ ତାଙ୍କ ପୁତ୍ରଙ୍କ ବିୟୋଗ ଖବର ଅତ୍ୟନ୍ତ ଦୁଃଖଦାୟକ। ଏଥିରେ ସେ ଦୁଃଖିତ ଓ ମର୍ମାହତ। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମଧ୍ୟ ପ୍ରଶାନ୍ତ ଅକାଳ ମୃତ୍ୟୁରେ ଅତ୍ୟନ୍ତ ମର୍ମାହତ ଓ ଦୁଃଖିତ ହୋଇପଡ଼ିଥିବା ଟୁଇଟ୍ କରିଛନ୍ତି।



ପ୍ରଶାନ୍ତ ମହାପାତ୍ର।

## ରାଜ୍ୟରେ ସଂକ୍ରମିତ ୬,୪୪,୪୦୧

### ଆଉ ୧୧,୦୯୯ ଆକ୍ରାନ୍ତ, ୨୧ ମୃତ

- କେବଳ ଖୋର୍ଦ୍ଧା ଜିଲାରୁ ୧,୪୬୦ ଚିହ୍ନଟ
- ମୃତକଙ୍କ ମଧ୍ୟରେ କଳାହାଣ୍ଡିରୁ ସର୍ବାଧିକ ୪

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣ ଗ୍ରାଫ୍ ଉପର ତଳ ହେଉଛି। କେତେବେଳେ ଦୈନିକ ଆକ୍ରାନ୍ତ ସଂଖ୍ୟା ୧୧ହଜାର ଉପରକୁ ଯାଉଛି ତ ଆଉ କେତେବେଳେ ଏହା ତଳକୁ ଖସୁଛି। ଗତ ୨୪ ଘଣ୍ଟାରେ ମୋଟ ୬୦,୫୧୦ ନମୁନା ପରୀକ୍ଷା ହୋଇଥିବାବେଳେ ୧୧,୦୯୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୬,୨୧୪ ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୪,୮୮୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୪୬୦ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିଭଳି ସୁନ୍ଦରଗଡ଼ରୁ ୯୮୩, କଟକ ୮୬୭, ଅନୁଗୋଳ ୫୫୨, ସମ୍ବଲପୁର ୫୪୭, ମୟୂରଭଞ୍ଜ ୫୦୭, ବାଲେଶ୍ୱର ୪୦୮, ଯାଜପୁର ୩୭୮, ପୁରୀ ୩୫୬, ନବରଙ୍ଗପୁର ୩୫୧, ବରଗଡ଼ ୩୩୯, ଝାରସୁଗୁଡ଼ା ୩୦୭, ଜଗତ୍‌ସିଂହପୁର ୩୦୨, ଭଦ୍ରକରୁ ୪୩୧, କଳାହାଣ୍ଡି ୨୯୯, ବଲାଙ୍ଗୀର ୨୮୮, ନୟାଗଡ଼ ୨୭୭, ସୋନପୁର ୨୫୨, ନୂଆପଡ଼ା ୨୩୨, ବୌଦ୍ଧ ୨୧୩ ଜଣ ଓ ଅନ୍ୟସବୁ ଜିଲାରୁ ଏହାଠାରୁ କମ୍ ଚିହ୍ନଟ ହୋଇଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬,୪୪,୪୦୧ରେ ପହଞ୍ଚିଛି।

ଅନ୍ୟପକ୍ଷରେ ଆଉ ୨୧ଜଣଙ୍କ ଜୀବନ ନେଇଛି ମହାମାରୀ। କଳାହାଣ୍ଡିରୁ ସର୍ବାଧିକ ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୁନ୍ଦରଗଡ଼, ଭୁବନେଶ୍ୱର, ସମ୍ବଲପୁର, ମୟୂରଭଞ୍ଜ ଓ କୋରାପୁଟରୁ ୨ଜଣ ଲେଖାଏ, ବଲାଙ୍ଗୀର, ବରଗଡ଼, କଟକ, କେନ୍ଦୁଝର, ନୟାଗଡ଼, ନୂଆପଡ଼ା ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୩୭୮କୁ ବୃଦ୍ଧିପାଇଛି।

ରାଜ୍ୟରେ କରୋନା ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ରାଜ୍ୟରେ ଏବେ କରୋନା ସଂକ୍ରମଣ ପିକ୍ ସ୍ଥିତି ଆଡ଼କୁ ମୁହାଁଉଛି। ଆଗାମୀ ୭ ରୁ ୧୦ ଦିନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟ ଭିତରେ କୋଭିଡ୍ ପରିସଂଖ୍ୟାନ ଶୀର୍ଷକୁ ଛୁଇଁ କ୍ରମାନ୍ୱୟରେ ହ୍ରାସ ପାଇବ। ବର୍ତ୍ତମାନ ସବୁଠୁ ବଡ଼ କଥା ହେଲା, ଓଡ଼ିଶାରେ ସଂକ୍ରମଣ ହାର ୨୦ପ୍ରତିଶତ ତଳକୁ ଆସିଛି। ଲକ୍‌ଡାଉନ ପାଇଁ ରାଜ୍ୟରେ ସଂକ୍ରମଣ ଫ୍ଲାଟ୍ ସ୍ଥିତିରେ ଅଛି। ନଚେତ୍ ଏବେ ୨୦ରୁ ୨୫ ହଜାର ଦୈନିକ ସଂକ୍ରମଣ ବାହାରିଥାଆନ୍ତା। ଭୁବନେଶ୍ୱରରେ ପିଜିଟିଭ ହାର ପାଖାପାଖି ୩୫ ପ୍ରତିଶତ ରହିଛି। ତେବେ ବର୍ତ୍ତମାନ ଗ୍ରାମାଞ୍ଚଳକୁ ଫୋକସ୍ କରିବା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ବହୁତ ଭଲ ପଦକ୍ଷେପ। ଯଦି ୧୫ ଦିନ ପୂର୍ବରୁ ଏହି ପଦକ୍ଷେପ ନେଇଥାନ୍ତେ, ତେବେ ଓଡ଼ିଶାରେ ଏପରି ସ୍ଥିତି ଉପୁଜି ନ ଥାନ୍ତା ବୋଲି ଡା. ମିଶ୍ର କହିଛନ୍ତି।




## ୩୯ ଅକ୍ସିଜେନ୍ ସିଲିଣ୍ଡର ଜବତ, ବ୍ୟବସାୟୀ ଅଟକ

ବାରିପଦା ଅଫିସ- ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅନ୍ତର୍ଗତ ତକତପୁର ହାଟ ପଡ଼ିଆ ସ୍ଥିତ ଏକ ଦୋକାନରେ ବେପାର ଉଦ୍ଦେଶ୍ୟରେ ରଖାଯାଇଥିବା ୩୯ ଅକ୍ସିଜେନ୍ ସିଲିଣ୍ଡରକୁ ବୁଧବାର ଟାଉନ ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ ବ୍ୟବସାୟୀ ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ୧୦ କିଲୋ ଓଜନର ଅକ୍ସିଜେନ୍ ବୋଝେଇ ସିଲିଣ୍ଡର ୨୧ ହଜାର ଟଙ୍କାରେ ବିକ୍ରି କରାଯାଉଥିଲା ବୋଲି ତଦନ୍ତରୁ ଜାଣିବାକୁ ପାଇଥିବା ପୋଲିସ କହିଛି। କୌଣସି ଏକ ବିଶେଷ ସୂତ୍ରରୁ ଖବର ପାଇ ଟାଉନ ଥାନା ପୋଲିସ ଓ ସ୍ୱତନ୍ତ୍ର ଟିମ୍ ଅତର୍କିତ ଚଢ଼ାଉ କରି ଏହି ସିଲିଣ୍ଡର ଜବତ କରିବାରେ ସଫଳ ହୋଇଛି।


### ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଜୁହି
ପରିବାରବର୍ଗ


ଜନନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଳୁ ବାରପଳ ସାରୁ ବାରପଳ ବାର ବାର ପଳ ଚବିଶ ପଳ।**

ସାଧାରଣତଃ ପିଲାଙ୍କ ଓଡ଼ିଆ ଅକ୍ଷର ଉଚ୍ଚାରଣରେ କେତେ ଶୁଦ୍ଧତା ଓ ପାରଦର୍ଶିତା ଆସିଲାଣି ତାହା ଜାଣିବା ପାଇଁ ପିଲାମାନଙ୍କୁ ଏହା ଶୀଘ୍ର ଶୀଘ୍ର କହିବାକୁ କୁହାଯାଏ। ଏପରି ତର ତର ହୋଇ କହିବା ବେଳେ ଗୋଟିଏ ଅକ୍ଷର ଜାଗାରେ ଆଉ ଗୋଟିଏ ଅକ୍ଷରର ଉଚ୍ଚାରଣ ବାହାରି ପଡିଲେ ଏକ ହାସ୍ୟମ୍ୟକ ପରିସ୍ଥିତି ଉପୁଜିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆମ୍ବଗଛରେ ପାଣି ଦେଉ ଦେଉ ଶିମ୍ବଗଛ ମଲା।**

କିଛି ବ୍ୟକ୍ତି ଅବହେଳାର ଶିକାର ହୋଇଥାନ୍ତି। ତାଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଯିବା ଫଳରେ ସେମାନେ ଆଖିଦୃଶିଆ ଅଗ୍ରଗତି କରିପାରି ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଟେଷ୍ଟିଂ ଅଭିଯାନରେ ସବୁ ଦଳ ଲୋକଙ୍କୁ ସାମିଲ କରାଯାଉ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

କରୋନା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଟ୍ରେସିଂ,ଟେଷ୍ଟିଂ ଓ ଟ୍ରିଟ୍‌ମେଣ୍ଟକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ତେଣୁ ଦଳମତ ନିର୍ବିଶେଷରେ ଓଡ଼ିଶାର ସମସ୍ତ ଲୋକଙ୍କୁ ଟେଷ୍ଟିଂ ଅଭିଯାନରେ ସାମିଲ କରାଯାଇ ଏହାକୁ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଦେଶ ଏବଂ ରାଜ୍ୟ କରୋନାର ୨ୟ ଲହର ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଓଡ଼ିଆ ଲୋକମାନେ ଚିନ୍ତାରେ ଅଛନ୍ତି। କରୋନାକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଷ୍ଟିଂ ବଢ଼ାଇବା, ଟ୍ରେସିଂ କରିବା ଏବଂ ଟ୍ରିଟ୍‌ମେଣ୍ଟ କରିବା ଉପରେ ରଣନୀତି ପ୍ରସ୍ତୁତି କରିବା ପାଇଁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ମୁଖ୍ୟ ପରାମର୍ଶ ଦାତା ତ୍ରିନାଥ ରେଡ୍ଡୀ ଏକ ଖବରକାଗଜରେ ଏହି କଥାକୁ ପ୍ରାଥମିକତା ଦେଇଛନ୍ତି । କିନ୍ତୁ ବିଶେଷ ଭାବେ ଗ୍ରାମାଞ୍ଚଳରେ ଲୋକଙ୍କ ମନରେ କରୋନା ପ୍ରତି ଭୟ ଓ ଭ୍ରାନ୍ତ ଧାରଣା ଥିବାରୁ ଲୋକମାନେ ଟେଷ୍ଟିଂ କରିବାକୁ ଆସୁନାହାନ୍ତି। ବ୍ୟବସ୍ଥା ସତ୍ତ୍ୱେ ନାଗରିକମାନେ ଟେଷ୍ଟିଂ କରିବା ପାଇଁ ପଛଘୁଞ୍ଚା ଦେଉଛନ୍ତି, ଯାହା ଚିନ୍ତାଜନକ ବିଷୟ। ମେ ମାସରେ ଅଦ୍ୟାବଧି ମିଳିଥିବା ତଥ୍ୟ ଅନୁସାରେ ଭାରତରେ ପ୍ରତି ୧ ଲକ୍ଷରେ ହାରାହାରି ୧୪୬ ଲୋକଙ୍କୁ ଟେଷ୍ଟିଂ କରାଯାଉଛି। ସରକାର ବ୍ୟବସ୍ଥା କରିବେ ହେଲେ ତାହା କେବଳ ବ୍ୟବସ୍ଥା କରିବା ସରକାରଙ୍କ ଦାୟିତ୍ୱ ନୁହେଁ ବରଂ ଲୋକଙ୍କୁ ଏକାଠି କରି ପହଞ୍ଚାଇବା ପାଇଁ ପଡ଼ିବ। ଓଡ଼ିଆଙ୍କ ଦାୟିତ୍ୱ ସବୁ ଭେଦଭାବକୁ ଭୁଲି ଏ ଜଟିଳ ପରିସ୍ଥିତିକୁ ସମାଜରୁ ବାହାର କରିବା ପାଇଁ ଟ୍ରେସିଂ, ଟେଷ୍ଟିଂ ଏବଂ ଟ୍ରିଟ୍‌ମେଣ୍ଟକୁ ପ୍ରାଥମିକତା ଦେବା ପାଇଁ ପଡ଼ିବ। ଦେଶର ପଶ୍ଚିମାଞ୍ଚଳ ଓ ଉତ୍ତରାଞ୍ଚଳ ଧୀରେ ଧୀରେ କରୋନାର ସ୍ଥିତାବସ୍ଥା ସୁଧୁରୁଛି। ଦକ୍ଷିଣାଞ୍ଚଳରେ ଏବେ କରୋନା ରୂପ ଦେଖାଉଛି। ଏହାକୁ ଧୈର୍ଯ୍ୟର ସହ ବୁଦ୍ଧି ଓ ସାହସ ଦେଖାଇ ସମାଜ ମୁକାବିଲାର ସାମ୍ନା କରୁଛି। ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟର ରାଜ୍ୟ ସରକାର, ସାମାଜିକ ସଙ୍ଗଠନ, ନାଗରିକମାନେ ଏଭଳି ଅଭାବନୀୟ ସ୍ଥିତିକୁ ସାମ୍ନା କରିବା ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। କରୋନା ଯୋଦ୍ଧା ବିଶେଷ ଭାବେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପାରାମେଡିକାଲ, ପୋଲିସ ପ୍ରଶାସନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ବିକୁଥିବା ଲୋକମାନେ, ଗ୍ୟାସ୍ ଡେଲିଭରି ବୟ ସମସ୍ତେ ଏହି ସମୟରେ ସେବା ଯୋଗାଇ ଆସୁଛନ୍ତି ବୋଲି ସେ କହିଛନ୍ତି।



# ପୁଅର ମୃତ୍ୟୁ ଖବର ଶୁଣି ଆଖିବୁଜିଲେ ମା

ଚୌଦ୍ୱାର, ୧୯।୫(ଡି.ଏନ.ଏ.)

ମୃତ୍ୟୁ କେତେବେଳେ କେମିତି ଆସେ ତାହା କେହି ଜାଣିପାରନ୍ତି ନାହିଁ। ବର୍ତ୍ତମାନ ରାତିପାହିଲେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଥିବା ଖବର ଶୁଣିବାକୁ ମିଳୁଛି। କେଉଁଠି ମାଆବାପା ଆଗରେ ପୁଅ ଚାଲିଯାଉଛି ତ ଆଉ କେଉଁଠି ପିଲାଙ୍କ ଆଗରେ ମାଆବାପାଙ୍କ ଜୀବନ ଯାଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ନପଙ୍ଗ ପଞ୍ଚାୟତ ଅଧୀନ ସାଇଁଟୋ ଗ୍ରାମରେ। ପୁଅର ମୃତ୍ୟୁ ଖବର ଶୁଣିବା ପରେ ମା'ର ମୃତ୍ୟୁ ଘଟିଛି।

ମିଳିଥିବା ସୂଚନା ଅନୁଯାୟୀ, ୭ଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ସାଇଁଟୋ ଗ୍ରାମର କିଶୁ ଚରଣ ବେହେରାଙ୍କ ପୁଅ ଦୟାନିଧି (୪୨) କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଶୁଣି ତାଙ୍କ ପରିବାରରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଖବର ପାଇବା ପରେ ନିଜକୁ ସମ୍ଭାଳି ପାରି ନ ଥିଲେ ଦୟାନିଧିଙ୍କ ମା' ଶାନ୍ତିଲତା(୬୨)। ପୁଅର ମୃତ୍ୟୁ ଖବର ତାଙ୍କୁ ଶକ୍ତ ଧକ୍କା ଦେଇଥିଲା। ପୁଅ କଥା ଭାବିଭାବି ରାତିସାରା କାନ୍ଦିବା ପରେ ଶେଷରେ ବୁଧବାର ସକାଳ ୮ଟାରେ ହୃଦ୍‌ଘାତରେ ଶାନ୍ତିଲତାଙ୍କ ମୃତ୍ୟୁ ଘଟିଥିବା କିଶୁ ଚରଣ କହିଛନ୍ତି। କଟକ ବଡ଼ ମେଡିକାଲ ପକ୍ଷରୁ ସ୍ଥାନୀୟ ସତୀଚଉରା ଶ୍ମଶାନରେ ମଙ୍ଗଳବାର ଦୟାନିଧିଙ୍କ ମୃତଦେହ ସତ୍କାର କରାଯାଇଥିବାବେଳେ ଶାନ୍ତିଲତାଙ୍କ ମୃତଦେହ ସାହିଭାଇ ଓ ପରିବାର ଲୋକେ ଗାଁ ମଶାଣିରେ ପୋତିଥିଲେ।

ଦୟାନିଧିଙ୍କ ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ବଡ ଝିଅଟି ୧୦ବର୍ଷର, ଅନ୍ୟ ଜଣେ ୮ବର୍ଷର ଓ ପୁଅକୁ ୩ ବର୍ଷ। ଦୟାନିଧି ମୂଳଲାଗି ପରିବାର ଚଳାଉଥିଲେ। ଏବେ ତାଙ୍କ ମୃତ୍ୟୁ ପରେ ୩ଟି ପିଲାଙ୍କୁ କେମିତି ମଣିଷ କରିବେ ବୋଲି ତାଙ୍କ ସ୍ତ୍ରୀ ସରୋଜିନୀ କହିଛନ୍ତି।


ମୃତ ଶାନ୍ତିଲତା ଓ ପୁଅ ଦୟାନିଧି। (ଫାଇଲ ଫଟୋ)

## ପ୍ରଥମ ପୃଷ୍ଠାରୁ...

### ଅକ୍ସିଜେନ୍, ଔଷଧ କଳାବଜାର...

କରିବାକୁ ମଧ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ଘରୋଇ ଆମ୍ବୁଲାନ୍ସର ଭଡା ଧାର୍ଯ୍ୟ କରିଥିବାରୁ ଆୟୋଗ ପ୍ରଶଂସା କରିବା ସହ ଅଧିକ ଦର ଦାବି କରୁଥିବା ଗାଡ଼ି ମାଲିକଙ୍କ ଉପରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ସେହିପରି କଟକ ଓ ଭୁବନେଶ୍ୱରରେ ଜରୁରୀ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ମାଗଣାରେ ଅକ୍ସିଜେନ ଓ ଖାଦ୍ୟ ବଣ୍ଟନ କରୁଥିବା ବ୍ୟକ୍ତି ବା ସଂସ୍ଥାର କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଛନ୍ତି। ଏହି ଦାତବ୍ୟ କାର୍ଯ୍ୟ ଅନ୍ୟମାନଙ୍କୁ ଉତ୍ସାହିତ କରିବ ବୋଲି ଆୟୋଗ କହିଛନ୍ତି। ଆସନ୍ତା ଜୁନ୍ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚିକିତ୍ସା କ୍ଷେତ୍ର ପାଇଁ ଅକ୍ସିଜେନ୍ ଉତ୍ପାଦନ, ଗଚ୍ଛିତ ଓ ଯୋଗାଣକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତାଙ୍କ ଅଧକ୍ଷତାରେ ଗଠିତ ଏହି ୯ ଜଣିଆ ରାଜ୍ୟସ୍ତରୀୟ ଟାସ୍କଫୋର୍ସରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଓ ପୂର୍ତ୍ତ ବିଭାଗର ସଚିବ, ଓଡ଼ିଶା ମେଡିକାଲ ନିଗମର ପରିଚାଳନା ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ, ଡ୍ରଗ୍ସ ନିୟନ୍ତ୍ରକ, ଫିକ୍କି ପ୍ରତିନିଧି ଓ ଉତ୍କଳ ଚାମ୍ବର୍ସ ଅଫ୍ କମର୍ସ (ୟୁସିସିଆଇ)ର ପ୍ରତିନିଧିଙ୍କୁ ସଦସ୍ୟ ଭାବେ ସାମିଲ କରାଯାଇଛି। ଏହି ଟାସ୍କଫୋର୍ସର ସଦସ୍ୟ ଆବାହକ ଭାବେ ଇପିକଲ୍ ପରିଚାଳନା ନିର୍ଦ୍ଦେଶକ କାର୍ଯ୍ୟ ତୁଲାଇବେ।

### ମିଳୁନି ଆମ୍ଫୋଟେରିସିନ-ବି...

ଆମ୍ଫୋଟେରିସିନ-ବି ଔଷଧ ଏବେ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ମିଳୁନାହିଁ। ତେଣୁ ଚିକିତ୍ସା ନିମନ୍ତେ ଇଞ୍ଜେକ୍ସନ ପାଇଁ ବିଭିନ୍ନ ସୋସିଆଲ ମିଡିଆ ଏବଂ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ନିବେଦନ କରାଯାଉଛି। ଗୁରୁଗ୍ରାମର ହସ୍ପିଟାଲଗୁଡ଼ିକରେ ମଧ୍ୟ ଔଷଧ ଅଭାବ ଦେଖାଦେବାରୁ ଇଞ୍ଜେକ୍ସନ ସଂଗ୍ରହ ନିମନ୍ତେ ହରିୟାଣା ସରକାର କମିଟି ଗଠନ କରିଛନ୍ତି।

### ନୂଆ ପ୍ରିଭେସି ନୀତି ପ୍ରତ୍ୟାହାର ...

ତେବେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀ କହିଛନ୍ତି। ସରକାର ପଠାଇଥିବା ନୋଟିସରେ କୁହାଯାଇଛି ଯେ କମ୍ପାନୀର ନୂଆ ଅପଡେଟ୍ ଭାରତୀୟ ଆଇନର ବିଭିନ୍ନ ନିୟମ ଏବଂ ଧାରାକୁ ଉଲ୍ଲଂଘନ କରୁଛି। ଭାରତୀୟ ନାଗରିକଙ୍କ ଅଧିକାର ଏବଂ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ଲାଗି ସରକାର ବିଭିନ୍ନ ଆଇନଗତ ଦିଗ ଉପରେ ବିଚାର କରିଛନ୍ତି। ବିଶେଷକରି ୟୁରୋପ ୟୁଜରଙ୍କ ତୁଳନାରେ କମ୍ପାନୀ ଭାରତୀୟ ୟୁଜରଙ୍କ ଲାଗି କାହିଁକି ଭିନ୍ନ ନିୟମ ଲାଗୁ ହୋଇଛି ତାହା ପ୍ରଶ୍ନ କରାଯାଇଛି। ସରକାର ଏହା ମଧ୍ୟ କହିଛନ୍ତି ଯେ ଦୈନନ୍ଦିନ ଜୀବନରେ ଭାରତୀୟମାନେ ଯୋଗାଯୋଗ ଲାଗି ହ୍ୱାଟ୍ସଆପ୍ ଉପରେ ବିଶେଷ ଭାବେ ନିର୍ଭରଶୀଳ। ନୂଆ ନିୟମ କେବଳ ଅସୁବିଧା ସୃଷ୍ଟି କରିନାହିଁ ବରଂ କମ୍ପାନୀ ଏଭଳି ସ୍ଥିତିର ଫାଇଦା ଉଠାଇଛି। ନୂଆ ଅପଡେଟ ଗ୍ରହଣ କରିବା ଲାଗି ୟୁଜରଙ୍କୁ ବାଧ୍ୟ ମଧ୍ୟ କରାଯାଇଛି। ଉଲ୍ଲେଖଯୋଗ୍ୟ, ୟୁଜର ଡାଟା ମୂଳ କମ୍ପାନୀ ଫେସ୍‌ବୁକ ସହ ଶେୟାରିଂ କରିବା ପ୍ରସଙ୍ଗକୁ ନେଇ ହ୍ୱାଟ୍ସଆପକୁ ଅନେକେ ବିରୋଧ କରୁଛନ୍ତି। ଏଭଳି ସ୍ଥିତିରେ ଉକ୍ତ ନିୟମକୁ ଚଳିତ ମାସ ୧୫ରୁ ବାଧ୍ୟତାମୂଳକ ଭାବେ ଲାଗୁ ନ କରିବାକୁ କମ୍ପାନୀ କହିସାରିଛି। ନୋଟିସରେ ସରକାର କହିଛନ୍ତି, ୟୁଜରଙ୍କ ସୂଚନାଗତ ପ୍ରିଭେସି, ଡାଟା ସୁରକ୍ଷା ଏବଂ ୟୁଜରଙ୍କ ପସନ୍ଦ ଭଳି ପ୍ରସଙ୍ଗକୁ କମ୍ପାନୀ ଅବମାନନା କରୁଛି। କମ୍ପାନୀ ଡାଟା ପ୍ରିଭେସି ନିୟମକୁ ମଧ୍ୟ ଏହାର ଫ୍ରିକ୍ୱେଣ୍ଟଲି ଆସ୍କଡ କ୍ୱେଶ୍ଚିନ(ଏଫ୍ଏକ୍ୟୁ)ରେ ମଧ୍ୟ ନିୟମ ଉଲ୍ଲଂଘନ କରିଛି। ଉଲ୍ଲେଖଯୋଗ୍ୟ, ଭାରତ ସରକାର ଦିଲ୍ଲୀ ହାଇକୋର୍ଟରେ ଏହିପ୍ରସଙ୍ଗରେ ମଧ୍ୟ ନିଜର ପକ୍ଷ ସ୍ପଷ୍ଟ କରିଛନ୍ତି। ମାମଲା ବର୍ତ୍ତମାନ ବିଚାରାଧୀନ ରହିଛି।

# ନିର୍ବନ୍ଧ ସରିଥିଲା, ୨୩ରେ ହୋଇଥାନ୍ତା ବାହାଘର

ବରୀ, ୧୯।୫(ଡି.ଏନ.ଏ.)

## କରୋନାରେ ଚାଲିଗଲା ଯୁବକଙ୍କ ଜୀବନ

ନିର୍ବନ୍ଧ ହୋଇ ସରିଥିଲା। ବାହାଘର ପାଇଁ ପ୍ରସ୍ତୁତି ଚାଲିଥିଲା। ଆସନ୍ତା ୨୩ ତାରିଖ ରବିବାର ହୋଇଥାନ୍ତା ବାହାଘର। ମାତ୍ର ବିବାହର ଦିନ କେଇଟା ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇ ଚାଲିଗଲା ଯୁବକଙ୍କ ଜୀବନ। ଏଭଳି ଘଟଣା ଘଟିଛି ଯାଜପୁର ଜିଲା ବରୀ ବ୍ଲକ ଅଧୀନ ମନ୍ଦାରୀ ପଞ୍ଚାୟତ ବେଞ୍ଚାରାପୁର ଗ୍ରାମରେ। ଗ୍ରାମର ମନୋଜ ଜେନାଙ୍କ ପୁଅ ସତ୍ୟଜିତ ମଇଥାନ ଷ୍ଟିଲରେ ଫିଟର ଭାବେ କାର୍ଯ୍ୟ କରୁଥିଲେ। ବିବାହ ତାରିଖ ଧାର୍ଯ୍ୟ ହୋଇଥିବାରୁ ସେ ଘରକୁ ଆସିଥିଲେ। ତେବେ ହଠାତ୍ ସତ୍ୟଜିତଙ୍କୁ ଥଣ୍ଡା ଓ କାଶ ହୋଇଥିଲା। ତେଣୁ ସେ କୋଭିଡ୍ ଟେଷ୍ଟ କରାଇଥିଲେ। ରିପୋର୍ଟ ପଜିଟିଭ ଆସିବାରୁ ତାଙ୍କୁ ଟାଟା କୋଭିଡ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ପରିବାର ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ, ପ୍ରାକ୍ତନ ଜିଲାପରିଷଦ ସଭ୍ୟ କୁମାର ଜେନା, ପ୍ରାକ୍ତନ ସମିତିସଭ୍ୟ ଅଶୋକ ଜେନା, ପ୍ରାକ୍ତନ ସରପଞ୍ଚ ନବଘନ ପରିଡ଼ା, ସାମାଜିକ କର୍ମୀ ହରିହର ପଣ୍ଡା ଓ ଗିରିଶ ସାମଲ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# କୋର୍ଟରେ ହାଜର ହେଲେ ବିଧାୟକ ପ୍ରଦୀପ, ସର୍ବେଶ୍ୱର

ବ୍ରହ୍ମପୁର ଅଫିସ, ୧୯।୫

## ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା

■ସର୍ବେଶ୍ୱରଙ୍କ ଜାମିନ ଖାରଜ

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ମାମଲାରେ ଗିରଫ ହୋଇଥିବା ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ ଓ ସହଯୋଗୀ ଭି.ସର୍ବେଶ୍ୱର ରାଓଙ୍କୁ ବୁଧବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୨ଟା ବେଳେ କଡ଼ା ସୁରକ୍ଷା ବଳୟରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଉଭୟଙ୍କୁ ହାଜର କରି ଏକ ମାମଲାରେ ଜଡ଼ିତ କରାଯାଇଥିଲା। ଏହାପରେ ପୁଣିଥରେ ସେମାନଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲକୁ ନିଆଯାଇଛି।

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଥାନା ଅନ୍ତର୍ଗତ ମାଝିଗାଁର ବି.ଶିବ ପାତ୍ର ଟାଟା ମୋଟର୍ସରେ ଚାକିରି ଆଶାରେ ବିଧାୟକଙ୍କୁ ୨୦୧୯ ଅକ୍ଟୋବର ୨୦ରେ ବ୍ରହ୍ମପୁର ବାସଭବନରେ ୨ଲକ୍ଷ ଟଙ୍କା ଦେଇଥିଲେ। ଏଥିପାଇଁ ବିଧାୟକଙ୍କ ସହଯୋଗୀ ସର୍ବେଶ୍ୱର ତାଙ୍କୁ ପ୍ରବର୍ତ୍ତାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଚାକିରି ମିଳି ନ ଥିଲା। ସେ ଟଙ୍କା ଫେରି ପାଇ ନ ଥିବାରୁ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ସେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲା ରୁଜୁ କରିଥିଲେ।

# କରୋନାକୁ ହରାଇଲେ ଶିଶୁ

ନୂଆପଡ଼ା ଅଫିସ, ୧୯।୫

କରୋନାରୁ ଜଣେ ମାସେ ୨ ଦିନର ଶିଶୁ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା ଘଟିଛି ନୂଆପଡ଼ା ସଦର ବ୍ଲକ ବିରୋମାଳ ପଞ୍ଚାୟତ ଭାଲୁକୋନା ଗାଁରେ। ସୂଚନା ଯେ, ଏପ୍ରିଲ ୧୭ରେ ନୂଆପଡ଼ା ଜିଲା ମୁଖ୍ୟ ହସ୍ପିଟାଲରେ ଏହି ଶିଶୁଟି ଜନ୍ମ ହୋଇଥିଲା। ସେତେବେଳେ ଶିଶୁର ଓଜନ କମ୍ ଥିବାରୁ ସେଠାରେ ରଖାଯାଇ ଚିକିତ୍ସା କରାଯାଇଥିଲା। ଗତ ୧୨ରେ ଶିଶୁକୁ କାଶ ଓ ଛିଙ୍କ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ୱାର୍ଡର ଏସ୍ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆଣ୍ଟିଜେନ୍ ଟେଷ୍ଟ କରିବାରୁ ଉଭୟ ମା' ଓ ଶିଶୁଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା ବୋଲି ଜିଲା ମୁଖ୍ୟ ଶିଶୁ ରୋଗ ବିଶେଷଜ୍ଞ ଡା. ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ କହିଥିଲେ। ଡାକ୍ତରଙ୍କ ଉପଯୁକ୍ତ ଚିକିତ୍ସା ପରେ ଶିଶୁଟି ଏବେ ସୁସ୍ଥ ହୋଇ ୧୮ରେ ଘରକୁ ଫେରିଛନ୍ତି। ଶିଶୁ ସୁସ୍ଥ ଥିବା ନେଇ ନୂଆପଡ଼ା ଜିଲାପାଳ ସ୍ୱାଧାଦେବ ସିଂ ମଧ୍ୟ ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି।

# ଯୁକ୍ତ୨ ଶିକ୍ଷାନୁଷ୍ଠାନ ପୃଥକୀକରଣ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

ଯୁକ୍ତ୨ ଶିକ୍ଷାକୁ ଉଚ୍ଚଶିକ୍ଷା ବିଭାଗରୁ ପୃଥକ କରାଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ମିଶ୍ରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଯୁକ୍ତ୨ ଶିକ୍ଷାନୁଷ୍ଠାନଗୁଡ଼ିକୁ ଡିଗ୍ରୀ କଲେଜରୁ ପୃଥକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଗୁରୁତ୍ୱାରୋପ କରିଛନ୍ତି। ଏହି ପୃଥକୀକରଣ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବୁଧବାର ମନ୍ତ୍ରୀଙ୍କ ଅଧକ୍ଷତାରେ ଭର୍ଚୁଆଲରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଇତି ମଧ୍ୟରେ କେତେକ ସ୍ଥାନରେ ଯୁକ୍ତ୨ ଓ ଡିଗ୍ରୀ କଲେଜ ପୃଥକ ଭାବରେ କାର୍ଯ୍ୟ କରୁଛି। ତେବେ ଉଚ୍ଚଶିକ୍ଷା ବିଭାଗର ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଯେଉଁମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସ୍ଥାପିତ ହୋଇ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ପର୍ଯ୍ୟାୟକ୍ରମେ ଉଚ୍ଚଶିକ୍ଷା ବିଭାଗକୁ ଫେରାଇ ନିଆଯିବ। ଯୁକ୍ତ୨ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ନ ହେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଭିନ୍ନ ପଦବୀ ପୂରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। କେତେକ ସ୍ଥାନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜ ଗୋଟିଏ ସ୍ଥାନରେ ଥିବାରୁ ଯେଉଁଠି ସମ୍ଭବ ସେଠାରେ କୋଠାବାଡ଼ି, ଜମି ଏବଂ ଅନ୍ୟାନ୍ୟ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ରୂପେ ଅଲଗା କରାଯିବ। ତଦନୁଯାୟୀ ଜମିଜମା କାଗଜପତ୍ର ମଧ୍ୟ ପରିବର୍ତ୍ତନ କରାଯିବ। କୋଠାବାଡ଼ି ଓ ଅନ୍ୟାନ୍ୟ ଭିତ୍ତିଭୂମି ସମ୍ପୂର୍ଣ୍ଣ ପୃଥକ ହୋଇଗଲେ ଯୁକ୍ତ୨ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଏବଂ ଡିଗ୍ରୀ ମହାବିଦ୍ୟାଳୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହେବ। ଯୁକ୍ତ୨ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକଙ୍କ ପଦବୀ ପୂରଣ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଅର୍ଥ ବିଭାଗ ସହିତ ଖୁବ୍‌ଶୀଘ୍ର ଏକ ମିଳିତ ବୈଠକ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

# ୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ବସ୍ତା/ରୂପସା, ୧୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ପୋଲିସ ବୁଧବାର ଜଣେ ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରିବା ସହ ୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ନୀଳଗିରି ଥାନା କୁସୁମିଆ ଗାଁର କାହ୍ନା ଓରଫ ପ୍ରେମକୁମାର ବିଶ୍ୱାଳ । ତାଙ୍କଠାରୁ ୬୨ଗ୍ରାମ ବ୍ରାଉନସୁଗାର ସହ ଏକ ବାଇକ୍, ସ୍ମାର୍ଟ ଫୋନ ଓ ନଗଦ ୫ଶହ ୨୦ ଟଙ୍କା ଜବତ କରାଯାଇଛି। ସ୍ଥାନୀୟ ଲୋକେ ବେପାରୀ ପ୍ରେମଙ୍କୁ ଅଟକ ରଖି ଥାନାକୁ ଖବର ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୧୬୪/୨୧) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।


classifieds Everyday 0674-2580101, 2549302




SALE

Tata ACE HT, Mahindra Xenio Dalla, Maruti Gypsy, Tata Nano for sale. 7008839326, 9861056470. D-67793




SALE

Residential Cum commercial plots at Nakhara to Adaspur road. 8249851363, 8118078023. D-70450

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦ୍ୱିଜା ନକ୍ଷତ୍ରର ପରିବାରରେ ବନ୍ଧୁଙ୍କ ଗହଳ ଚହଳ ମଧ୍ୟରେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଜଣେ ବନ୍ଧୁଙ୍କ ବିଚାରହୀନ ମନ୍ତବ୍ୟକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ଝଗଡ଼ା ଲାଗିପାରେ। ଅପୂରଣୀୟ ଆଶା ଯୋଗୁ ସନ୍ତାନଙ୍କ ଅଶାନ୍ତ ମନଦେଖି ଚିନ୍ତିତ ହୋଇପାରନ୍ତି। ଏକ ନିର୍ଦ୍ଦିଷ୍ଟ ଦିଗରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ।

**ବୃଷ**
ଆଜି ହଠାତ୍ ଏକାଧିକ ବ୍ୟକ୍ତିଙ୍କ ବିରୁଦ୍ଧାତ୍ମକ ସ୍ୱର କର୍ମ କ୍ଷେତ୍ରକୁ ସମସ୍ୟାବହୁଳ କରିଦେଇପାରେ। ଅର୍ଥନୈତିକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର, ସଭାସମିତିରେ ସଫଳତା ପାଇବେ। ପରିବାରରେ ମାଙ୍ଗଳିକ କାମ ସକାଶେ ତତ୍ପରତା ଦେଖାଦେଇପାରେ। ବିବାଦୀୟ ପରିସ୍ଥିତି, ମାଲିମକଦ୍ଦମା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ।

**ମିଥୁନ**
ବିଭିନ୍ନ ଦିଗରୁ ସମର୍ଥନ ପାଇଲେ ମଧ୍ୟ ଆଜିର କାମଗୁଡ଼ିକ ସକାଶେ ହନ୍ତସନ୍ତ ହେବାକୁ ପଡ଼ିବ। ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ ସକାଶେ ବହୁତ ଅର୍ଥବ୍ୟୟର ସମ୍ଭାବନା ରହିଛି। ପରିବାର ଭିତରେ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**କର୍କଟ**
କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଓ ସନ୍ତାନ ହେତୁକ ଗୌରବ ବୃଦ୍ଧି ମାନସିକ ଶାନ୍ତିର କାରଣ ହୋଇପାରେ। ଆନୁଷ୍ଠାନିକ କାମ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇପାରେ। ପରିବହନ, ଯାନବାହନ ଓ ପ୍ରଶାସନିକ କ୍ଷେତ୍ରରେ ବ୍ୟତିକ୍ରମ ମଧ୍ୟରେ ହିଁ କାର୍ଯ୍ୟ ସାଧିତ ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ ।

**ସିଂହ**
ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ସାଙ୍ଗକୁ ବୈଷୟିକ ସୁଖ, ସମୃଦ୍ଧି ଯୋଗୁ ଖୁସି ରହିବେ। ଆଇନ ଓ ଆଧ୍ୟାତ୍ମିକତା, ଗଣତନ୍ତ୍ର, ସଂଗଠନ, ଧାର୍ମିକ କାର୍ଯ୍ୟ ଓ ସତ୍‌ସଙ୍ଗ କ୍ଷେତ୍ର ବହୁତ ଭଲ ରହିବ। ଗବେଷଣା, ଲେଖାପଢ଼ା, ସାହିତ୍ୟ, କଳା, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଲାଗି ରହିଥିବା ଶତ୍ରୁତା, ଅଶାନ୍ତି ଓ ଋଣଭାର ହ୍ରାସ ପାଇବ।

**କନ୍ୟା**
ଆଜି ଦିନଟିରେ ଜମିଜମା, ଗୃହସୀମା, ନିର୍ମାଣ, କୋର୍ଟକଚେରି ମାମଲା ସଂକଟଜନକ ସ୍ଥିତି ଉତ୍ପନ୍ନ କରିବ। ବନ୍ଧୁମାନଙ୍କ ବିବାଦୀୟ ନିଷ୍ପତ୍ତି ହେତୁ କୌଣସି କଥାର ମୀମାଂସା ହୋଇପାରିବ ନାହିଁ। କର୍ମକ୍ଷେତ୍ରରେ ଆବଶ୍ୟକ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା**
ବିବାଦୀୟ ଚିନ୍ତାଧାରା କାମକୁ ବିଶୃଙ୍ଖଳିତ କରିବା ଆଶଙ୍କା ରହିଛି। ସମ୍ପର୍କୀୟମାନେ ପୁରାତନ କଥାକୁ କେନ୍ଦ୍ରକରି ଅଧୁନା ଅସହଯୋଗ କରିବାର ସୂଚନା ରହିଛି। ସଭାସମିତି, ରାଜନୀତି, ସଂଗଠନ, ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ସୁଫଳ ପାଇବେ। ପାରିବାରିକ, ଅର୍ଥସମ୍ପର୍କ ଦିଗଟି କେତେକାଂଶରେ ଭଲ ରହିବ।

**ବିଛା**
ଆପଣଙ୍କ ବୈଷୟିକ ସୁଖ, ସମୃଦ୍ଧି ସାଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧି ଜୀବନଶୈଳୀକୁ ଉନ୍ନତ କରାଇବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନସନ୍ ବଢ଼ିପାରେ। ମାଙ୍ଗଳିକ କାମ ପାଇଁ ପ୍ରସ୍ତୁତି, ମୂଲ୍ୟବାନ ଜିନିଷର କିଣା ବିକା କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ**
ଆପଣଙ୍କ ନୀରବତା ହେତୁ ଆତ୍ମୀୟସ୍ୱଜନମାନଙ୍କ ମନରେ ବୃଥା ସନ୍ଦେହ ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ଅର୍ଥ ଓ ସମ୍ମାନ ମିଳିବ, ବ୍ୟବସାୟିକ ଉନ୍ନତି କରିବେ।

**ମକର**
ପ୍ରତ୍ୟେକ ପରିସ୍ଥିତିକୁ ସହନଶୀଳତାର ସହ ସାମ୍ନା କରିବାର ଧୈର୍ଯ୍ୟ ହାସଲ କରିବେ। ଅର୍ଥ ସଙ୍କଟ ଦୂର ହେବା ସାଙ୍ଗକୁ ଟେକ୍ନିକାଲ୍ କାମରେ ବିଶେଷ ସୁବିଧା ପ୍ରାପ୍ତ ହେବ। ନିକଟ ସମ୍ପର୍କୀୟଙ୍କୁ ଭଲ ପାଇବାକୁ କେନ୍ଦ୍ରକରି ସମସ୍ୟା ଦେଖାଦେବ। ପୂର୍ବ ରାଗକୁ ଶୁଝାଇବାକୁ ଯାଇ ନିକଟ ସମ୍ପର୍କୀୟମାନେ ପାଖ ମାଡି ନ ପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ପାଇବେ ଏବଂ ବୈଷୟିକ ଉନ୍ନତି ମଧ୍ୟ କରିବେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତମାନର ଫଳ ମିଳିବ। କୌଶଳ ଅବଲମ୍ବନ କରି ହାସଲ କରିବାକୁ ଥିବା କାମଟି ବନ୍ଧୁଙ୍କ ଦ୍ୱାରା କରାଇନେବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିଲେ ସମସ୍ୟା ବଢ଼ିଯାଇପାରେ।

**ମୀନ**
ପରିସ୍ଥିତି ଅନୁଯାୟୀ କେତେକ ସମସ୍ୟା ଆସିଲେ ମଧ୍ୟ କାର୍ଯ୍ୟ ଅଟକିବ ନାହିଁ। ନିର୍ଦ୍ଦିଷ୍ଟ ସମୟରେ ଚାହୁଁଥିବା ଜିନିଷ ପାଇ ନ ପାରନ୍ତି କିନ୍ତୁ ପ୍ରାପ୍ତି ନିଶ୍ଚିତ ଅଟେ। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଆଲୋଚନା ମାଧ୍ୟମରେ ପାରିବାରିକ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବ।

ଆଜି ବୈଶାଖ ଅଷ୍ଟମୀଯୁକ୍ତ ନବମୀ, ଗୁରୁବାର, ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ, ଶ୍ରୀଜୀଉଙ୍କର ପ୍ରକଟୋତ୍ସବ, ନୀଳାଦ୍ରି ସତ୍‌ସଙ୍ଗର ପ୍ରତିଷ୍ଠା ଉତ୍ସବ, ମେ ୨୦ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣଶ୍ରାଦ୍ଧ, ଅପରାହ୍ନ ଘ.୦୩।୩୭ ଗତେ ଘ.୦୬।୧୩ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୧୩ ଗତେ ଘ.୦୬।୦୫ ମଧ୍ୟେ, ଘ.୦୯।୩୩ ଗତେ ଘ.୧୧।୧୭ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୧।୨୦ ଗତେ ଘ.୦୨।୫୮ ମଧ୍ୟେ ରାହୁ କାଳ।

## ଭାଲୁ ଆକ୍ରମଣରେ ବାଇକ୍ ଆରୋହୀ ଗୁରୁତର

**ସଜନାଗଡ଼, (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଗୋପ ଅଞ୍ଚଳରେ ବୁଧବାର ଭାଲୁ ଆକ୍ରମଣରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆପାଟଣା ଗାଁର ରମେଶ ମଲ୍ଲିକ। ସୂଚନା ଅନୁଯାୟୀ, ରମେଶ କୌଣସି କାମ ପାଇଁ ଭୋରରେ ବାଇକ୍‌ରେ ପାଟପୁର ଆସୁଥିଲେ। ଗୋପ ଛକଠାରେ ୨ଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ନୀଳଗିରି ଡାକ୍ତରଖାନାରେ ସେ ଚିକିତ୍ସାଧୀନ ଅଛନ୍ତି।

# ସଙ୍କଟରେ ଟେରାକୋଟା ଶିଳ୍ପୀ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୧୯।୫**

- କଟକଣାରେ ଜୀବିକା ପ୍ରଭାବିତ
- ୨ବର୍ଷ ହେଲା ହାତ ବାନ୍ଧି ବସିଛନ୍ତି
- ସରକାରୀ ପ୍ରୋତ୍ସାହନକୁ ଅପେକ୍ଷା

କରୋନା ମହାମାରୀ ପାଇଁ ଦୁଇ ବର୍ଷ ହେଲା ବିକ୍ରିବଟା କରି ନ ପାରି ପ୍ରସ୍ତୁତ ସାମଗ୍ରୀ ଧରି ବସିଛନ୍ତି ଟେରାକୋଟା ଶିଳ୍ପୀ ତଥା ପ୍ରଶିକ୍ଷକ ଗୌରଚନ୍ଦ୍ର ବେହେରା। ରାଜଧାନୀ ତଥା ଅନ୍ୟ ଅଞ୍ଚଳରେ ମେଳା ବା ପ୍ରଦର୍ଶନୀ ପାଇଁ ଭୁବନେଶ୍ୱର ଯାଇ ପାରିଲୁ ନାହିଁ। ଏଣୁ ପୂର୍ବ ବର୍ଷ ଭଳି ସେସବୁ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରିବେ ଓ କିଛି ଉପାର୍ଜନ କରିବାକୁ ଆଶା ରଖିଥିବା ଆଶା ମଉଳିଯାଇଛି । କିନ୍ତୁ ଗତ ବର୍ଷ କରୋନା ମହାମାରୀ ଦାଉ ସାଜିଲା। ଶେଷ ବେଳକୁ ପରିସ୍ଥିତି ସୁଧୁରିବା ଆଶା ରଖିଥିଲେ। କିନ୍ତୁ ପୁଣି ଦ୍ୱିତୀୟ ଲହର କରୋନା କଟକଣା ଯୋଗୁ ଚଳିତବର୍ଷ ମଧ୍ୟ ସବୁ ବନ୍ଦ ହୋଇଗଲା। ବହୁ ଅର୍ଥ ଖର୍ଚ୍ଚ କରି ମନଲଗାଇ ଏବଂ ପରିଶ୍ରମ କରି ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗ ସାମଗ୍ରୀ ତିଆରି କରିଥିଲି। ଘରେ ସାଇତି ରଖିବାକୁ ସ୍ଥାନ ନାହିଁ। କିନ୍ତୁ ଏବେ ପ୍ରସ୍ତୁତ ସାମଗ୍ରୀ ଖରାପ ହୋଇ ଭାଙ୍ଗି ଗଲାଣି ବୋଲି କହିଛନ୍ତି ଗୌରଚନ୍ଦ୍ର (୬୫)।

ପରିଣତ ବୟସରେ ମଧ୍ୟ ନିଜର କୌଳିକବୃତ୍ତି ହାଣ୍ଡିକଳସୀ କାମ ତଥା ପରବର୍ତ୍ତୀ ସମୟରେ ତାଲିମ ନେଇ ଶିଖିଥିବା ଟେରାକୋଟା କଳାକୁ ଛାଡି ପାରୁନଥିବା ଗୌରହରି ଭଳି ଅନେକ କାରିଗର କରୋନା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି । ସଦର ବ୍ଲକ ଟିକର ପଡା ଗ୍ରାମରେ ଗୌରହରିଙ୍କ ଘର। ଷଷ୍ଠ ଯାଏ ପାଠ ପଢା ଛାଡିଦେଇ ପରିବାରର କୌଳିକ ବୃତ୍ତି ମାଟି କାମ କରିଆସୁଥିଲେ ହେଁ ୧୯୮୦ ମସିହାରୁ ଶିଳ୍ପୀ ଭାବରେ ମାଟି କାମ କରିଆସୁଛନ୍ତି। ପରବର୍ତ୍ତୀ ସମୟରେ ୧୯୮୫ରୁ ଟେରାକୋଟା କାମ କରିଆସୁଛନ୍ତି। ନିଜେ ବିଭିନ୍ନ ରଙ୍ଗବେରଙ୍ଗ ସାମଗ୍ରୀ ବିକିବା ସହ ବିଭିନ୍ନ ସ୍ଥାନ ଯାଇ ଆଗ୍ରହୀ ଶିଳ୍ପୀ ମାନଙ୍କୁ ତାଲିମ ଦେଇଆସୁଛନ୍ତି । ତେବେ ଏହି ବୟସରେ ମଧ୍ୟ ସେ ଥକିଯାଇନାହାନ୍ତି ବୋଲି କୁହନ୍ତି। ସରକାରଙ୍କ ତରଫରୁ ସେଭଳି ପ୍ରୋତ୍ସାହନ ମୂଳକ ସହାୟତା କିମ୍ବା ସହଯୋଗ ପାଇପାରିନାହାନ୍ତି। ତିନି ପୁଅ। ସ୍ତ୍ରୀ ସୁଲୋଚନା ଘରେ ରହି ତାଙ୍କୁ ସହାୟତା କରନ୍ତି। ବିଭିନ୍ନ ପ୍ରକାରର ସୋ ମାଟି ସାମଗ୍ରି, ହାଣ୍ଡ. ଫୁଲଦାନୀ, କଇଁଛ, ରାଧାକୃଷ୍ଣ, ଶିବ, ଲକ୍ଷ୍ମୀ, ଗଣେଷ ଆଦି ମୂର୍ତ୍ତି, ମ୍ୟୁଜିକସେଟ, ଚିତ୍ରପଟ୍ଟ ଆଦି ତିଆରି କରିବା ସହ ଦୀପାବଳୀ ସମୟରେ ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗ ଦୀପ ତିଆରି କରି ବିକିଆସୁଛନ୍ତି। ତେବେ ବଜାରର ଅଭାବ ଯୋଗୁ ଏଣେ ତେଣେ ବୁଲି ବିକିବାକୁ ପଡେ। ଏସବୁ ସୌଖୀନ ସାମଗ୍ରୀ ଲୋକାଲ ଏରିଆରେ ବିକ୍ରି ହେଉ ନାହିଁ। ଏଣୁ ମେଳା, ପ୍ରଦର୍ଶନୀ ଉପରେ ନିର୍ଭର କରିବାକୁ ପଡିଥାଏ । ଏପରିକି ଜିଲା ମୁଖ୍ୟାଳୟରେ ଏହି ସବୁ ର ବିକ୍ରିବଟା କରିବା ସହ ଶିଳ୍ପୀ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଦୋକାନ ବ୍ୟବସ୍ଥା ମଧ୍ୟ ନାହିଁ। ଉକ୍ତ ଗ୍ରାମରେ ୧୪୦ ପରିବାର ମଧ୍ୟରୁ ପାଖାପାଖି ୪୦ ଘର ସାଧାରଣ ମାଟି ହାଣ୍ଡି, କଳସୀ ଆଦି କାମ କରୁଥିବା ବେଳେ ତାଙ୍କ ପରିବାର ଟେରାକୋଟା କାମ କରୁଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଏଭଳି ଟେରାକୋଟା କାମ କରୁଥିଲେ ହେଁ ଏବେ କରନା ସମୟରେ ହାତବାନ୍ଧି ଦୁଃଖ ଦୁର୍ଦ୍ଦଶାରେ କାରିଗରମାନେ ବସିଛନ୍ତି।


ଟେରାକୋଟା ସାମଗ୍ରୀ ସହ ଗୌରଚନ୍ଦ୍ର।

## ସଂକ୍ଷେପରେ

### ୫ ହଜାର ଡଣ୍ଡ ଗଣିଲେ ଅମାନିଆ

**ପାଟଣା,୧୯।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ବ୍ଲକ ଛକରେ ବୁଧବାର କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗରେ କୋଭିଡ ଏନଫୋର୍ସମେଣ୍ଟ ଟିମ ୧୦ଜଣ ବାଇକ୍ ଚାଳକଙ୍କଠାରୁ ମୋଟ ୫ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏଥିସହ ବିନା କାଗଜପତ୍ରରେ ବାଇକ ଚଲାଉଥିବାରୁ ଗୋଟିଏ ବାଇକ୍‌କୁ ପୋଲିସ ଜବତ କରିଛି। ମାସ୍କ ପିନ୍ଧି ନଥିବା କେତେକ ଗ୍ରାମୀଣ ଲୋକଙ୍କୁ ପ୍ରଶାସନ ପକ୍ଷରୁ ମାସ୍କ ବିତରଣ କରଯାଇଥିଲା। ସୂଚନା ଅନୁଯାୟୀ ବୁଧବାର ପାଟଣା ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ ଓ ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବଜାର ଉପରେ ଯାଞ୍ଚ ପ୍ରକ୍ରିୟା କଡାକଡି କରାଯାଉଥିବା ସମୟରେ ଅମାନିଆଙ୍କ ଠାରୁ ଏହି ଜରିମାନା ଆଦାୟ କରାଯାଇଛି।

### ସଡ଼କ ଦୁର୍ଘଟଣାରେ ବ୍ୟାଙ୍କ କର୍ମଚାରୀ ମୃତ

**ଜଳେଶ୍ୱର,୧୯।୫ (ଡି.ଏନ୍.ଏ.):** ବାଲେଶ୍ୱର ଜିଲାର ଜଳେଶ୍ୱରରୁ ଚନ୍ଦନେଶ୍ୱର ଯାଉଥିବା ୫୭ ନଂ ରାଜ୍ୟ ରାଜପଥର ତାଳବଣିଆ ନିକଟରେ ବୁଧବାର ଏକ ସଡକ ଦୁର୍ଘଟଣାରେ ଜଣେ ବ୍ୟାଙ୍କ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ତପନ ଦେ। ତାଙ୍କ ଘର କମର୍ଦ୍ଦା ଥାନା ଅନ୍ତର୍ଗତ ବାରବାଟିଆ ଗ୍ରାମରେ। ସେ ଏକ ବାଇକ୍ ଯୋଗେ ଜଳେଶ୍ୱର ଷ୍ଟେଟ୍ ବ୍ୟାଙ୍କକୁ ଆସୁଥିବା ବେଳେ ସାମ୍ନାପଟୁ ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ସେ କିଓ୍ୟାଙ୍କ ବ୍ୟାଙ୍କ କର୍ମଚାରୀ ଅଟନ୍ତି । ତାଙ୍କୁ ଜିକେ ଭଞ୍ଜ ହସ୍ପିଟାଲକୁ ଅଣାଯାଇଥିଲେ ମଧ ତାଙ୍କର ମୃତ୍ୟୁ ଘଟିଥିଲା । ଫଳରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

### ଦେହରେ ନିଆଁ ଲଗାଇ ମହିଳା ଗୁରୁତର

**ଠାକୁରମୁଣ୍ଡ,୧୯।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ସାତକୋଶିଆ ପଞ୍ଚାୟତ ଅନ୍ତର୍ଗତ ଜାମୁନଣ୍ଡା ଗ୍ରାମର ଜଣେ ମହିଳା ବୁଧବାର ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିବାରୁ ଚିକିତ୍ସା ପାଇଁ ପ୍ରଥମେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଆତ୍ମହତ୍ୟା ଉଦ୍ୟମର କାରଣ ସ୍ପଷ୍ଟ ହୋଇନି।

### ଆଇସିଡିଏସ୍ ସୁପରଭାଇଜରଙ୍କ ମୃତ୍ୟୁ

**ବନ୍ତ,୧୯।୫ (ଡି.ଏନ.ଏ./ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ (ଆଇସିଡିଏସ୍)ର ସୁପରଭାଇଜର ଚକ୍ରାପାଢ଼ୀ ଗ୍ରାମର ପ୍ରୀତିମୟୀ ଉଦ୍‌ଗାତା(୩୨)ଙ୍କ ମଙ୍ଗଳବାର ରାତିରେ ଅକାଳ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ରବିବାର ସେ ଭଦ୍ରକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଏକ ମୃତ ସନ୍ତାନ ପ୍ରସବ କରିବା ପରେ ତାଙ୍କଠାରେ ଜଣ୍ଡିସ୍ ଚିହ୍ନଟ ହୋଇଥିଲା। ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ମରଶରୀରକୁ ଆଗରପଡ଼ା ବଜାର ପରିକ୍ରମା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ଦୁର୍ଘଟଣାରେ ଭଉଣୀ ମୃତ, ଭାଇ ଗୁରୁତର

**ବସ୍ତା/ରୂପ୍‌ସା,୧୯।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଇଡ଼ଦା ଗ୍ରାମରେ ବୁଧବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଡମ୍ପର ସାମ୍ନା ପଟୁ ଆସୁଥିବା ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଆରୋହୀ ଭାଇ ଗୁରୁତର ହୋଇଥିବା ବେଳେ ପଛରେ ବସିଥିବା ତାଙ୍କ ଭଉଣୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ହେଲେ ବାଲିସାହି ଗ୍ରାମର ଶଶାଙ୍କ ଆଦେକଙ୍କ ସ୍ତ୍ରୀ ମଞ୍ଜୁଲତା। ଗୁରୁତର ଶିବ ଶଙ୍କର ବେହେରାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ବସ୍ତା ଡାକ୍ତରଖାନା ପଠାଇଛନ୍ତି। ଉଭୟ ବାଇକ୍ ଯୋଗେ ଇଡ଼ଦାରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ଦୁର୍ଘଟଣା ଘଟାଇଥିବା ଡମ୍ପରକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୧୧/୨୧) ରୁଜୁ ହୋଇଛି।

# ମୋବାଇଲ୍‌ରେ ଗେମ୍ ଖେଳି ଆତ୍ମହତ୍ୟା ଉଦ୍ୟମ

**ଜଳେଶ୍ୱର,୧୯।୫ (ଡି.ଏନ୍.ଏ.)**

କୋଭିଡ୍ କଟକଣା ଯୋଗୁ ଶିକ୍ଷାନୁଷ୍ଠାନ ବନ୍ଦ ଥିବାରୁ ଏବଂ ଲକ୍ ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ଜୀବନଯାତ୍ରା ବ୍ୟାହତ ହେଉଥିବାରୁ ଯୁବ ଗୋଷ୍ଠୀଙ୍କୁ ଏକ ପ୍ରକାର ମାନସିକ ଚାପ ମଧ୍ୟକୁ ଠେଲି ଦେଇଛି। ସେମାନେ ଗୋଟିଏ ସ୍ଥାନରେ ଏକ ପ୍ରକାର ବନ୍ଦୀ ଜୀବନ ବିତାଉଥିବାରୁ ମୋବାଇଲ ହିଁ ସମୟ ଅତିବାହିତ କରିବାର ଏକମାତ୍ର ମାଧ୍ୟମ ହୋଇଛି। କିନ୍ତୁ ଏପରି କିଛି ମୋବାଇଲ୍ ଗେମ୍ ଖେଳିବା ଦ୍ୱାରା ଯୁବକଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରାଉଛି। ଏପରି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧୀନ ଗୌର ବେଲଦା ଗ୍ରାମରେ। ଉକ୍ତ ଗେମ୍ ଖେଳି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିବା ପରିବାର ଲୋକ କହିଛନ୍ତି।

ସୂଚନା ଅନୁଯାୟୀ, ସେ ଘରେ ବସି ବସି ସବୁବେଳେ ମୋବାଇଲ୍‌ରେ ଗେମ୍ ଖେଳୁଥିଲେ। ବାପା, ମା’ ଯେତେ ବୁଝାଇଲେ ବି ସେ ନ ଶୁଣି ଖେଳରେ ମଜି ରହୁଥିଲେ। ଏକପ୍ରକାର ଖାଇବା ପିଇବା ମଧ୍ୟ ଛାଡ଼ି ଦେଇଥିଲେ। ମଙ୍ଗଳବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ସେ ଉକ୍ତ ଗେମ୍ ଖେଳୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ବୁଧବାର ସକାଳେ ସେ ଘରେ ନ ଥିବା ଦେଖି ତାଙ୍କ ମା’ ପରିବାର ଲୋକଙ୍କୁ ଜଣାଇଥିଲେ। ସେମାନେ ବହୁ ଖୋଜାଖୋଜି କରିବାପରେ ଘର ପଛପଟେ ଏକ ଗଛରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଚେତାଶୂନ୍ୟ ଥିବାବେଳେ ଉଦ୍ଧାର କରି ପ୍ରଥମେ ଜିକେ ଭଞ୍ଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ବାଲେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେ ଏବେ ଗୁରୁତର ଥିବାବେଳେ ଗଛ ଡାଳ ଭାଙ୍ଗିଯିବାରୁ ସେ ବର୍ତ୍ତିଯାଇଥିବା କୁହାଯାଇଛି।

# ଭଦ୍ରକ ସହରରେ ଚେକିଂ କଡ଼ାକଡ଼ି


ଟାଉନ ହଲ୍ ଛକଠାରେ ଚେକିଂ କରାଯାଉଛି।

**ଭଦ୍ରକ ଅଫିସ,୧୯।୫**

କରୋନା ମହାମାରୀର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଲକ୍‌ଡାଉନ ଅବଧିକୁ ବଢ଼ାଇଛନ୍ତି। ବୁଧବାରଠାରୁ ଲକ୍‌ଡାଉନ ଅବଧି ବଢ଼ିବା ପରେ ଭଦ୍ରକ ସହରରେ ପୋଲିସ ପକ୍ଷରୁ ବ୍ୟାରିକେଡ୍ କରାଯାଇ ଚେକିଂ କଡ଼ାକଡ଼ି କରାଯାଉଛି। ଅତି ଜରୁରୀ ପରିସ୍ଥିତିରେ ପରିଚୟପତ୍ର ଦେଖି ସହର ମଧ୍ୟକୁ ଛାଡୁଛି ପୋଲିସ। ଯେଉଁମାନେ ଅଯଥା ବଜାରକୁ ଆସୁଛନ୍ତି, ସେମାନଙ୍କ ଉପରେ ଜରିମାନା ଲଗାଯାଉଛି। ସହରର ବନ୍ତ, କଚେରୀ, ବାଇପାସ୍ ସହ ବିଭିନ୍ନ ଛକରେ କଡ଼ାକଡ଼ି ଚେକିଂ କରାଯାଉଛି। ଏସ୍‌ଡିପିଓ ସାର୍ଥକ ରାୟ, ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ ପାଟ୍ରୋଲିଂ କରିବା ସହ କଡ଼ା ଚେକିଂ ବ୍ୟବସ୍ଥା କରିଛନ୍ତି। ବର୍ତ୍ତମାନ ମହାମାରୀ ସମୟରେ ସମସ୍ତେ ସଚେତନ ହେବା ଆବଶ୍ୟକ। ଅଯଥାରେ ବଜାରକୁ ଆସି ଗହଳି ନ କରିବାକୁ ପୋଲିସ ପକ୍ଷରୁ ନିବେଦନ କରାଯାଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ


ଜିଲାପାଳ ଆଶିଷ ଠାକ୍‌ରେ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରୁଛନ୍ତି।

**କେନ୍ଦୁଝର, ୧୯।୫ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ସ୍ଥାନୀୟ ପୌରପାଳିକା ଟିକାଦାନ କେନ୍ଦ୍ରକୁ ଟିକା ନେବା ପାଇଁ ବହୁ ଲୋକ ବୁଧବାର ସକାଳୁ ଆସିଥିଲେ। ବହୁ ସମୟ ଅପେକ୍ଷା କରିବା ପରେ ଜାଣିବାକୁ ପାଇଲେ ଯେ ଟିକା ନ ଥିବାରୁ ଟିକାଦାନ ବନ୍ଦ ରହିଛି । ଫଳରେ ଆସିଥିବା ଲୋକ ମାନେ ଉତ୍ତ୍ୟକ୍ତ ହୋଇ ନିକଟରେ ଥିବା ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳ ଆଶିଷ ଠାକରେ ଘରୁ ବାହାରି ଲୋକଙ୍କ ସହିତ ଆଲୋଚନା କରିବା ପରେ ସେମାନେ ଫେରିଯାଇଥିଲେ। ସବୁଦିନ ଭଳି ଗତ ମଙ୍ଗଳବାର ଟିକାଦାନ ସମ୍ପର୍କରେ ସୂଚନା ପ୍ରଶାସନ ସାମାଜିକ ମିଡିଆରେ ବିଳମ୍ବରେ କରିଥିବାରୁ ବହୁ ଲୋକ ଜାଣି ନ ପାରି ବୁଧବାର ଚାଲିଆସିଥିଲେ। ତେବେ ଠିକ ଭାବରେ ପ୍ରଚାର ହେଉନାହିଁ କିମ୍ବା ଅଧିକ ଟିକା ଆସୁ ନ ଥିବାରୁ ଲୋକେ ଟିକା ସରିଯିବା ଭୟରେ ଭୋର ୪ଟାରୁ ଆସି କେନ୍ଦ୍ର ଆଗରେ ତଥା ରାସ୍ତା କଡରେ ଠିଆ ହୋଇ ଦୀର୍ଘ ଘଣ୍ଟା ଅପେକ୍ଷା କରୁଛନ୍ତି। ଏଣୁ ଏନେଇ ଠିକ ଭାବରେ ଆସୁଥିବା ଟିକା ପରିମାଣ, ଟିକାଦାନ କେନ୍ଦ୍ରରେ କରାଯାଇଥିବା ଟିକା ଧାର୍ଯ୍ୟ ପରିମାଣ ଲୋକଙ୍କୁ ସୂଚିତ କରିବା ସହ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀକରଣ କରାଗଲେ ଏହି ସମସ୍ୟା ଦୂର ହେବ। ସେହିପରି ଜିଲାକୁ ଅଧିକ ପରିମାଣରେ ଟିକା ଆଣି ଦୈନିକ ଟିକାଦାନ ବ୍ୟବସ୍ଥା କରାଗଲେ ଲୋକ ମାନେ ବ୍ୟତିବ୍ୟସ୍ତ ନ ହୋଇ ସୁବିଧାରେ ଆସି ଟିକା ନେଇପାରନ୍ତେ ବୋଲି ମତ ପ୍ରକାଶ ପାଉଛି।

## ମଦ ଦୋକାନ ଖୋଲିବାକୁ ବିରୋଧ

**ଭଦ୍ରକ ଅଫିସ,୧୯।୫**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋଠାରେ ଏକ ନୂତନ ସରକାରୀ ମଦ ଦୋକାନ ଖୋଲିବାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଦୋକାନ ପାଇଁ ଲାଇସେନ୍ସ ପାଇଥିବା ବ୍ୟକ୍ତି ଜନବସତି, ସ୍କୁଲ ଓ ଆଇଟିଆଇ ତାଲିମ କେନ୍ଦ୍ର ନିକଟରେ ଦୋକାନ ଗୃହ ନିର୍ମାଣ କରୁଥିବାରୁ ଏହାକୁ ବିରୋଧ କରାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ପୂର୍ବରୁ ଚାନ୍ଦବାଲି ତହସିଲଦାର, ପରେ ପୋଲିସ ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହୋମ ଡେଲିଭରି ବଦଳରେ ଉକ୍ତ ଦୋକାନୀ ଚୋରାରେ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସୂଚନା ଥାଉକି, ସେହି ସ୍ଥାନରୁ ୨ ଦିନ ତଳେ ପୋଲିସ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି ଘରଟିକୁ ସିଲ୍ କରିଥିଲା। ଚୋରାମଦ ବିକ୍ରିକୁ ବିରୋଧ କରି ବୁଧବାର ସ୍ଥାନୀୟ ଲୋକେ ହୋହଲ୍ଲା କରିବା ସହ ମଦ ବିକ୍ରି ବନ୍ଦ ପାଇଁ ଦାବି କରିଥିଲେ। ମଦ ବିକ୍ରି ବନ୍ଦ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଔଷଧ ଦୋକାନୀଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି

**ବାଲିଆପାଳ, ୧୯।୫(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଔଷଧ ଦୋକାନୀ ସଂଘ, ଔଷଧ ଦୋକାନୀଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦେବାପାଇଁ ଏବଂ ଅଗ୍ରାଧିକାର ଭିତ୍ତିରେ କରୋନା ଟିକାକରଣ ଦାବି ନେଇ ବୁଧବାର ବାଲିଆପାଳ ତହସିଲଦାର ଦୀପକ କୁମାର ଦାସଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ବୁଦ୍ଧଦେବ ସାହୁ, ଚନ୍ଦନ କୁମାର ଦାସ, ଅମନ କୁମାର ସିଂହ, ଅନନ୍ତ କୁମାର ସାହୁ, ସୁକୁମାର ଦାସ, ଦେବେନ୍ଦ୍ର ନାୟକ, ହେମନ୍ତ କୁମାର ଜେନାଙ୍କ ସହିତ ଅନେକ ଔଷଧ ଦୋକାନୀ ଉପସ୍ଥିତ ଥିଲେ।


ଔଷଧ ଦୋକାନୀ ସଂଘ ପକ୍ଷରୁ ତହସିଲଦାର ଦୀପକ କୁମାର ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବିଜେଡି ପ୍ରତିନିଧି ଦଳଙ୍କ କୋଭିଡ କେୟାର କେନ୍ଦ୍ର ପରିଦର୍ଶନ

**କେନ୍ଦୁଝର, ୧୯।୫ (ସ୍ୱ.ପ୍ର.)**

ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ଧରଣୀ ଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଧୂପଦା ନିକଟସ୍ଥ ଡିଗ୍ରୀ ସରକାରୀ ଇଞ୍ଜିନିୟରିଂ କଲେଜରେ ହୋଇଥିବା କୋଭିଡ କେୟାର ସେଣ୍ଟର ପରିଦର୍ଶନ କରି ସ୍ୱାସ୍ଥ୍ୟ ଭିତ୍ତିଭୂମି, ରୋଗୀ ସେବା, ସେମାନଙ୍କ ଖାଦ୍ୟ ଓ ଔଷଧ ବ୍ୟବସ୍ଥା, ବୁଝି ଦେଖିଥିଲେ। ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ରହିଥିବା ଅବଗତ ହୋଇଥିଲେ। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ। ରୋଗୀଙ୍କ ସମ୍ପର୍କୀୟଙ୍କୁ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଅନ୍ୟାନ୍ୟ ତଥ୍ୟ ଠିକ ଭାବରେ ଦେବା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କହିଥିଲେ। ରାଜ୍ଜି କୋଭିଡ ହସ୍ପିଟାଲରେ ଆସୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ବିଜେଡି ତରଫରୁ କରିବା ନେଇ ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟ ଶଙ୍କର ଚକ୍ର ଜିଲାପାଳଙ୍କୁ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟ ଶଙ୍କର ଚକ୍ର, ଜିଲା ବିଜେଡି ଉପସଭାପତି ପ୍ରମୋଦ ପଟ୍ଟନାୟକ, ଟାଉନ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ସମେତ ଏହି ଗସ୍ତରେ ସାମିଲ ଥିଲେ।

## ୮ ଫୁଟର ଅଜଗର ଉଦ୍ଧାର

**ପାଟଣା, ୧୯।୫(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ମାଛଗଡ଼ ବିଟ ଫୁଲପାହାଡ଼ି ଗ୍ରାମପଡ଼ିଆରୁ ବୁଧବାର ସକାଳୁ ଏକ ୮ଫୁଟ ଲମ୍ବର ଏକ ଅଜଗର ସାପକୁ ଉଦ୍ଧାର କରି ବନ ବିଭାଗ ପୁରୁଣିଆ ସଂରକ୍ଷିତ ଜଙ୍ଗଲରେ ଛାଡିଦେଇଛି। ସୂଚନା ଅନୁଯାୟୀ ବୁଧବାର ସକାଳୁ ଏକ ଅଜଗର ସାପ ଗାଁ ନିକଟ ପଡ଼ିଆରେ ଘୁରି ବୁଲୁଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ସାହାରପଡା ଫରେଷ୍ଟର ମୋହିନୀ ମହାନ୍ତ ଓ ସ୍ନେକ ହେଲ୍ପଲାଇନ ଗ୍ରାମରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଯାତ୍ରୀଙ୍କୁ ମାସ୍କ ବଣ୍ଟନ

**ଖଇରା,୧୯।୫**

ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଯୁବ ବିଜେଡି ପକ୍ଷରୁ ବୁଧବାର ସୋର-କୁପାରୀ ରାସ୍ତାରେ ଯାତ୍ରୀମାନଙ୍କୁ ମାସ୍କ ବଣ୍ଟନ କରାଯାଇଛି। ଲୋପାମୁଦ୍ରା ଗାର୍ମେଣ୍ଟର ମାଲିକ ବିଶ୍ୱଜିତ ଜେନାଙ୍କ ପ୍ରତ୍ୟେକ୍ଷ ସହଯୋଗରେ ସ୍ଥାନୀୟ ସରପଞ୍ଚ ସୁଦର୍ଶନ ସେଠୀ ଓ ବିଜେଡି ନେତା ଶଶାଙ୍କ ଶେଖର ମହାପାତ୍ରଙ୍କ ନେତୃତ୍ୱରେ ୨ ହଜାର ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ସୁଶାନ୍ତ ଜେନା, ନିଶିକାନ୍ତ ମହାନ୍ତି, ବଳରାମ ଲେଙ୍କା, ରାକେଶ ଗଦାଧର ବରାଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।


ଯୁବ ବିଜେଡି ସଦସ୍ୟ ମାସ୍କ ବାଣ୍ଟୁଛନ୍ତି।

# ଗହମ ବଣ୍ଟନକୁ ନେଇ ବଢୁଛି ଅସନ୍ତୋଷ

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା,୧୯।୫**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଚଳିତ ମାସ କମ ଗହମ ବଣ୍ଟନକୁ ନେଇ ଗାଁ ଗାଁରେ ଅସନ୍ତୋଷ ବଢ଼ିବାରେ ଲାଗିଛି । କରୋନାରେ ଗରିବ ହିତାଧିକାରୀଙ୍କୁ ସୁବିଧା ଦିଆଯିବା ପରିବର୍ତ୍ତେ ସାମଗ୍ରୀ କମ କରି ପ୍ରଦାନ କରାଯିବାରେ ହିତାଧିକାରୀଙ୍କୁ ନିରାଶ କରିଛି। ଏଭଳି ରାଜ୍ୟ ଏବଂ ଜିଲାରୁ ଯେଉଁ ପରିମାଣର ସାମଗ୍ରୀ ଆସିଛି ତାହା ମଧ୍ୟ କେନ୍ଦ୍ର ଗୁଡ଼ିକରେ ସୁଷମ ଭାବେ ବଣ୍ଟନ କରାଯାଉ ନ ଥିବାରୁ ହିତାଧିକାରୀମାନେ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଜିଲାଧିସ୍ତରରୁ ଡିଲର ପଏଣ୍ଟ ପର୍ଯ୍ୟନ୍ତ ଅଧିକାରୀ ଓ କର୍ମଚାରୀମାନେ ଏଥିରେ ସାମିଲ ଥିବାରୁ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି।

ଖଇରା ବ୍ଲକକୁ ପ୍ରତିମାସ ଭଳି ମେ’ ମାସରେ ଗହମ କୋଟା ବାବଦକୁ ୧୮୧୪କୁଇଣ୍ଟାଲ ଗହମ ଆସିବା କଥା। ହେଲେ ମେ’ମାସରେ ୧୧୫୬କୁଇଣ୍ଟାଲ ଗହମ ପ୍ରଦାନ କରାଯାଇଛି । ନିର୍ଦ୍ଧାରିତ ଓଜନ ଠାରୁ ୩୬ ପ୍ରତିଶତ କମ ଅର୍ଥାତ ୬୫୮ କୁଇଣ୍ଟାଲ କମ ଗହମ ଦିଆଯାଇଥିବାରୁ ଗରିବ ଲୋକେ ପ୍ରଭାବିତ ହୋଇଛନ୍ତି। ସେପଟେ କେଉଁ ଡିଲର କେତେ ଓଜନର ଗହମ ବଣ୍ଟନ କରିବେ ତାହାର ଏକ ଚିଠା ଖଇରା ବ୍ଲକର ୮୫ଟି ଡିଲର ପଏଣ୍ଟକୁ ଦିଆଯାଇଥିଲେ ହେଁ ଡିଲରମାନେ ତାହାଠାରୁ କମ ଓଜନର ଗହମ ଦେଉଛନ୍ତି । ଅର୍ଥାତ ଜଣେ ବ୍ୟକ୍ତି ଯଦି ପୂର୍ବରୁ ୫କିଲୋ ଗହମ ପାଉଥିଲା ତେବେ ମେ’ ମାସରେ ତାକୁ ୩କିଗ୍ରା୨ଶହ ଗ୍ରାମ ମିଳିବା କଥା । ହେଲେ ଡିଲରମାନେ ସେହି ସ୍ଥାନରେ କମ ଆସିଥିବା କହି ୩କିଲୋ ଗହମ ନେଇ ବାକି ଅଂଶକୁ ତୋଷରପାତ କରୁଛନ୍ତି। କୋଭିଡ୍ ସମୟରେ ସରକାର ଖାଉଟିଙ୍କ ଦୁରାବସ୍ଥାକୁ ହୃଦୟଙ୍ଗମ କରି ଅଧିକ ମାଗଣା ଜିନିଷ ପ୍ରଦାନ ପାଇଁ ଘୋଷଣା କରୁଥିବାବେଳେ ତଳସ୍ତରରେ ଏଭଳି ଶୋଷଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଝିଙ୍କିରିଆ ଗ୍ରାମର କରୁଣାକର ବିଶ୍ୱାଳ ଅଭିଯୋଗ କରିଛନ୍ତି। ଜିଲାପାଳ ଓ ଜିଲା ଯୋଗାଣ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ୩୭ପଞ୍ଚାୟତର ହିତାଧିକାରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ପି.କେ ରାଉତରାୟଙ୍କୁ ପଚାରିବାରୁ ରାଜ୍ୟରୁ ଜିଲାକୁ ୭ହଜାର କୁଇଣ୍ଟାଲ ଗହମ କମ ଆସିଥିବାରୁ ସେହି ଅନୁପାତରେ ବ୍ଲକକୁ କମ ଗହମ ଯୋଗାଣ ହୋଇଛି । ପରବର୍ତ୍ତୀ ସମୟରେ ଏହାକୁ ଭରଣା କରାଯିବ । ଯଦି କେହି ଡିଲର କମ ପରିମାଣରେ ଗହମ ଦେଉଛନ୍ତି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ସ୍ୱର୍ଗଟିଏ ନିର୍ମାଣ କରିବା କେଡେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। -ଶ୍ରୀଅରବିନ୍ଦ

# ପରିବେଶ ଅନୁକୂଳ ଅନ୍ତିମ ସଂସ୍କାର



ମାନେକା ଗାନ୍ଧୀ

ଯେଉଁଦିନ କୋଭିଡ୍ ଟେଷ୍ଟିଂ ଟିମ୍ ମୋର ପଜିଟିଭ୍ ଥିବା ଘୋଷଣା କଲା, ଠିକ୍ ତା'ପରେ ମୋତେ ମୃତ୍ୟୁ ଚିନ୍ତା ଘାରିଲା। ମୋ ଜାଣିବାରେ ଅନେକ ଲୋକଙ୍କର ଏଥିରେ ମୃତ୍ୟୁ ଘଟିଛି। ଦୁଇ ଜଣ କୋଭିଡ୍-୧୯ରେ ପୀଡ଼ିତଙ୍କ ପାଇଁ ଅକ୍ସିଜେନ ଯୋଗାଇ ଦେବାକୁ ମୁଁ ଫୋନ୍ କଲାବେଳେ ତାଙ୍କ ଜୀବନ ବି ଚାଲିଗଲା। ଆଉ ଜଣଙ୍କ ପାଇଁ ହସ୍ପିଟାଲ ମାଲିକଙ୍କୁ ନେହୁରା ହେବା ପରେ ତାଙ୍କୁ ଆଡ୍‌ମିଶନ କରାଯାଇଥିଲା। ଦେଖିବାକୁ ଗଲେ ପ୍ରତ୍ୟେକ ଦିନ ସକାଳେ ମୋର ଜଣେ ପରିଚିତ ସ୍ମୃତି ପାଲଟି ଯାଉଛନ୍ତି। ଏଣୁ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ମୁଁ ମୋ ଶରୀର ସହ କ'ଣ କରିବି ବୋଲି ଭାବୁଥିଲି। ଯଦି ମୋର କୋଭିଡ୍ ଯୋଗୁ ମୃତ୍ୟୁ ଘଟେ,ତେବେ ଅଧିକ କିଛି କରାଯାଇପାରିବ ନାହିଁ। ସେମାନେ ଆସିବେ ଏବଂ ମୋ ମୃତଦେହକୁ ନେଇ ପ୍ଲାଷ୍ଟିକ୍‌ରେ ଗୁଡ଼ାଇ ପୋଡାହେବାକୁ ଥିବା ଶବଗଦାକୁ ଫିଙ୍ଗିଦେବେ । କିନ୍ତୁ ମୁଁ ଜଳିବାକୁ ଚାହେଁ ନାହିଁ। ମୁଁ ଅଭିନେତା ଲ୍ୟୁକ୍ ପେରୀଙ୍କ ଭଳି ଯିବାକୁ ଚାହେଁ। ମୋ ବଗିଚାରେ ମୋତେ ପୋତି ଦେବା ଲାଗି ବହୁ ବର୍ଷ ହେବ ମୋ ପରିବାର ନିକଟରେ ମୁଁ ଦାବି ରଖିଆସୁଛି। ମୋ ବଗିଚା ଏ ପୃଥିବୀର ଏକ ଅଂଶ । ଏହାକୁ ମୁଁ ଏକ ଚମତ୍କାର ଜଙ୍ଗଲରେ ପରିଣତ କରିଛି ,ଯେଉଁଠି ରାଜୁତି କରୁଛି ନୀରବତା । ପ୍ରତିଦିନ ସକାଳେ ମୁଁ ଉଠି ଝରକା ଖୋଲି ଏହାର ସୌନ୍ଦର୍ଯ୍ୟ ଉପଭୋଗ କରେ। ଦିନ ରାତି ମୁଁ ହଜାର ହଜାର ପକ୍ଷୀଙ୍କ ବ୍ୟସ୍ତତାକୁ ନିରୀକ୍ଷଣ କରେ। ଋତୁ ପରିବର୍ତ୍ତନ ଧାରାରେ ଗଛର ଫଳଧାରଣକୁ ବି ସେଠାରେ ଲକ୍ଷ୍ୟ କରେ। ମୁଁ ଏହି ଜଙ୍ଗଲରେ ସମାଧି ନେବାକୁ ଚାହେଁ। ଏହି ଭୂସ୍ୱର୍ଗକୁ ମୁଁ ଗଢ଼ିଛି, ଯେଉଁଠି ସବୁ ଗଛ ବଞ୍ଚିଛି । ମୁଁ ସଂଲେପିତ ହେବାକୁ ଚାହେଁନି। ମୁଁ ମଧ ଭୟଙ୍କର ତଥା କଳାଧୂଆଁପୂର୍ଣ୍ଣ ସରକାରୀ ଶବହାହ ଗୃହରେ ଦାହ ହେବାକୁ ଇଚ୍ଛା କରେ ନାହିଁ। ମୁଁ ଯଦି ଜାଣିବି ଯେ, ମୋତେ କାଠରେ ପୋଡ଼ାଯିବ ତେବେ ମୁଁ ଅତ୍ୟଧିକ ଲଜ୍ଜିତ ହେବି। କିନ୍ତୁ ମୁଁ କେମିତି କବରନେବି ? ଏକ ପୁରୁଣା ଧଳା ଚାଦର ଗୁଡାଇ ହୋଇ ଲୁଣ ଭିତରେ ରହି କବର ନେବାକୁ ଚାହେଁ ନାହିଁ। ମୁଁ ଅଭିନେତା ଲ୍ୟୁକ୍ ପେରୀଙ୍କ ଭଳି କବର ନେବାକୁ ଚାହେଁ। ପେରୀଙ୍କର ୫୨ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ହେବା ପୂର୍ବରୁ ମୁଁ ତାଙ୍କୁ କେବେ ବି ଜାଣି ନ ଥିଲି। କିନ୍ତୁ ତାଙ୍କ କବର ସମ୍ପର୍କରେ ଜାଣିବାକୁ ଆଗ୍ରହୀ ହେଲି। ସେ ତାଙ୍କ ଫାର୍ମରେ କବର ନେଲେ। ପ୍ରାକୃତିକ ଉପାୟରେ ଶୀଘ୍ର ବିଘଟନ ହେବା ଭଳି ମସ୍‌ରୁମରୁ ପ୍ରସ୍ତୁତ ପୋଷାକ ପିନ୍ଧାଯାଇ ଓ ମାଇସେଲିୟମ(କବକଜାଲ)ରେ ନିର୍ମିତ କଫିନ୍‌ରେ ତାଙ୍କୁ ରଖାଯାଇ କବର ଦିଆଯାଇଥିଲା। ଏହା ବିଷାକ୍ତ ମାଟିକୁ ପ୍ରଦୂଷିତ ହେବାକୁ ଦିଏ ନାହିଁ , ବରଂ ଉର୍ବରତା ବୃଦ୍ଧିକରେ। ଏହି କବର ପଦ୍ଧତି ବିଷାକ୍ତ ଉପାଦାନକୁ ନିଷ୍ପ୍ରଭ କରିବା ସହ ଗଛକୁ ବଢ଼ିବାରେ ସାହାଯ୍ୟ କରିଥାଏ।

ମସ୍‌ରୁମ୍ ବା ଫଙ୍ଗସ୍‌ରୁ ପ୍ରସ୍ତୁତ ପୋଷାକ ଏବଂ ମାଇସେଲିୟମ କଫିନ ଆମେରିକାର କୋଇଓ ଡଟ୍ କମ୍ କମ୍ପାନୀ ଦ୍ୱାରା ତିଆରି କରାଯାଉଛି। ମୃତଦେହକୁ ପିନ୍ଧାଯାଉଥିବା ଜୈବିକ ସୂତାର ପୋଷାକ ଫଙ୍ଗସ୍‌ର ମାଇସେଲିୟମ ଏବଂ ଅନ୍ୟ ଅଣୁଜୀବୀଙ୍କ ଜୈବ ମିଶ୍ରଣରୁ ପ୍ରସ୍ତୁତ କରାଯାଇଥାଏ। ଏହା ସହଜରେ ବିଘଟିତ ହେବା ସହ ମୃତ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ନଷ୍ଟ କରିଦିଏ ଏବଂ ନ୍ୟୁଟ୍ରିଣ୍ଟ ଉଭିଦ ଜୀବନକୁ ପରିବର୍ତ୍ତିତ ହୋଇଯାଏ। ମୋଟ ଉପରେ ମୃତ ଦେହଟି ଏକ ଜୀବନ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ଇନ୍‌ଷ୍ଟାଗ୍ରାମ୍‌ରେ ଲ୍ୟୁକ୍‌ଙ୍କ ଝିଅ ଉଲ୍ଲେଖ କରିଥିଲେ ଯେ, ତାଙ୍କ ପିତା ଏହି କବର ପଦ୍ଧତିର ସନ୍ଧାନ କରିଥିଲେ ଓ ଏଥିପ୍ରତି ସେ ସବୁବେଳେ ଅଧିକ ଆଗ୍ରହୀ ବି ଥିଲେ। ମୃତ୍ୟୁ ପରେ ତାଙ୍କ ପିତା ଏହି ପୋଷାକ ପିନ୍ଧି କବର ନେଇଥିଲେ ଓ ଏହା ମଧ ତାଙ୍କର ଶେଷ ଇଚ୍ଛା ଥିଲା। ଏ ସୁନ୍ଦର ପୃଥିବୀ ପାଇଁ ବାସ୍ତବରେ ଏଗୁଡ଼ିକ ସବୁଠୁ ସୁନ୍ଦର ଜିନିଷ ଏବଂ ଏ ବିଷୟରେ ସମସ୍ତଙ୍କୁ ଜଣାଇ ଦେବାକୁ ଚାହେଁ ବୋଲି ସେ କହିଥିଲେ। ଏଭଳି କବର ଦେବାର ଯୋଜନା ବା ଚିନ୍ତାଧାରା ଡଚ୍ ଗବେଷକ ବବ୍ ହେନ୍‌ଡ୍ରିକ୍ସ ଲୋକଲୋଚନକୁ ଆଣିଥିଲେ। ତାଙ୍କ କମ୍ପାନୀ 'ଲୁପ୍'ରେ ଏହାକୁ ସେ ଲିଭିଂ କୋକୁନ୍ ବା ଜୀବିତ କୋଷ ବୋଲି କହନ୍ତି ଓ ଏହା ମାଇସେଲିୟମରେ ନିର୍ମିତ। ମାଇସେଲିୟମ ଫଙ୍ଗସ୍‌ରୁ ମିଳୁଥିବା ଏକ ସୂତା ସଦୃଶ ପଦାର୍ଥ। ପ୍ରାକୃତିକ ଉପାୟରେ ମୃତଦେହ ବିଘଟନ ପ୍ରକ୍ରିୟାକୁ ଗତିଶୀଳ କରିବା ଏହାର ଉଦ୍ଦେଶ୍ୟ। ଏହା କବର ଚତୁର୍ପାଶ୍ୱ ମାଟିର ଉର୍ବରତା ବୃଦ୍ଧି କରୁଥିବାବେଳେ ମୃତଦେହ କଫିନ୍ ବା କଣ୍ଟେନର ମଧ୍ୟରେ ଧୀରେ ଧୀରେ ବିଘଟିତ ହୋଇ ମାଟି ହୋଇଯାଏ। ଲିଭିଂ କୋକୁନ୍ ଫଙ୍ଗାଲ ମାଇସେଲିୟମକୁ ଏକ ପ୍ରକାର ଜୈବିକ ପଦାର୍ଥ ସହ ମିଶାଇ ପ୍ରସ୍ତୁତ କରାଯାଏ ଏବଂ ଏହାକୁ କବର ମଧ୍ୟରେ ରଖାଯାଏ। ମାଇସେଲିୟମ ଧୀରେ ଧୀରେ ବୃଦ୍ଧି ପାଇ କବର ଭିତରେ ଭର୍ତ୍ତି ହୋଇ କଫିନ ଆକାର ଭଳି ହୋଇଯାଏ। ଏହି ପ୍ରକ୍ରିୟା ଏକ ସପ୍ତାହ ମଧ୍ୟରେ ପ୍ରାକୃତିକ ଉପାୟରେ ସଂଗଠିତ ହୋଇଥାଏ। ଏଥିପାଇଁ ଉତ୍ତାପ, ଆଲୋକ କିମ୍ବା ଶକ୍ତିର ଆବଶ୍ୟକତା ପଡ଼ି ନ ଥାଏ। ମୃତଦେହ ଓ କଫିନ ମାଟିରେ ପରିଣତ ହୋଇଯାଉଥିବାରୁ ଏହା ଭାରୀ ଧାତୁ, ପେଟ୍ରୋଲିୟମ ଆଧାରିତ ଇନ୍ଧନ, ଫାର୍ମାସ୍ୟୁଟିକାଲ୍‌ସ, କୀଟନାଶକ, ତୃଣନାଶକ ଆଦି ବିଷାକ୍ତ ପଦାର୍ଥକୁ ଦୂର କରିଦିଏ। ହେନ୍‌ଡ୍ରିକ୍ସଙ୍କ ମତରେ, ମାଇସେଲିୟମର ପରିବର୍ତ୍ତନଶୀଳ କ୍ଷମତାକୁ ଉପଯୋଗ କରି ମୃତ ଶରୀରକୁ ଜୀବନଚକ୍ରର ନିକଟତର କରାଯାଉଛି। ତାଙ୍କ କାର୍ଯ୍ୟ କେବଳ ପରାସେଟିକ୍ ବା ପରାଶ୍ରୟୀ ନୁହେଁ କି ଅଦୂରଦର୍ଶୀ ନୁହେଁ। ଲିଭିଂ କୋକୁନ ଲୋକଙ୍କ ମୃତଦେହକୁ ମାଟିରେ ପରିଣତ କରି ପରିବେଶ ସହ ଯୋଡ଼ିଦିଏ। ଏହା ମାଟିକୁ ପ୍ରଦୂଷଣ କରେ ନାହିଁ, ବରଂ ତାହାର ଉର୍ବରତା ବୃଦ୍ଧି କରେ । ସେ ମଧ କହନ୍ତି, ଭବିଷ୍ୟତରେ ଏହି ପ୍ରକ୍ରିୟାରେ କିଭଳି ଆମ ମୃତ ଶରୀରଗୁଡ଼ିକୁ ନ୍ୟୁଟ୍ରିଣ୍ଟ ଭାବେ ଉପଯୋଗ କରି ପ୍ରଦୂଷିତ ଅଞ୍ଚଳକୁ ଉର୍ବର ମାଟିରେ ପରିଣତ କରି ପାରିବ, ସେ ସମ୍ପର୍କରେ ମ୍ୟୁନିସିପାଲିଟିକୁ ଅବଗତ କରାଇବାକୁ ପଡିବ । ଏ କ୍ଷେତ୍ରରେ ଏହି ପ୍ରକ୍ରିୟା ବେଶ୍ ସହାୟକ ମଧ ହୋଇପାରିବ।

ମୃତଦେହ ପୃଥିବୀର ମଧ କ୍ଷତି କରିପାରେ। କେତେକ ସମ୍ପ୍ରଦାୟରେ କବର ପୂର୍ବରୁ ମୃତଦେହ ଉପରେ କେମିକାଲ ପ୍ରଲେପ ଦିଆଯାଏ। ଏହାଦ୍ୱାରା ମୃତଦେହ ଶୋଇ ରହିବା ଭଳି ଦେଖାଯାଏ। କର୍ନେଲ ୟୁନିଭର୍ସିଟି ଦ୍ୱାରା କରାଯାଇଥିବା ଏକ ଗେବଷଣାରୁ ଜଣାପଡ଼ିଛି ଯେ, କେବଳ ଆମେରିକାରେ କବର ଦେବାରେ ବର୍ଷକୁ ପାଖାପାଖି ୪.୩ ମିଲିୟନ ଗ୍ୟାଲନ ତରଳ ପ୍ରଲେପ ବ୍ୟବହାର କରାଯାଏ। ଏଥିରେ ୮୨୭,୦୬୦ ଗ୍ୟାଲନ ଫର୍ମାଲ୍‌ଡିହାଇଡ, ମିଥାନଲ, ବେଞ୍ଜିନ, ବ୍ୟୁଟାରାଲ ଡିହାଇଡ୍ ଏବଂ ଫେନଲ୍ ମଧ ଉପଯୋଗ ହୋଇଥାଏ ବୋଲି ଗବେଷଣାରୁ ସ୍ପଷ୍ଟ ହୋଇଛି। ଆମେରିକାରେ ମୃତ ଶରୀରକୁ ଏକ ବ୍ୟୟବହୁଳ କଫିନ୍‌ରେ ରଖାଯାଉଛି। ଏଗୁଡ଼ିକରେ ୨ ମିଲିୟନ ବୋର୍ଡ ଫୁଟ୍ କଠିନ କାଠ, ୧୭,୦୦୦ ଟନ୍ କପର ଏବଂ ବ୍ରୋଞ୍ଜ, ୬୪,୫୦୦ ଟନ୍ ଷ୍ଟିଲ ଲିଚେସ୍ ଆଇରନ, ସୀସା, ଜିଙ୍କ୍ ଓ କୋବାଲ୍ଟ ବ୍ୟବହାର ହେଉଛି, ଯାହା ସହଜରେ ପରିବେଶରେ ମିଶୁଛି। ହଜାର ହଜାର ଟନ୍ ବିଷାକ୍ତ ପ୍ଲାଷ୍ଟିକ ମଧ କବର ପ୍ରକ୍ରିୟାରେ ଲାଗୁଛି। ଫ୍ୟୁନେରାଲ ଇଣ୍ଡଷ୍ଟ୍ରି ବା ଅନ୍ତିମ ସଂସ୍କାର ସହ ଜଡିତ ଶିଳ୍ପରୁ ଆୟ ହେଉଛି ୨୦ ବିଲିୟନ ଡଲାର। ଏହି ପଦ୍ଧତିରେ କବର ଦିଆଗଲେ ଶରୀର ବିଘଟନ ହେବାକୁ ୧୦ ବର୍ଷ ଲାଗିଯାଉଛି ଓ ସମସ୍ତ ପ୍ରକାର ବିଷାକ୍ତ ପଦାର୍ଥ ମାଟିରେ ମିଶୁଛି।

କେତେକ ସମ୍ପ୍ରଦାୟରେ ମୃତଦେହକୁ ଦାହ କରାଯାଇଥାଏ। ଏଥିପାଇଁ ଆବଶ୍ୟକ କାଠ ଗଛ କାଟି ଯୋଗାଡ କରିବାକୁ ହୁଏ। ବିଶେଷକରି ଦାହ ଲାଗି ଆମ୍ବ ଗଛ ଅଧିକ କଟାଯାଏ। ଏମିତି ହେବ ଆଉ ୨୦ ବର୍ଷ ପରେ ଆମ୍ବଗଛ ନ ଥିବ କି ଆମ୍ବ ଖାଇବାକୁ ନ ଥିବ। ବିଦ୍ୟୁତ୍‌ଚାଳିତ ଶବଦାହ ଗୃହରେ ଅନ୍ତିମ ସଂସ୍କାର ମଧ ପରିବେଶ ଅନୁକୂଳ ନୁହେଁ। ୨ ଘଣ୍ଟାରୁ ଊର୍ଦ୍ଧ୍ୱ ଧରି ୧,୯୦୦ ଫାରେନ୍‌ହିଟ ତାପମାତ୍ରା ସୃଷ୍ଟି କରି ତାହାକୁ ବଜାୟ ରଖିବାକୁ ଅତ୍ୟଧିକ ଜୀବାଶ୍ମ ଇନ୍ଧନ ଆବଶ୍ୟକ ହୁଏ। ଏଥିରୁ ନିର୍ଗତ ଡାଇଅକ୍ସିନ ଏବଂ ମର୍କ୍ୟୁରୀ ପାଣି ଓ ପବନରେ ମିଶେ। ଫଳରେ ସେଥିରୁ ନାଇଟ୍ରୋଜେନ ଡାଇଅକ୍ସାଇଡ, ଡାଇଅକ୍ସିନ ଏବଂ କ୍ଷୁଦ୍ର ବିଷାକ୍ତ କଣିକା ସୃଷ୍ଟି ହୁଏ। ଏହି ସବୁ ଉପାଦାନ ଅମ୍ଳବର୍ଷାରୁ ମିଳିଥାଏ।

ମୋର ଯେତେବେଳେ ମୃତ୍ୟୁ ହେବ,ସେତେବେଳେ ପରିବେଶକୁ କ୍ଷତି ପହଞ୍ଚାଇ ଜୀବମାନଙ୍କ ପାଇଁ ସଙ୍କଟ ସୃଷ୍ଟି କରିବା ଲାଗି ଇଚ୍ଛା କରିବି ନାହିଁ। ଏଣୁ ଏକ ପରିବେଶ ଅନୁକୂଳ ପଦ୍ଧତି ଖୋଜିବାକୁ ପଡ଼ିବ। ଏହା ଏବେ ଆମକୁ ବିଚିତ୍ର ଲାଗିପାରେ, କିନ୍ତୁ ସମୟ କ୍ରମେ ଲୋକେ ସବୁଜ ସଂସ୍କାର ବା ପରିବେଶ ଅନୁକୂଳ ଅନ୍ତିମ ସଂସ୍କାରମୁଖୀ ହେବେ। ଭସ୍ମ କଳଶ ବିଘଟିତ ହେବ ଓ ଭସ୍ମରେ ମିଶ୍ରିତ ମଞ୍ଜିରୁ ଗଛ ମଧ ଉଠୁରିବ। ଆମ ମୃତଦେହକୁ ପୃଥିବୀର ଯତ୍ନ ନେବା ଭଳି ଉପାଦାନରେ ପରିବର୍ତ୍ତନ କରିବାକୁ ପଡ଼ିବ ଓ ଏହା କରିବା ପାଇଁ ମୋତେ ନିଷ୍ପତ୍ତି ନେବାକୁ ହେବ। ବର୍ଷ ବର୍ଷ ଧରି ମୋ ସହ ରହିଆସିଥିବା ପ୍ରାଣୀମାନେ ସ୍ୱର୍ଗକୁ ଯାଇଛନ୍ତି, ଯେଉଁଠି ମୋ ସ୍ୱାମୀ ରହିଛନ୍ତି। ସେମାନଙ୍କ ସମାଧି ଉପରେ ଆମେ ଗଛ ବଢାଇପାରିଛୁ । ସେମାନେ କେବଳ ସେମାନଙ୍କ ଆକାର ବଦଳାଇଛନ୍ତି। ମୋତେ ଯଦି ମୃତ୍ୟୁ ପରେ ଏଭଳି ପ୍ରକ୍ରିୟା ଆପଣାଇବାକୁ ଅନୁମତି ମିଳିବ,ତେବେ ମୁଁ ଏହା କରିବି।

Email: gandhim@nic.in

## ହସ, ରୋଗ ଓ ବିନୟଭାବ



ଡ. ବାଇଧର ସାହୁ

ଚାର୍ଲି ଚାପ୍‌ଲିନ ବା ଚାର୍ଲି ଭାବରେ ସମଗ୍ର ପୃଥିବୀରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ୧୮୮୯ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡରେ ଜନ୍ମ ଗ୍ରହଣ କରିଥିଲେ। ପରିବାରଟି ଦରିଦ୍ର ଥିବାରୁ ସମସ୍ତଙ୍କ ଭରଣ ପୋଷଣ ପାଇଁ ତାଙ୍କ ମାଆଙ୍କୁ ମଧ ବାହାରର ଜଣକ ଘରେ କାର୍ଯ୍ୟ କରିବାକୁ ପଡୁଥିଲା। ମାଆଙ୍କ ସହ ମାଆଙ୍କର କାର୍ଯ୍ୟ ସ୍ଥଳୀକୁ ଚାର୍ଲି ଯାଉଥିଲେ। ଚାର୍ଲି ପିଲାଟି ଦିନରୁ ଫୁଲ ଦୋକାନରେ କାର୍ଯ୍ୟକରି ଫୁଲ ଗୁନ୍ଥିଲେ। ଛାପାଖାନାରେ କଳ ଚଳାଇବା, ସର୍କସ ଦଳରେ ମିଶି ସର୍କସ ଖେଳ ଦେଖାଇ ଲୋକଙ୍କୁ ହସାଇବା, ଶେଷରେ ଗୋଟିଏ ରଙ୍ଗମଞ୍ଚରେ ନର୍ତ୍ତକ ହେଲେ। ତାଙ୍କର ଏକୋଇଶ ବର୍ଷରେ ସେ ଏକ ନାଟକ ଦଳ ସହ ଆମେରିକା ଯାଇ ସେଠାରେ ରହିଲେ। ପୁନଶ୍ଚ ଆମେରିକାରୁ ଫେରି ଆସି ସେ ସୁଇଜରଲାଣ୍ଡରେ ସ୍ଥାୟୀବାସିନ୍ଦା ହୋଇଗଲେ। ସେ ଚଳଚ୍ଚିତ୍ର ପ୍ରସ୍ତୁତ କରି 'ହସ' ଶବ୍ଦଟିକୁ ବି ଶ୍ରେଷ୍ଠ ଭାବେ ଗ୍ରହଣ କରିଥିଲେ। 'ବାରବୁଲା' ତାଙ୍କର ଚଳଚ୍ଚିତ୍ର ଭିତରେ ଏକ ଶ୍ରେଷ୍ଠ ନାୟକ। ବିଂଶ ଶତାବ୍ଦୀରେ ସେ ପୃଥିବୀ ବାସୀଙ୍କୁ 'ହସ' ରସରେ ବୁଡ଼ାଇ ଏକ ଶ୍ରେଷ୍ଠ ନାଟ୍ୟକାର ଭାବରେ ସମ୍ମାନିତ ହେଲେ।

ଚାର୍ଲି ଚାପଲିନ ମଣିଷକୁ କନ୍ଦାଇବା ଚାହାନ୍ତି ନାହିଁ। ଚାର୍ଲି ଚାହାନ୍ତି ମଣିଷ ଯେତେ ଅଧିକ ସମୟ ହସିପାରିବ, ସେତେ ଅଧିକ ସୁସ୍ଥ ହୋଇ ବଞ୍ଚିପାରିବ। ଭଲ ମନ୍ଦକୁ ନିଜର ଅହଂଠାରୁ ଦୂରେଇ ରଖିଲେ ଆସିବ ହସରଧାରା, ଆନନ୍ଦରେ ସେ ସବୁ କାମ କରିପାରିବ। ଚାର୍ଲି ଚାପ୍‌ଲିନ ଏହି ମୂଳମନ୍ତ୍ରକୁ ତାଙ୍କ ଚଳଚ୍ଚିତ୍ରରେ ଏଭଳି ଭାବେ ଫୁଟାଇଲେ ଯାହା ଲୋକଙ୍କୁ କେବଳ ହସାଇଲା। ସେ 'ବାରବୁଲା' ଜୀବନ ସହିତ ହସକୁ ଜଡ଼ିତ କରିଦେଲେ।

ବାରବୁଲା ଏକ ମଣିଷ, ଯାହାର ମୂଳମନ୍ତ୍ର ବିନୟ ଭାବ। ଆମ ପୁରାଣରେ ଶ୍ରୀକୃଷ୍ଣଙ୍କ ବିନୟ ଭାବ ସହ ଶ୍ରୀରାମ, ଭରତ, ଶବରୀ, ଯଶୋଦା, ଗୋପୀ, ଶ୍ରୀରାଧା ସୁଦାମା ତଥା ଜୟଦେବ, ତୁଳସୀଦାସ, ପଞ୍ଚସଖା, ଶ୍ରୀଚୈତନ୍ୟ, ମୀରାବାଈ, ଦାସିଆ ବାଉରୀ ଏଇ ମହାନ୍ ବ୍ୟକ୍ତିଙ୍କ ମୂଳରେ ଥିଲା ବିନୟ ଭାବ। ଭଗବାନ ସର୍ବଶ୍ରେଷ୍ଠ, ମାତ୍ର ସେ ମଧ ଦାରିଦ୍ର୍ୟକୁ ଗ୍ରହଣ କରିଛନ୍ତି। ଦାରିଦ୍ର୍ୟରୁ ଜାତ ବିନୟ ଭାବ ଅତି କଷ୍ଟଦାୟକ। ମଣିଷ ଭିତରେ ସମ୍ବେଦନଶୀଳ ମାନବିକତା ମଣିଷକୁ ଖୁବ୍ ହସାଏ। ଯୁକ୍ତି କଥା, ବୁଦ୍ଧିର କଥା, ଚିନ୍ତାଶୀଳ ମନର କଥା, ଏଇସବୁ ମଣିଷର ଭିତରକୁ ଖିନ୍‌ଭିନ୍ କରିଦିଏ। ଏତେ ଚିନ୍ତା କରି ସମସ୍ତଙ୍କ ସହ ବିରୋଧ ଭାବ କରିବା ଫଳ ହୋଇଯାଏ ଓଲଟା। ଭଗବାନ ଶ୍ରୀମଦ୍ ଭଗବଦ୍ ଗୀତାରେ ଉଲ୍ଲେଖ କରିଛନ୍ତି – ନାସତୋ ବିଦ୍ୟତେ ଭାବୋ ,ନା ଭାବୋ ବିଦ୍ୟତେ ସତଃ। ସତ୍‌ର ଅଭାବ ନାହିଁ ବା ବିନାଶ ନାହିଁ। ଅସତ୍‌ର ଉତ୍ପତ୍ତି ନାହିଁ ବା ଭାବ ନାହିଁ। ସବୁ ଭିତରେ ମଣିଷ ପ୍ରେମ ଓ ଐକ୍ୟଭାବକୁ ନେଇ ଶ୍ରୀକୃଷ୍ଣ ଗୋପୀଙ୍କ ସହ ବାରବର୍ଷ ପର୍ଯ୍ୟନ୍ତ କେବଳ ନାଚିଲେ ଗାଇଲେ, ଜୀବନକୁ କରି ଦେଲେ ଆନନ୍ଦମୟ। ଶ୍ରୀରାମ ଚଉଦ ବର୍ଷ ଭିତରେ ସ୍ନେହ ଓ ପ୍ରେମରେ ବାନ୍ଧି ଦେଲେ ବନବାସୀଙ୍କୁ। ଚାର୍ଲି ଚାପଲିନଙ୍କ ଧାରାରେ ହସ ହିଁ ଜୀବନର ବାସ୍ତବତା। ହସ ଭିତରେ ସତ ଆସେ ଅସତ ନୁହେଁ ।

ରୋଗ ସମସ୍ତଙ୍କୁ ଆକ୍ରମଣ କରେ, ସେହି ଲୋକ ରୋଗ କଥା ଭୁଲି ଯାଇ ଯେତେ ଭୁଲ କରିଥିଲେ ମଧ ନିଜକୁ ନିଜେ ସମାଲୋଚନା କରେ ନାହିଁ। ପୃଥିବୀ ବ୍ୟାପୀ ରୋଗଗ୍ରସ୍ତ ଜୀବନରେ ମଣିଷର ଇଚ୍ଛାଶକ୍ତି ବହୁ ପଦାର୍ଥ ଇଚ୍ଛା କରେ, ସ୍ୱାସ୍ଥ୍ୟ ଓ ଜୀବନ ରକ୍ଷା, ଖାଦ୍ୟ, ନିଦ୍ରା, ଟଙ୍କା, ଯେଉଁ ପଦାର୍ଥ ଟଙ୍କା ବଦଳରେ କିଣାଯାଏ ଭବିଷ୍ୟତ ଜୀବନ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରଭୃତି ତା' ଭିତରେ ଥାଏ। ବିନୟ ଭାବରେ ସବୁ କିଛି ଈଶ୍ୱରଙ୍କୁ ସମର୍ପଣ କରିଦେଲେ ରୋଗ ଆକ୍ରମଣ କରିବାକୁ ବାଟ ପାଇବ ନାହିଁ।

ଜର୍ମାନର ବର୍ଲିନ ସହରରେ ବସ୍‌ଟି ଯାଉଥାଏ, ସେଥିରେ ଜଣେ ଭାରତୀୟ ଯାଉଥାନ୍ତି ତାଙ୍କ ସହ କିଛି ଜର୍ମାନୀର ଯୁବକ ଯାଉଥାନ୍ତି। ସମସ୍ତଙ୍କଠାରୁ କଣ୍ଡକ୍ଟର ଟିକେଟ ପଇସା ନେଲେ, ମାତ୍ର ଜଣେ ଜର୍ମାନୀ ଯୁବକ ଦୁଇଟି ଟିକେଟ କାଟିଲା। ଭାରତୀୟ ପଚାରିଲେ – ଦୁଇଟି ଟିକେଟ କାଟିଲ କାହିଁକି, ଛାତ୍ରଟି ଉତ୍ତର ଦେଲା– ଗତକାଲି ମୁଁ ପଇସା ଘରୁ ଆଣି ପାରି ନ ଥିଲି। କଣ୍ଡକ୍ଟର ବିନୟର ସହ କହିଥିଲେ – ଆସନ୍ତାକାଲି ଦେଇଦେବ। କଣ୍ଡକ୍ଟର ସେହି ମୁହୂର୍ତ୍ତର କଥା ଅତି ଗୁରୁତ୍ୱ ପୂର୍ଣ୍ଣ। ସେ କହିଲେ–ମୁଁ ସନ୍ତୋଷ ପାଇଲି ଅର୍ଥାତ୍ ଅତି ଆନନ୍ଦିତ। ତେଣୁ ଦୁଇଟି ଟିକେଟ କାଟି ଦେଲି।

ଶ୍ରୀ ରାମକୃଷ୍ଣ ପରମହଂସ ଦକ୍ଷିଣେଶ୍ୱର ମାଆ କାଳୀଙ୍କ ମନ୍ଦିରରେ ଥିବା ସମୟରେ ସନ୍ନ୍ୟାସୀ ତୋତାପୁରୀ ସେଠାରେ ପହଞ୍ଚିଲେ। କିଛିଦିନ ରହି ରାମକୃଷ୍ଣଙ୍କୁ ପଚାରିଲେ – ମୋ ଠାରୁ ଦୀକ୍ଷା ଗ୍ରହଣ କରିବ ? ରାମକୃଷ୍ଣ ଅତି ବିନୟର ସହ ଉତ୍ତର ଦେଲେ – ମାଆ କାଳୀଙ୍କୁ ପଚାରିବା ପରେ କହିବି। ତା'ପରେ ରାମକୃଷ୍ଣ କାଳୀଙ୍କୁ ଧ୍ୟାନ କରି ଏହି କଥା ଜଣାଇଲେ। ମାଆଙ୍କଠାରୁ ଉତ୍ତର ମିଳିଲା – ଏଇଥିପାଇଁ ତୋତାପୁରୀ ଆସିଛି। ରାମକୃଷ୍ଣ ଚକ୍ଷୁରୁ ଲୋତକ ବହି ଆସିଲା– ସେ ତୋତାପୁରୀଙ୍କୁ ଶ୍ରଦ୍ଧାର ସହ ପ୍ରଣାମ କରି ବିନୟର ସହ ହଁ ଭରିଲେ। କହିଲେ – ସବୁଦୋଷ ମୋର। ସନ୍ନ୍ୟାସୀ ତୋତାପୁରୀ କେବଳ ହସିଦେଲେ।

ମୋ:୯୨୩୮୮୬୯୦୦୬

## ଏଇ ଭାରତରେ

ନିଷ୍ଠା ଓ ଇଚ୍ଛାଶକ୍ତି ବଳରେ ଲକ୍ଷ୍ୟ ପ୍ରାପ୍ତି ହୋଇଥାଏ, ଯାହା ପ୍ରମାଣ କରିଛନ୍ତି ବବିତା ଭଟ୍ଟ। ସଫ୍ଟୱେର ପ୍ରଫେଶନାଲ ବବିତା ଚାକିରି ଛାଡିହିମାଳୟ ଅଞ୍ଚଳର ଚାଷୀମାନଙ୍କୁ ରୋଜଗାର ବଢ଼ାଇବାର ବାଟ ଦେଖାଉଛନ୍ତି। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତି ଚାଷକୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଉତ୍ପାଦକୁ ବିକ୍ରି କରିବା ପାଇଁ ସହଯୋଗ କରୁଛନ୍ତି। ଏବେ ସୁଦ୍ଧା ସେ ହିମାଳୟ ପାର୍ବତ୍ୟାଞ୍ଚଳରେ ୨,୦୦୦ କୃଷକଙ୍କୁ ଲାଭ ପହଞ୍ଚାଇ ସାରିଲେଣି। ଉତ୍ତରାଖଣ୍ଡର ଗଡ଼ୱାଲ ପାହାଡ଼ିଆ ଅଞ୍ଚଳରେ ବଢିଥିବା ବବିତା ୨୦୧୬ରେ ଚାକିରି ଛାଡି 'ହିମାଳୟ ଟୁ ହୋମ୍' ଅନ୍‌ଲାଇନ ପ୍ଲାଟ୍‌ଫର୍ମ ମାଧ୍ୟମରେ ଏହି ଅଭିଯାନ ଜାରି ରଖିଛନ୍ତି। ପାହାଡ଼ିଆ ଅଞ୍ଚଳରେ ୨୦୦୦ କୃଷକଙ୍କ ଦ୍ୱାରା ଉତ୍ପାଦିତ ୧୪୦ ପ୍ରକାର ଜୈବିକ ଉତ୍ପାଦ ସେମାନଙ୍କ ଆୟ ବୃଦ୍ଧି କରିଛି। କୃଷକମାନଙ୍କ ପ୍ରତ୍ୟକ୍ଷ ସହଭାଗିତାରେ ଉତ୍ପାଦଗୁଡ଼ିକର ପ୍ରୋସେସିଂ ଓ ପ୍ୟାକେଜିଂ କରି ତାହାକୁ ବିକ୍ରି କରିବାର ବ୍ୟବସ୍ଥା ମଧ ସେ କରିଛନ୍ତି। ଏହା ପାଇଁ ଦେଶର ବିଭିନ୍ନ ଭାଗରୁ ମାସକୁ ତାଙ୍କୁ ଅତି କମ୍‌ରେ ୩,୦୦୦ ଅର୍ଡର ମିଳୁଛି। ଏହି ଅଭିଯାନରେ ଆହୁରି ଅଧିକ କୃଷକଙ୍କୁ ସାମିଲ କରିବା ପାଇଁ ଉତ୍ତରାଖଣ୍ଡ ଅର୍ଗାନିକ ବୋର୍ଡ ସହ ତାଙ୍କ କମ୍ପାନୀକୁ ପଞ୍ଜୀକୃତ କରିଛନ୍ତି। ଏହାବାଦ ପାରମ୍ପରିକ ବିହନର ସୁରକ୍ଷା ପାଇଁ ବିହନ ବଞ୍ଚାଅ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ୪୩ ବର୍ଷୀୟ ବବିତା।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମେ ୧୯୯୬

- ଦକ୍ଷିଣ ଆଫ୍ରିକାର ହିଂସାକାଣ୍ଡପ୍ରବଣ କ୍ୱାଜାଲୁପେଟାଲ ପ୍ରଦେଶରେ ରାଜନୈତିକ ହିଂସାକାଣ୍ଡ ଓ ଆନ୍ୟାନ୍ୟ ଅପରାଧ ଘଟଣାରେ ୨୦ ଜଣଙ୍କ ମୃତ୍ୟୁ।
- ପାରାଦୀପ ଫସ୍‌ଫେଟ ଲିମିଟେଡ୍ (ପିପିଏଲ୍)ରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୪ କୋଟି ଟଙ୍କାର ସାମଗ୍ରୀ ଧ୍ୱଂସ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | 1 | 8 | 7 | |
| | | 1 | | | | 4 | | |
| 6 | 4 | | | | | 9 | | |
| | | | 4 | | | | 5 | |
| 2 | | 3 | | | | | | 9 |
| | | | 6 | | 3 | | | |
| 1 | 3 | | | | 6 | | | |
| | | 7 | | 1 | 8 | | | |
| | 8 | | | 5 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 9 | 4 | 1 | 3 | 2 | 7 | 6 |
| 4 | 6 | 3 | 9 | 2 | 7 | 5 | 8 | 1 |
| 7 | 2 | 1 | 5 | 8 | 6 | 4 | 9 | 3 |
| 2 | 4 | 6 | 7 | 3 | 1 | 8 | 5 | 9 |
| 9 | 1 | 5 | 8 | 6 | 4 | 3 | 2 | 7 |
| 3 | 7 | 8 | 2 | 5 | 9 | 1 | 6 | 4 |
| 1 | 8 | 4 | 6 | 9 | 5 | 7 | 3 | 2 |
| 6 | 3 | 2 | 1 | 7 | 8 | 9 | 4 | 5 |
| 5 | 9 | 7 | 3 | 4 | 2 | 6 | 1 | 8 |

ଗତକାଲିର ଉତ୍ତର

# ଆତ୍ମନିର୍ଭର ବନାମ ବିଶ୍ୱନିର୍ଭର ଭାରତ



ଡ. ଷ୍ଟାଲିନ୍ ମିଶ୍ର

ଦେଶରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିଫଳ ବୋଲି ପ୍ରମାଣିତ ହୋଇଛି। କରୋନାର କରାଳଛାୟାରେ ପରିବାର, ସମାଜ ତଥା ଦେଶର ଅର୍ଥନୀତି ଆଜି ଧ୍ୱସ୍ତ। ମହାମାରୀକୁ ରୋକିବା ପାଇଁ ଓ ଅର୍ଥନୀତିକୁ ସୁରକ୍ଷିତ ରଖିବା ଲାଗି ସରକାରଙ୍କ ସମସ୍ତ ପ୍ରୟାସ ମଧ ବିଫଳ ହୋଇଛି। କରୋନା ବହୁ ବିଳମ୍ବରେ ଭାରତକୁ ପ୍ରବେଶ କରିଥିଲେ ବି ସଂକ୍ରମଣରେ ଏହା ବିଶ୍ୱର ଅନ୍ୟ ସମସ୍ତ ଦେଶକୁ ପଛରେ ପକାଇ ସାରିଲାଣି। କେତେକ ଦେଶ ଏହି ମହାମାରୀକୁ ସମ୍ପୂର୍ଣ୍ଣ ଭାବେ ରୋକିବାରେ ସଫଳ ମଧ ହେଲେଣି। କିନ୍ତୁ ଆମ ଦେଶରେ ଏହା ବର୍ତ୍ତମାନ ଶିଖରରେ ଉପନୀତ। ଜଣା ନାହିଁ ଆଉ କେତେଦିନ ଲାଗିବ ଏହି ମହାମାରୀକୁ ନିୟନ୍ତ୍ରଣ କରିବାକୁ। ସେପଟେ ରୋଗୀ ଔଷଧ, ଅମ୍ଳଜାନ ତଥା ଜରୁରିକାଳୀନ ଚିକିତ୍ସା ସେବା ବିନା ତହଳବିକଳ ହୋଇ ମୃତ୍ୟୁକୁ ବରଣ କରିଚାଲିଛନ୍ତି। ଦେଢ଼ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ସଂକ୍ରମଣରେ ତଥା ରୋଗୀ ଚିକିତ୍ସାର ପ୍ରାଥମିକ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ଆମେ ବିଫଳ। ଦେଶ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚକରି ଚାଲିଥିଲେ ମଧ ବାଟମାରଣାରେ ସବୁ ସ୍ୱାହା ହୋଇଯାଇଛି। ସରକାରଙ୍କ ପ୍ରତ୍ୟକ୍ଷ ଅବା ପରୋକ୍ଷ ଛତ୍ରଛାୟାରେ ଘରୋଇ ଡାକ୍ତରଖାନା, ଔଷଧ ବ୍ୟବସାୟୀ, ଟିକା ସଂସ୍ଥାମାନେ ଏପରି ଦୁର୍ଦ୍ଦିନରେ ଜନତାଙ୍କୁ ସାହାଯ୍ୟ କରିବା ବଦଳରେ ଚିଲ ଶାଗୁଣା ପରି ନିଃସ୍ୱ କରିଚାଲିଛନ୍ତି। ଦେଶ ବର୍ତ୍ତମାନ ଅତ୍ୟନ୍ତ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତିକରୁଛି। କରୋନା ମହାମାରୀର ଦ୍ରୁତ ସଂକ୍ରମଣ ହଜାର ହଜାର ଲୋକଙ୍କ ଜୀବନଜୀବିକା ଉଜାଡି ଦେଲାଣି।

ଏପରି ଭୟଙ୍କର ପରିସ୍ଥିତିରେ ଏହି ମହାମାରୀରୁ ଦେଶ ତଥା ଜନତାଙ୍କୁ ଯଥାଶୀଘ୍ର କିପରି ଉଦ୍ଧାର କରାଯାଇପାରିବ ସେ ବିଷୟରେ ଚିନ୍ତା ନ କରି କେତେକ ନେତା ନିଜର ଆତ୍ମବଡ଼ିମା ଓ ଆତ୍ମପ୍ରଚାର ପାଇଁ ସଦାତତ୍ପର ରହିବା, ନିର୍ବାଚନୀ ସଭା, ଧାର୍ମିକ କାର୍ଯ୍ୟକ୍ରମ ମାନ ଆୟୋଜନ କରି ଅସଂଖ୍ୟ ଲୋକଙ୍କୁ ଠୁଳକରି ଜନତାଙ୍କୁ ନିଶ୍ଚିତ ମୃତ୍ୟୁମୁଖକୁ ଠେଲିଦେବାକୁ ଶ୍ରେୟସ୍କର ମନେକରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଜନତାଙ୍କ ଜୀବନଠାରୁ କୌଣସି ନିର୍ବାଚନ ଅବା ଧାର୍ମିକ ଅନୁଷ୍ଠାନ ଅଧିକ ମୂଲ୍ୟବାନ ନୁହେଁ। ଯେଉଁ ସରକାର ଆତ୍ମନିର୍ଭର ଭାରତର ସ୍ଲୋଗାନ ଦେଉଥିଲେ ସେମାନେ ଆଜି ଦେଶକୁ ବିଶ୍ୱନିର୍ଭର ଭାରତ କରିବାକୁ ବାଧ କରି ଦେଇଛନ୍ତି। ଆଜି ଆମ ଦୁର୍ଦ୍ଦିନରେ ବିଶ୍ୱର ଅନେକ ରାଷ୍ଟ୍ର ଆମକୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ବିପଦ ବେଳେ ଆମ ସହ କାନ୍ଧକୁ କାନ୍ଧ ମିଳାଇ ଛିଡା ହୋଇଛନ୍ତି। ଏହା ନିଶ୍ଚିତ ଭଲକଥା, କିନ୍ତୁ ୧୩୦କୋଟି ଜନତାଙ୍କ ବିଶାଳ ଗଣତାନ୍ତ୍ରିକ ଦେଶ, ଚନ୍ଦ୍ରଯାନ- ମଙ୍ଗଳଯାନ ପଠାଉଥିବା ଦେଶ, ବିଶ୍ୱଗୁରୁ ହେବାକୁ ସ୍ୱପ୍ନ ଦେଖୁଥିବା ଦେଶ ଭାରତ ନିଜ ନାଗରିକମାନଙ୍କୁ ଡାକ୍ତରଖାନାରେ ଶଯ୍ୟାଟିଏ ଯୋଗାଇ ନ ପାରିବା, ଜରୁରିକାଳୀନ ଚିକିତ୍ସା ତଥା ଔଷଧୀୟ ଉପକରଣ ବିନା ମୃତ୍ୟୁମୁଖକୁ ଠେଲିବା ଗ୍ରହଣୀୟ ହେବ କି ?

ଭାରତ ଯୁଗେଯୁଗେ ଆତ୍ମନିର୍ଭର , ସମୃଦ୍ଧ ଓ ଶିକ୍ଷିତ ଥିଲା। ଇତିହାସକୁ ଲକ୍ଷ୍ୟ କଲେ ଜାଣିପାରିବା ଯେ ଭାରତ ପ୍ରାଚୀନକାଳରୁ ନିଜର ଆବଶ୍ୟକତା ନିଜେ ପୂରଣ କରିଆସିଛି। ଅନ୍ୟ ଦେଶଗୁଡ଼ିକୁ ନାନାଦି ଦ୍ରବ୍ୟ ରପ୍ତାନି କରି ଭାରତୀୟମାନେ ଧନରତ୍ନରେ ଭରପୂର କରି ସୁନାର ଭାରତ ଗଢ଼ିବାରେ ସଫଳ ହୋଇଥିଲେ, କିନ୍ତୁ ଗତ କିଛି ଶତାବ୍ଦୀ ବାହ୍ୟ ଶାସକମାନଙ୍କ ଦ୍ୱାରା ଶାସିତ ହୋଇ ଦେଶ ନିଜର କାର୍ଯ୍ୟଦକ୍ଷତା, ଆତ୍ମବିଶ୍ୱାସ ହରାଇଥିଲା। ସ୍ୱାଧୀନତା ପରେ ନିଜର ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ ଜାରି ରଖିଛି। ହେଲେ ଏବେ ସୁଦ୍ଧା ଆତ୍ମନିର୍ଭର ହୋଇପାରିନାହିଁ। ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭରଶୀଳ ହୋଇପଡିଛି। ଦେଶ ତଥା ଜନତା ନିଜେ ନିଜର ଆବଶ୍ୟକତା ପୂରଣ କରିବା ଦିଗରେ ବହୁ ପଛରେ। ବିଦେଶୀ ସଂସ୍କୃତି, ରୀତିନୀତି ଏବଂ ଜୀବନଚର୍ଯ୍ୟା ଆମକୁ ଏତେ ପ୍ରଭାବିତ କରିଦେଇଛି ଯେ ଆମେ ଆଉ ଥରେ ଆତ୍ମବିଶ୍ୱାସ ଫେରିପାଇବାକୁ ଅସମ୍ଭବ ମନେକରୁଛନ୍ତି। ସରକାର ମଧ କୁଟୀରଶିଳ୍ପଠାରୁ ଆରମ୍ଭକରି ବଡ଼ବଡ଼ ଉଦ୍ୟୋଗ ପର୍ଯ୍ୟନ୍ତ ସବୁଥିରେ ବିଦେଶୀ ପୁଞ୍ଜି ନିବେଶକୁ ପ୍ରାଥମିକତା ଦେବା ଦୁର୍ଭାଗ୍ୟର ବିଷୟ। ଯେଉଁଠି ଶତପ୍ରତିଶତ ବିଦେଶୀ ପୁଞ୍ଜିନିବେଶକୁ ପ୍ରାଥମିକତା ଦିଆଯାଉଛି ସେଠି ଆତ୍ମନିର୍ଭର ଭାରତର ପରିକଳ୍ପନା କିପରି ସମ୍ଭବ ? କୁଟୀରଶିଳ୍ପ, କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପାୟନ ଦେଶର ଅର୍ଥନୀତିର ମେରୁଦଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ, କିନ୍ତୁ ଆଜି ସେହି ଶିଳ୍ପଗୁଡ଼ିକ କ୍ଷେତ୍ରରେ ମଧ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ବହୁଳ ପ୍ରବେଶ ଓ ନିୟନ୍ତ୍ରଣ ଜନତାଙ୍କୁ ସାମାନ୍ୟ ଜିନିଷ ପାଇଁ ବଜାର ଉପରେ ନିର୍ଭରଶୀଳ କରିଦେଇଛି। ସରକାର ପରିଚାଳନାଗତ ତ୍ରୁଟିକୁ ସୁଧାରିବା ବାହାନାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଗୋଟେ ପରେ ଗୋଟେ ଘରୋଇ ଲାଭଖୋର ସଂସ୍ଥାଗୁଡ଼ିକ ହାତକୁ ଟେକିଦେବାକୁ ଶ୍ରେୟସ୍କର ମନେକରୁଛନ୍ତି। ଟିକା ଉତ୍ପାଦନକାରୀ ଦେଶ ପ୍ରଥମେ ନିଜ ଜନତାଙ୍କୁ ସୁରକ୍ଷା ପ୍ରଦାନ ନ କରି ବାହାବା ସାଉଣ୍ଟିବା ପାଇଁ ବିଦେଶକୁ ଟିକା ରପ୍ତାନିକରିବା ନୀତି ବି କେତେଦୂର ଗ୍ରହଣୀୟ । ବାଘ ନ ଆସିବା ଯାଏ ଆମେ ସାରାଦୁନିଆ ବାଘକୁ କିପରି ଆୟତ୍ତକରି ହେବ ତାହାର ଜ୍ଞାନ ବାଣ୍ଟି ଚାଲିଥିଲୁ କିନ୍ତୁ ସତରେ ଯେତେବେଳେ ବାଘ ଆସିଗଲା ଆମ ପିଳେହି ପାଣି। ମାନନ୍ତୁ କି ନ ମାନନ୍ତୁ ଆଜି ଦେଶରେ ଯେଉଁ ମୃତ୍ୟୁର ତାଣ୍ଡବ ଚାଲିଛି ସେଥିପାଇଁ ସରକାରଙ୍କ ଅଦୂରଦର୍ଶିତା, ପ୍ରଚାର ସର୍ବସ୍ୱ ମାନସିକତା ତଥା କ୍ଷମତା ଦଖଲ ନିଶା ଦାୟୀ। କେତେକ ସ୍ୱଘୋଷିତ ପଣ୍ଡିତ ସାମାଜିକ ଗଣମାଧ୍ୟମରେ ଭାରତର ଜନସଂଖ୍ୟାର ଦ୍ୱାହିଦେଇ କେନ୍ଦ୍ର ସରକାରଙ୍କର ବିଫଳତାକୁ ଯଥାସମ୍ଭବ ଘୋଡ଼ାଇବାକୁ ପ୍ରୟାସରତ । ଉଲ୍ଲେଖଯୋଗ୍ୟ ଯେ, ଭାରତର ଜନସଂଖ୍ୟା ଅନୁପାତରେ ପର୍ଯ୍ୟାପ୍ତ ସଂଖ୍ୟାରେ ସାଂସଦ, ବିଧାୟକ ତଥା ପ୍ରଶାସନିକ ଅଧିକାରୀମାନେ ଅଛନ୍ତି। ସଂସାଧନ ମଧ ସେହି ଅନୁପାତରେ ଉପଲବ୍ଧ। ତା'ହେଲେ ଅସୁବିଧା କୋଉଠି ? ସରକାରଙ୍କ ଦୂରଦୃଷ୍ଟିର ଅଭାବ, ଜନତାଙ୍କ ଜୀବନ ପ୍ରତି ହେୟଜ୍ଞାନ, ସାମ୍ବିଧାନିକ ପଦପଦବୀଗୁଡ଼ିକ ବ୍ୟକ୍ତିଗତ ମାଲିକାନାରେ ଚାଳିବା ଏବଂ ମୁଖିଆଙ୍କ ଆତ୍ମବଡ଼ିମା ଆତ୍ମପ୍ରଚାରର ନିଶା ଏସବୁ ବିଫଳତାର ପ୍ରକୃତ କାରଣ।

'ବାହାଘର ବେଳେ ବାଇଗଣ ରୁଆ' ପରି ସଂକ୍ରମଣ ଓ ମୃତ୍ୟୁର ବିଭୀଷିକା ଚରମ ସ୍ତରରେ ପହଞ୍ଚିବା ବେଳେ ବିଭିନ୍ନ ସ୍ଥାନରେ ଅକ୍ସିଜେନ ପ୍ଲାଣ୍ଟ ବସାଇବାର ଘୋଷଣା ହାସ୍ୟାସ୍ପଦ ମନେହୁଏ। କରୋନା ମହାମାରୀ ଆମକୁ ପର୍ଯ୍ୟାପ୍ତ ସମୟ ଦେଇଥିଲେ ମଧ ଆମେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ନିର୍ମାଣ ତଥା ବିକାଶ କରିବାରେ ସମର୍ଥ ହୋଇ ନ ପାରିବା ଆମ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ନିଶ୍ଚୟ।

ସମୟ ଥାଉ ଥାଉ ନିଜର ମୌଳିକ ଆବଶ୍ୟକତାଗୁଡ଼ିକର ଘରୋଇ ଉତ୍ପାଦନ ଉପରେ ଧ୍ୟାନଦେଲେ, ଅନ୍ୟଠୁ କିଣିବା ବଦଳରେ ଅନ୍ୟକୁ ବିକିବାର ପରମ୍ପରା ସୃଷ୍ଟିକଲେ ଦେଶ ଧୀରେ ଧୀରେ ସ୍ୱାବଲମ୍ବୀ ହୋଇପାରିବ। ବିଦେଶ ତଥା ବଜାର ଉପରେ ନିର୍ଭରଶୀଳତା ହ୍ରାସ ଘଟିବ। ରାଜନୈତିକ ହାନିଲାଭର ଅବାଞ୍ଛିତ ଗଣନାରୁ ବିରତ ରହି ଦୃଢ଼ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟିସମ୍ପନ୍ନ ଜନହିତୈଷୀ ଯୋଜନାଗୁଡ଼ିକରେ ସରକାରୀ ପ୍ରୋତ୍ସାହନ ଦ୍ୱାରା ଅସମ୍ଭବବିସମ୍ଭବ ହେବ ଓ ଦେଶ ବିଶ୍ୱନିର୍ଭର ଭାରତରୁ ଆତ୍ମନିର୍ଭର ଭାରତରେ ରୂପାନ୍ତରିତ ହୋଇପାରିବ।

ସୂଚନାପ୍ରଯୁକ୍ତିବିତ୍, ମୋ: ୯୩୪୩୯୩୫୩୪୧
Twitter – @DSMOdisha

## ପାଠକ ଶ୍ରେଷ୍ଠ ବିଚାରକ

### କରୋନାଠାରୁ ଭୟଙ୍କର

ମହାଶୟ,

କରୋନା ମହାମାରୀର ଦ୍ୱିତୀୟ ଲହର ସାରା ଭାରତରେ ହୃଦୟବିଦାରକ ପରିସ୍ଥିତି ସୃଷ୍ଟି କରିଛି। ପ୍ରଥମ ଲହରଠାରୁ ଦ୍ୱିତୀୟ ଲହର ଅଧିକ ସଙ୍କଟଜନକ ହେଉଛି। ମଶାଣି ନିଆଁକୁ ବିଶ୍ରାମ ମିଳୁନି। ଯୁଦ୍ଧକ୍ଷେତ୍ରରେ ମରିବାର ଦୃଶ୍ୟ ଯେତେ ଭୟଙ୍କର ନୁହେଁ ଏହି ମହାମାରୀରେ ମରୁଥିବା ଲୋକଙ୍କର ଦୃଶ୍ୟ ଅଧିକ ଭୟଙ୍କର । ଗଣ ଶବଦାହର ଦୃଶ୍ୟ ମହାମାରୀର ଭୟଙ୍କର ରୂପକୁ ସାମ୍ନାକୁ ଆଣିଛି। ଭାରତର ଏପରି ପରିସ୍ଥିତି ଦେଖି ବାହାର ଦେଶ ସାହାଯ୍ୟ ଦେବା ଭାରତ ପାଇଁ ଆଶ୍ୱାସନାର ବିଷୟ। ଏପରି କି ଚାଇନା ଓ ପାକିସ୍ତାନ ମଧ ସାହାଯ୍ୟ ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଭାରତ ସରକାର ଏହା ସଇତାନମାନଙ୍କର ବେଦପାଠ ମନେ କରି ଏ ଦୁଇ ଦେଶଠାରୁ ସାହାଯ୍ୟ ଗ୍ରହଣ କରିବା ଆଦୌ ଉଚିତ ହେବନି। ଏ ଦୁଇ ଦେଶ ବିଶ୍ୱାସରେ ବିଷ ଦେବା ଅସମ୍ଭବ ନୁହେଁ। କରୋନାଠାରୁ ଏ ଦୁଇ ଦେଶ ଅଧିକ ଭୟଙ୍କର।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଚିରନ୍ତନୀ

ତୁମ ଅପମାନ, ପ୍ରିୟ
ମରଣ ହୁଁ ବଳି ଦେଉ ବ୍ୟଥା,
ତବ ଅପମାନ କଲେ
ମୂକ ହେଉ ମୋର ସବୁ କଥା। -(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଫାସ୍‌ଟାଗ୍ ସହ ଯୋଡ଼ିହେଲା ଇ-ୱେବିଲ୍**

ରାସ୍ତାରେ ଚଳାଚଳ କରୁଥିବା କମର୍ସିଆଲ ଭେଇକିଲଗୁଡ଼ିକର ରିୟଲଟାଇମ ଡାଟା ଜିଏସ୍‌ଟି ଅଧିକାରୀମାନେ ବର୍ତ୍ତମାନ ସହଜରେ ଲାଭ କରିପାରିବେ। ଫାସ୍‌ଟାଗ୍ ଏବଂ ଆର୍‌ଏଫ୍‌ଆଇଡିକୁ ଇ-ୱେବିଲ୍ ସହ ଯୋଡ଼ିବାକୁ ସରକାର ଯୋଜନା ହାତକୁ ନେଇଛନ୍ତି। ଯାନଗୁଡ଼ିକ ଉପରେ ନଜର ରଖାଯିବା ସହ ଜିଏସ୍‌ଟି ଚୋରି ରୋକିବାରେ ଏହା ସହାୟକ ହେବ ବୋଲି କୁହାଯାଇଛି। ଇ-ୱେବିଲ୍‌କୁ ରିୟଲ ଟାଇମ ଭିତ୍ତିରେ ଯାଞ୍ଚ କରିବାକୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି।

# ଆର୍ଥିକ ଲକ୍ଷ୍ୟଠାରୁ ଦୂରେଇ ଯାଆନ୍ତୁନି

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER CM, CHARTERED WEALTH MANAGER
"Director, SmartMantra Financial Services Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

■ **ମହାମାରୀ ପରିସ୍ଥିତିରେ ଆର୍ଥିକ ଲକ୍ଷ୍ୟ ସବୁ ବିଷୟରେ ଚିନ୍ତା କରିବାକୁ ପଡୁଛି। ଏହିବିଷୟରେ ପୁନର୍ବାର ଚିନ୍ତା କରି କିଛି ପଦକ୍ଷେପ ନେବା ଉଚିତ ହେବ କି ?**

**–ସନତ କୁମାର ସାହୁ, କଟକ**

◆କୋଭିଡ୍-୧୯ ପରିସ୍ଥିତି ସମସ୍ତଙ୍କୁ ଅନିଶ୍ଚିତତା ବିଷୟରେ ଭାବିବାକୁ ବାଧ କରିଛି। ବର୍ତ୍ତମାନ ଆମେ ସମସ୍ତେ ପ୍ରାୟତଃ ନିଜକୁ ବ୍ୟବସ୍ଥିତ କରିବା ପାଇଁ ପଦକ୍ଷେପ ନେଇସାରିଛୁ। ବିଶେଷତଃ ଆମମାନଙ୍କ ବଜେଟ ବା ମାସିକ ଆୟ ବ୍ୟୟର ହିସାବ। ପ୍ରାୟତଃ ଅଧିକାଂଶ ଲୋକ ନିଜର ଆର୍ଥିକ ପରିସ୍ଥିତିକୁ ନେଇ ଅସ୍ୱସ୍ତିକର ଅନୁଭବ କରୁଛନ୍ତି। ବୋଧହୁଏ ଅନେକେ ଭାବୁଛନ୍ତି ଏହି କୋଭିଡ୍-୧୯ ପରିସ୍ଥିତିରେ ଆର୍ଥିକ ଲକ୍ଷ୍ୟ ସବୁ ପାଇଁ ସଞ୍ଚୟ କରିବାର କିଛି ପ୍ରାଧାନ୍ୟ ନାହିଁ। ସବୁଠାରୁ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହି ମହାମାରୀ ପରିସ୍ଥିତିରେ ଆପଣ ନିଜର ଆର୍ଥିକ ଲକ୍ଷ୍ୟଠାରୁ ଦୂରେଇ ଯାଆନ୍ତୁ ନାହିଁ। ଏହି ସମୟରେ ଆପଣ ହୁଏତ ଆପଣ ଅଧିକ ସଞ୍ଚୟ କରି ନ ପାରନ୍ତି କିମ୍ବା କିଛି ବି ସଞ୍ଚୟ କରି ନ ପାରନ୍ତି କିନ୍ତୁ ଆର୍ଥିକ ଲକ୍ଷ୍ୟ ସବୁକୁ ସମୀକ୍ଷା କରନ୍ତୁ ଓ ସବୁ ଆର୍ଥିକ ଲକ୍ଷ୍ୟ ସହିତ ଅଧିକ ନିକଟତର ହେବାକୁ ଚେଷ୍ଟା କରନ୍ତୁ। ଏ ବିଷୟରେ ସମୀକ୍ଷା କରି ଭଲ ଭାବରେ ବୁଝନ୍ତୁ। ମୁଁ ଭାବୁଛି ଏହା ହୁଏତ ଆପଣଙ୍କୁ ଏକଦମ ଫାଲତୁ କାମ ଭଳି ଲାଗିପାରେ କିମ୍ବା ଭାବିପାରନ୍ତି କିନ୍ତୁ କାହିଁକି ସମୀକ୍ଷା ଓ ପୁନଃ ଚିନ୍ତନ କରିବା ? ଏ ପ୍ରଶ୍ନ ନିଜକୁ ପଚାରନ୍ତୁ। ଆପଣଙ୍କ ଆର୍ଥିକ ଲକ୍ଷ୍ୟସବୁକୁ ତ୍ୟାଗ କରନ୍ତୁ ନାହିଁ।

ଯଦି ଆପଣ କିଛି ନିବେଶ କରିଛନ୍ତି ଏବଂ ଏବେ ଆପଣଙ୍କର ଆବଶ୍ୟକତା ନାହିଁ ତେବେ ଏହାକୁ ନିବେଶ ସ୍କିମ୍‌ରେ ରହିବାକୁ ଦିଅନ୍ତୁ ଓ ଏହା ବୃଦ୍ଧି ହେବାର ସମ୍ଭାବନାକୁ ବନ୍ଦ କରନ୍ତୁ ନାହିଁ। ସବୁଠାରୁ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଦିଗକୁ ମନେରଖନ୍ତୁ, ଏହି କୋଭିଡ୍-୧୯ ହେଉଛି ଅସ୍ଥାୟୀ ଏବଂ ପୁଞ୍ଜିବଜାରରେ ମଧ୍ୟ ପରିବର୍ତ୍ତନ ଆସିବ।

● **ଆୟକର ଛାଡ଼ ପାଇଁ ସଞ୍ଚୟ କରନ୍ତୁ:** କୋଭିଡ୍-୧୯ ପରିସ୍ଥିତି ସତ୍ତ୍ୱେ ଆପଣଙ୍କ ଅବସରକାଳୀନ ପାଣ୍ଠି ଗଠନ କିମ୍ବା ପିଲାମାନଙ୍କ ଭବିଷ୍ୟତ ପାଇଁ ସଞ୍ଚୟ କରିବା ଏକ ଭଲ ବିଚାର ହେବ। ଏସବୁ ସ୍କିମରେ ନିବେଶ କରି ଆୟର ସୁବିଧା ପାଇପାରିବେ।

● **ସୁଧହାର ବହୁତ କମ୍ ଅଛି:** ବର୍ତ୍ତମାନ ପରିସ୍ଥିତିରେ ଯେହେତୁ ବ୍ୟାଙ୍କ ସୁଧହାର ବହୁତ କମ ଅଛି। ତେଣୁ ଗୃହଋଣ ଓ ବନ୍ଧକ ଯୁକ୍ତ ଋଣସବୁର ସୁଧହାର କମିଯାଇଛି। ଯଦି ସମ୍ଭବ କିମ୍ବା ଯଦି ଆପଣ ଏକ ନୂଆ ଘରଟିଏ କରିବାକୁ ଚାହୁଁଛନ୍ତି ତେବେ ଏବେ ହିଁ ବହୁତ ଭଲ ସମୟ ହେବ।

● **ସଞ୍ଚୟ ବୃଦ୍ଧି କରନ୍ତୁ :** କୋଭିଡ୍-୧୯ ଅନିୟମିତତା ସମୟରେ ସବୁଠାରୁ ବଡ ଓ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଆମେ ସମସ୍ତେ ନେବା ଉଚିତ, ଯାହାକି ଏକ ଜରୁରିକାଳୀନ ପାଣ୍ଠି ନିଶ୍ଚିତ ଗଠନ କରିବା। ଆପଣ ପାଖରେ ଘରର ମାସିକ ଦୈନନ୍ଦିନ ଜୀବନଶୈଳୀ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚର ୬ ଗୁଣ ସର୍ବନିମ୍ନ ପାଣ୍ଠି ପାଖରେ ରଖିବାକୁ ଚେଷ୍ଟା କରନ୍ତୁ। ଯଦି କିଛି ଅସୁବିଧା ହେଲା କିମ୍ବା ଆପଣ ଅସୁସ୍ଥତା ଅନୁଭବ କରି ଚିକିତ୍ସା କରିବାକୁ ଚାହୁଁଛନ୍ତି ତେବେ ଏହି ଜରୁରିକାଳୀନ ପାଣ୍ଠି ବହୁତ କାମରେ ଆସିବ।

ଏକ ଜରୁରିକାଳୀନ ପାଣ୍ଠି ଗଠନ କରିବାର ଅନେକ କିଛି ଭଲ କାରଣ ରହିଛି। ଏହା ହିଁ ସବୁଠାରୁ ଏକ ବୁଦ୍ଧିମାନ ନିଷ୍ପତ୍ତି ହେବ। ଯାହା କିଛି ବି ହେଉ ଏହା କଲେଜ ଆଡ଼ମିସନ ପାଣ୍ଠି କିମ୍ବା ଅସମୟରେ ଆବଶ୍ୟକତା ହେଉ, ଏକ ଜରୁରିକାଳୀନ ପାଣ୍ଠି ଏକ ଅତ୍ୟାବଶ୍ୟକ ଓ ମୌଳିକ ଆର୍ଥିକ ଲକ୍ଷ୍ୟ ଯାହାକି ଏହି କୋଭିଡ୍-୧୯ ପରିସ୍ଥିତି ଭଳି ସମୟରେ କାମରେ ଆସିବ।

ଆମର ପରାମର୍ଶ ଆପଣ ସର୍ବଦା ପ୍ରତ୍ୟେକ ପରିସ୍ଥିତିର ଭଲ ଓ ମନ୍ଦ ଦିଗକୁ ବୁଝିନିଅନ୍ତୁ ଏବଂ ସୁଯୋଗକୁ ସଦୁପଯୋଗ କରି ଆର୍ଥିକ ଦୃଢ଼ତାକୁ ବୃଦ୍ଧି କରନ୍ତୁ। ହଁ, ଏହା ବି ହୋଇପାରେ ବିଗତ ବର୍ଷ ପରିସ୍ଥିତି ଓ ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟି ଦେଲେ, ତେବେ ଏହା ଆମକୁ ଜଟିଳ ଲାଗିପାରେ କିନ୍ତୁ ଭବିଷ୍ୟତ ବିଷୟକୁ ଚିନ୍ତା କରିବା ଯାହାକି ଆପଣ ନିଜ ପାଇଁ ସ୍ଥିର କରିଛନ୍ତି ଓ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବାକୁ କାର୍ଯ୍ୟ କରିଚାଲିବା।

■ **ମୋର କିଛି ଟଙ୍କା ୩ ମାସ ପାଇଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ଇଚ୍ଛା କରୁଛି? କେଉଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ ହେବ?**

**– ମାଳତୀ ମିଶ୍ର, ବ୍ରହ୍ମପୁର**

◆ଆମର ପରାମର୍ଶ ଯେହେତୁ ଆପଣଙ୍କର ନିବେଶ ସମୟସୀମା ୩ ମାସ ଅଛି ତେଣୁ ଆପଣ ଲିକ୍ୟୁଡ ଫଣ୍ଡ ନିବେଶ କରିବା ଉଚିତ ହେବ। ଲିକ୍ୟୁଡ ଫଣ୍ଡ ହେଉଛି ଏକପ୍ରକାର ଡେବ୍ଟ ଫଣ୍ଡ ଯାହା କି ୯୧ ଦିନ ଅଧିକ କୌଣସି ସ୍କିମ୍‌ରେ ନିବେଶ କରି ନ ଥାଏ। ଏହାକୁ ଆପଣ ସବୁଠାରୁ କମ୍ ରିସ୍କ ହିସାବରେ ଧରିପାରିବେ। ଏହା ସାଧାରଣତଃ ଟ୍ରେଜେରି ବିଲ୍, କମର୍ସିଆଲ ପେପର, ସାର୍ଟିଫିକେଟ ଅଫ ଡ଼ିପୋଜିଟ ଇତ୍ୟାଦିରେ ନିବେଶ କରିଥାଏ।

ମ୍ୟୁଚୁଆଲ ଫଣ୍ଡ ନିବେଶ ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଓ ସମସ୍ତ ରିସ୍କ ବିଷୟରେ ଭଲ ଭାବରେ ବୁଝି ନିବେଶ କରିବେ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

# ସାର ସବ୍‌ସିଡି ବୃଦ୍ଧିକଲେ ସରକାର

**ନୂଆଦିଲ୍ଲୀ,୧୯।୫**




ସାର ଦର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାର ଦର ଉପରେ ଏକ ବିସ୍ତୃତ ଉପସ୍ଥାପନା ତାଙ୍କ ସମ୍ମୁଖରେ ରଖାଯାଇଥିଲା। ବୈଠକରେ ଚାଷୀଙ୍କ ହିତ ଲାଗି ସରକାର ସାର ସବ୍‌ସିଡି ବୃଦ୍ଧି କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସରକାର ଡିଏପି ଉପରେ

**ଡିଏପି ଉପରେ ସବ୍‌ସିଡି ୧୪୦% ବଢ଼ିଲା**

ସବ୍‌ସିଡି ପରିମାଣ ୧୪୦% ବୃଦ୍ଧି କରିଛନ୍ତି। ଫଳରେ ଡିଏପି ବସ୍ତା ପିଛା ୫୦୦ ଟଙ୍କା ବଦଳରେ ୧୨୦୦ ଟଙ୍କାର ସବ୍‌ସିଡି ଚାଷୀ ଲାଭ କରିପାରିବେ। ଏଣିକି ୨୪୦୦ ଟଙ୍କା ପରିବର୍ତ୍ତେ ୧୨୦୦ ଟଙ୍କାରେ ଡିଏପି ବସ୍ତା ଚାଷୀ କିଣିପାରିବେ। ଏହି ସବ୍‌ସିଡି ବାବଦରେ ସରକାର ଅତିରିକ୍ତ ୧୪,୭୭୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଅନ୍ତର୍ଜାତୀୟ ବଜାରରେ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଚାଷୀ ପୁରୁଣା ଦରରେ ସାର ପାଇବା ଉଚିତ ବୋଲି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେହିଭଳି ସରକାରଙ୍କ ପ୍ରୟାସର ମୂଳରେ ଚାଷୀଙ୍କ କଲ୍ୟାଣ ନିହିତ ବୋଲି ସେ ମତ ପ୍ରକାଶ କରିଛନ୍ତି।

ଅନ୍ତର୍ଜାତୀୟ ସ୍ତରରେ ଫସ୍‌ଫେରିକ ଏସିଡ୍, ଆମୋନିଆ ଆଦିର ମୂଲ୍ୟ ବୃଦ୍ଧି ହୋଇଥିବା କାରଣରୁ ଦେଶ ମଧ୍ୟରେ ସାର ଦର ବୃଦ୍ଧି ପାଉଥିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ତେବେ ଏଭଳି ଦର ବୃଦ୍ଧି ସତ୍ତ୍ୱେ ଚାଷୀ ପୁରୁଣା ଦରରେ ସାର ପାଇବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଦର ବୃଦ୍ଧି ଭାର ଯେଭଳି ଚାଷୀଙ୍କ ଉପରେ ନ ପଡ଼େ ତାକୁ ସରକାର ଧ୍ୟାନରେ ରଖିଛନ୍ତି। ଫଳରେ ବ୍ୟୟ ଭାର କେନ୍ଦ୍ର ସରକାର ଉଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ବସ୍ତା ପିଛା ଏକକାଳୀନ ଏତେ ପରିମାଣରେ ସବ୍‌ସିଡି ପୂର୍ବରୁ କେବେ ବୃଦ୍ଧି ହୋଇ ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଡିଏପି ବସ୍ତା ପିଛା ଦର ୧୭୦୦ ଟଙ୍କା ଥିଲା। ସରକାର ୫୦୦ ଟଙ୍କାର ସବ୍‌ସିଡି ଦେଉଥିବାରୁ କମ୍ପାନୀ ବସ୍ତା ପିଛା ୧୨୦୦ ଟଙ୍କାରେ ଏହାକୁ ବିକ୍ରି କରୁଥିଲେ। ଅନ୍ତର୍ଜାତୀୟ ବଜାରରେ ସାମଗ୍ରୀ ଦର ୬୦ରୁ ୭୦% ବଢ଼ିବା ଯୋଗୁ ଡିଏପି ବର୍ତ୍ତମାନ ବସ୍ତା ପିଛା ୨୪୦୦ ଟଙ୍କା ଛୁଇଁଛି। ସରକାରଙ୍କ ବର୍ତ୍ତମାନର ନିଷ୍ପତ୍ତି ପରେ ଚାଷୀ ସେହି ପୁରୁଣା ଦର ୧୨୦୦ ଟଙ୍କାରେ ସାର କ୍ରୟ କରିପାରିବେ। କେନ୍ଦ୍ର ସରକାର ରାସାୟନିକ ସାର ପାଇଁ ପ୍ରତିବର୍ଷ ସବ୍‌ସିଡି ଦେବା ଉପରେ ପ୍ରାୟ ୮୦ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି।

# 'ଆର୍‌ବିଆଇ ପଦକ୍ଷେପ ଶୀଘ୍ର କାର୍ଯ୍ୟକାରୀ କରାଯାଉ'

**ମୁମ୍ବାଇ,୧୯।୫**

ନିକଟରେ ଘୋଷଣା କରାଯାଇଥିବା ପଦକ୍ଷେପ ସବୁକୁ ବ୍ୟାଙ୍କଗୁଡିକ ଶୀଘ୍ର କାର୍ଯ୍ୟକାରୀ କରାଇବାକୁ ଆର୍‌ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ବୁଧବାର କହିଛନ୍ତି। ସେହିଭଳି ବ୍ୟାଙ୍କଗୁଡ଼ିକର ବାଲାନ୍ସ ଶିଟ୍‌ରେ ରହିଥିବା ସମସ୍ୟାକୁ ମଧ୍ୟ ନଜର ରଖିବାକୁ ସେ ପରାମର୍ଶ ଦେଇଥିବା ଜଣାପଡିଛି। ଶକ୍ତିକାନ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଏମ୍‌ଡି ଏବଂ ସିଇଓଙ୍କ ସହ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ଏକ ଜରୁରିକାଳୀନ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି।

ମହାମାରୀ ଯୋଗୁ ବର୍ତ୍ତମାନ ଏକ ଚ୍ୟାଲେଞ୍ଜିଂ ସ୍ଥିତି ଉପୁଜିଛି। ଏଭଳି ସ୍ଥିତିରେ ବ୍ୟାଙ୍କଗୁଡିକ ଯୋଗାଇ ଦେଉଥିବା ବିଭିନ୍ନ ସୁବିଧା ଉପରେ ସେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

## ଭୟଙ୍କର ହୋଇପାରେ 'ୟାସ'...




ମତ୍ସ୍ୟଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ସୂଚନା।

ସୁଦ୍ଧା କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ୨୩ରୁ ୨୫ ତାରିଖ ଯାଏ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ୨୫ରୁ ୨୭ ତାରିଖ ଯାଏ ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳ ସମୁଦ୍ରକୁ ନ ଯିବା ଲାଗି କୁହାଯାଇଛି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା ବୁଧବାର ବାତ୍ୟା ପୂର୍ବ ପ୍ରସ୍ତୁତି ନେଇ ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ର, ଏନ୍‌ଡିଆରଏଫ୍, ଓଡ୍ରାଫ୍, ଓଡ଼ିଶା ପୋଲିସ ଏବଂ ଓଡ଼ିଶା ଅଗ୍ନିଶମ ଅଧିକାରୀଙ୍କ ସହ ଭର୍ଚୁଆଲ ଆଲୋଚନା କରିଛନ୍ତି। ବାତ୍ୟାକୁ ଦୃଷ୍ଟିରେ ରଖି ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ଜିଲାପାଳ ଓ ଏସ୍‌ପିମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତି କରିବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି।

ଗୋଟିଏ ପଟେ ବଙ୍ଗୋପସାଗରରେ ବାତ୍ୟା ଦାନା ବାନ୍ଧୁଥିବା ବେଳେ ଅନ୍ୟ ପଟେ ପ୍ରବଳ ଗ୍ରୀଷ୍ମ ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅତିଷ୍ଠ କରିଛି। ଆସନ୍ତା ୨୪ ତାରିଖ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବା ସହ କେତେକ ସ୍ଥାନରେ ଝଡ଼ବର୍ଷା ହୋଇପାରେ। ବାୟୁମଣ୍ଡଳରେ ଆର୍ଦ୍ରତା ୮୦ ପ୍ରତିଶତ ଉପରେ ରହୁଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବା ସହ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ବଢ଼ିବା ନେଇ ଅନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୧.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁରରେ ୪୧, ତାଳଚେର ୪୧, ସୁନ୍ଦରଗଡ଼ ୪୦.୫, ବଲାଙ୍ଗୀର ୪୦.୫, ମାଲକାନଗିରି ୪୦.୫, ସୋନପୁର ୪୧, ନୟାଗଡ଼ ୪୦ ଏବଂ ବୌଦ୍ଧ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୦.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ୨୪ ଘଣ୍ଟାରେ ୪,୫୨୯ ...

ହୋଇଥିବା ରାଜ୍ୟ ମଧ୍ୟରୁ ସର୍ବାଗ୍ରେ ରହିଛି ତାମିଲନାଡୁ। ଏଠାରେ ୩୩,୦୫୯ ନୂଆ ମାମଲା ସାମ୍ନାକୁ ଆସିଛି। କେରଳରେ ୩୧,୩୩୭, କର୍ଣ୍ଣାଟକ ୩୦,୩୦୯, ମହାରାଷ୍ଟ୍ର ୨୮,୪୩୮ ଓ ଆନ୍ଧ୍ରପ୍ରଦେଶରେ ୨୧,୩୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ୫ ରାଜ୍ୟରେ ୫୪.୦୫% ନୂଆ ମାମଲା ରହିଛି, ଯହିଁରୁ ତାମିଲନାଡୁର ଭାଗ ହେଉଛି ୧୨.୩୭%। ମେ' ୭ରେ ଦେଶରେ ୪,୧୪,୧୮୮ ସଂକ୍ରମିତ ଚିହ୍ନଟ ହୋଇଥିଲେ, ଯାହାକି ଅଦ୍ୟାବଧି ସର୍ବାଧିକ। ବର୍ତ୍ତମାନ ଦେଶରେ ସକ୍ରିୟ ମାମଲା ୩୨,୨୬,୭୧୯ ରହିଥିବା କେନ୍ଦ୍ର ସରକାର କହୁଛନ୍ତି। ସରକାରୀ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟାରେ ୩,୮୯,୮୫୧ ଜଣ ଡିସ୍‌ଚାର୍ଜ ହୋଇଥିବାବେଳେ ଅଦ୍ୟାବଧି ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୨,୧୯,୮୬,୩୬୩ରେ ପହଞ୍ଚିଛି। ସେହିପରି ଏହି ଅବଧିରେ ୧୩,୧୨,୧୫୫ ଜଣଙ୍କୁ ଟିକା ଦିଆଯିବା ପରେ ବର୍ତ୍ତମାନ ସୁଦ୍ଧା ଭାକ୍ସିନ ନେଇଥିବା ଲୋକଙ୍କ ସଂଖ୍ୟା ୧୮,୫୮,୦୯,୩୦୨ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦାବି କରିଛି। ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଅନୁସାରେ ଗୁରୁବାର ୨୦,୦୮,୨୯୬ ଜଣଙ୍କ ନମୁନା ପରୀକ୍ଷା ପାଇଁ ନିଆଯାଇଛି। ଏହାସହ ମେ' ୧୮ ସୁଦ୍ଧା ସାମ୍ପୁଲ ଦେଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୩୨,୦୩,୦୧,୧୭୭ରେ ପହଞ୍ଚିଛି।

**ପ୍ରଥମ ପୃଷ୍ଠାରୁ...**

## ମଲ୍‌ରେ ଟିକା ମନା...

କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ଗତ ୧୦ତାରିଖରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ଏକ ଆବେଦନ କରାଯାଇଥିଲା। ବିଏମ୍‌ସି ପକ୍ଷରୁ ୧୮ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକାକରଣ କରାଯାଉଥିବାବେଳେ ମଲ୍‌ରେ ଟିକାକରଣ କରିବାକୁ କିପରି ଅନୁମତି ମିଳିଲା। ଏପରି କି ମାତ୍ର ୩ଘଣ୍ଟାରେ ୨୦୦ଲୋକଙ୍କୁ କିପରି ଟିକା ଦିଆଗଲା, ସେନେଇ ଆବେଦନରେ ପ୍ରଶ୍ନ କରାଯାଇଥିଲା।

ବିଭିନ୍ନ ମହଲରୁ ବିରୋଧ ପରେ ଏବେ ଏହି ଟିକାକରଣ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ବିଭାଗ ରୋକ୍‌ଠୋକ୍ ମନା କେରିଦେଇଛି। ଏନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନଗର ନିଗମ କମିଶନର ଓ ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ତାଗିଦା କରିଛନ୍ତି। ସେ କହିଛନ୍ତି ଯେ, କିଛି ଜିଲାରେ ଡ୍ରାଇଭ୍ ଇନ୍ ଭାକ୍ସିନେଶନ ଏବଂ ଘର ନିକଟରେ (ଡୋର୍ ଷ୍ଟେପ୍) ଟିକାକରଣ ଆରମ୍ଭ ହୋଇଥିବା ନଜରକୁ ଆସିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଭିଡ୍-୧୯ ଟିକାକରଣ ପାଇଁ ଜାରି ହୋଇଥିବା ଗାଇଡ୍‌ଲାଇନରେ ଡ୍ରାଇଭ୍ ଇନ୍ ଭାକ୍ସିନେଶନ କିମ୍ବା ଡୋର୍ ଷ୍ଟେପ୍ ଟିକାକରଣ ନିମନ୍ତେ ଅନୁମତି ନାହିଁ। ଗାଇଡ୍‌ଲାଇନ୍‌ରେ ସ୍ପଷ୍ଟ କରି କୁହାଯାଇଛି ଯେ, ଯଥେଷ୍ଟ ୱେଟିଂ ଏରିଆ ଓ ପର୍ଯ୍ୟବେକ୍ଷଣ ଗୃହ ଥିବା ଜାଗାରେ ଟିକା ଦେବା ଉଚିତ। ଟିକା ନେବା ପରେ ହିତାଧିକାରୀଙ୍କୁ ୩୦ମିନିଟ୍ ଅବ୍‌ଜରଭେଶନରେ ରଖାଯିବାର ମଧ୍ୟ ନିୟମ ରହିଛି। ଡ୍ରାଇଭ୍ ଇନ୍ ଓ ଡୋର୍ ଷ୍ଟେପ୍‌ରେ ଏସବୁ ନିୟମ ପାଳନ କରିବା ସହଜ ନୁହେଁ। ଏଥିସହିତ ଡ୍ରାଇଭ୍ ଇନ୍ ଭାକ୍ସିନେଶନ ଓ ଡୋର୍ ଷ୍ଟେପ୍ ଟିକାକରଣରେ ଅଧିକ ଟିକା ଅପଚୟ ହେବାର ମଧ୍ୟ ସମ୍ଭାବନା ରହିଛି ବୋଲି ପ୍ରଦୀପ୍ତ ମହାପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି। ତେଣୁ ତୁରନ୍ତ ଏହି ବ୍ୟବସ୍ଥାକୁ ବନ୍ଦ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## କୋଭିଡ୍‌ରୁ ସୁସ୍ଥହେବାର ୩ ମାସ...

ବ୍ୟକ୍ତି କେବେ ଟିକା ନେବେ, ତା'ର କୌଣସି ନିର୍ଦ୍ଦିଷ୍ଟ ବ୍ୟବଧାନ ସ୍ଥିର ହୋଇ ନ ଥିଲା। ରୋଗୀଙ୍କ ଅବସ୍ଥାକୁ ଦେଖି ଡାକ୍ତର ଦୁଇରୁ ଚାରି ସପ୍ତାହ ପରେ ଟିକା ନେବା ପାଇଁ ପରାମର୍ଶ ଦେଉଥିଲେ। ସୂଚନାଯୋଗ୍ୟ କୋଭିଶିଲ୍ଡର ଦୁଇ ଡୋଜ୍ ଟିକା ମଧ୍ୟରେ ବ୍ୟବଧାନକୁ ଗତ ସପ୍ତାହରେ ସରକାର ବଢ଼ାଇଥିଲେ। ପୂର୍ବରୁ ପ୍ରଥମ ଟିକା ନେବାର ୬ରୁ ୮ ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ନେବା ନିୟମ ଥିବାବେଳେ ଏହାକୁ ୧୨ରୁ ୧୬ ସପ୍ତାହକୁ ବୃଦ୍ଧି କରାଯାଇଥିଲା। ବିଶେଷଜ୍ଞମାନଙ୍କ ପରାମର୍ଶକ୍ରମେ ବ୍ୟବଧାନ ବୃଦ୍ଧି କରାଯାଇଥିବା କଥା ସରକାର କହୁଥିବାବେଳେ ଟିକା ନିଅଣ୍ଟ ଯୋଗୁ ଗ୍ୟାପ୍ ବଢ଼ାଯାଉଥିବା ନେଇ କଂଗ୍ରେସ ସମାଲୋଚନା କରିଥିଲା।

## '୨୦୦ ବେଡ୍ ବିଶିଷ୍ଟ କୋଭିଡ୍ କେୟାରର ଲୋକାର୍ପଣ'

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ଦେଶର ଇସ୍ପାତ କାରଖାନଗୁଡ଼ିକ ଇସ୍ପାତ ଉତ୍ପାଦନ ସହ ଦେଶର ଅକ୍ସିଜେନ୍ ଆବଶ୍ୟକତା ପୂରଣ କରୁଛନ୍ତି। ବୁଧବାର ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସରେ ପଶ୍ଚିମବଙ୍ଗର ବର୍ନପୁରଠାରେ ସେଲ୍‌ର ଇସ୍କୋ ଇସ୍ପାତ କାରଖାନା ଦ୍ୱାରା ନିର୍ମିତ ଅକ୍ସିଜେନ୍ ସଂଯୁକ୍ତ ୨୦୦ ବେଡ୍ ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟରର ଲୋକାର୍ପଣ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ବର୍ନପୁରଠାରେ ସେଲ୍‌ର ଇସ୍କୋ ଷ୍ଟିଲ୍ ଦ୍ୱାରା ୫୦୦ ଶଯ୍ୟା ବିଶିଷ୍ଟ ବୃହତ୍ କୋଭିଡ୍ କେୟାର ସେଣ୍ଟରରେ ପ୍ରଥମ ପର୍ଯ୍ୟାୟରେ ୨୦୦ଟି ବେଡ୍ ପ୍ରତିଷ୍ଠା ହୋଇଛି। ଖୁବ୍‌ଶୀଘ୍ର ଅଧିକ ୩୦୦ କୋଭିଡ୍ ବେଡ୍‌ର ବ୍ୟବସ୍ଥା କରାଯାଉଛି । ବର୍ନପୁରର ଏହି କୋଭିଡ୍ କେୟାରରେ ସେଲ୍ ଦ୍ୱାରା ଗ୍ୟାସୀୟସ୍ ଅକ୍ସିଜେନ, ପାନୀୟ ଜଳ ଯୋଗାଇବା ସହ ବିଦ୍ୟୁତୀକରଣର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ପଶ୍ଚିମବଙ୍ଗର ବର୍ନପୁର ଏବଂ ବର୍ଦ୍ଧମାନ କ୍ଷେତ୍ରର ସ୍ଥାନୀୟ ଲୋକମାନେ ଉପକୃତ ହୋଇପାରିବେ।

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**
**TENDER CALL NOTICE**
**Ref. No. 3775** **Dated: 19.05.21**
No. E-99: "It is for information to all the parties concerned to submit their bid for ("Supply of Covid Logistics - 2021") to the office of the CDM & PHO, Jajpur on or before 31.05.21 at 01 P.M. by Speed Post, Courier Service, Registered Post only. For terms and conditions regarding Tender Call, please log on to the website **www.jajpur.nic.in**.
The interested parties with valid documents may participate in tender process himself or with their representatives with applicable terms and conditions".
**Sd./- Chief District Medical & Public Health Officer, Jajpur**
OIPR-10042/11/0001/2122

**OFFICE OF THE MUNICIPAL COUNCIL, KEONJHARGARH**
**No. 2840 /KGM** **Dt.19.05.2021**
**CORRIGENDUM TO TENDER CALL NOTICE NO.-2701/KGM Dt.07.05.2021 &**
**BID REFERENCE NO-KGM.01/2021-22 DT-07.05.2021**
No.C-269:- This is for information of all concerned to Tender Call Notice No.-2701 dated-07.05.2021 (Single cover) of Column No-05. The Finance Department Order No-8943 dated-18.03.2021, the (Earnest Money Deposit) EMD has been exempted till 31.12.2021. But bidders have to submit the Bid Security Declaration, in lieu of Bid Security with stipulation that if they withdraw or modify their bids during period of validity etc, they will be suspended for the present and future bids. All other terms & conditions remain unchanged.
**Executive Officer, Keonjhargarh Municipality**
OIPR-13115/11/0002/2122

**OFFICE OF THE EXECUTIVE ENGINEER, L.I. DIVISION, CUTTACK**
**E-mail-eeolic_ctc@yahoo.in, Ph.No.- 0671-2955600**
**Bid Identification No. 01/2021-22, OLIC (CTC) / Dt.19.05.2021**
No. CAD-313:- The Executive Engineer, L.I. Division, Cuttack, At: Pratapanagari, P.O.: Telengapentha, Via: Phulanakhara, Dist.- Cuttack invites percentage rate bids in online mode for "New & Revival of Lift Irrigation Projects" along with energisation on Turnkey basis, from reputed constructors/firms having valid PWD licence of required class and valid HT licence issued by E.L.B.O., Odisha. Proof of registrations, experience from appropriate authorities are to be uploaded along with the bid/bids as per DTCN. Tenders by the contractors who have failed to complete/ progress works, proportionately to time period give in work order 2020-21 by this Division upto the satisfaction of the udnersigned may be rejected.
1. Numbers of package : 22 Numebrs
2. Estimated cost : Tender cost Rs.9.82 lakh to Rs.25.49 lakh
3. Tender cost : As per DTCN
4. Class of contractor : As per DTCN
5. Date & time of publication : Dt.21.05.2021 from 11.00 hrs.
6. Date & time of closing : Dt.27.05.2021 at 17.00 hrs.
7. Date & time of opening of bid : Dt.28.05.2021 at 10.00 A.M.
8. The bidders have to participate in online bidding only.
Further details can be seen from the website www.tendersorissa.gov.in. Addendum/corrigendum / cancellation of tender, if any, can be seen in the said website.
OIPR-32238/11/0002/2122 **Sd./- Executive Engineer**

**N.A.C. OFFICE, CHAMPUA**
**Ph.No. 06767-240050, E-mail: champuanac@gmail.com**
**'e' PROCUREMENT NOTICE**
No.1158 Date: 17.05.2021
**BID IDENTIFICATION NO. EO CHAMPUA NAC NO.33/2021-22**
No.C-263:- Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in.
1. Nature of the work : Civil
2. No. of works : 16 Nos.
3. Estimated cost : As per DTCN
4. Period of completion : As per DTCN
5. Date & time of availability of the bid documents in the portal : 18.5.2021 at 11.00 A.M. to 27.5.2021 upto 5.00 P.M.
6. Last date / time for receipt of bids in the portal : 27.5.2021 upto 5.00 P.M.
7. Last date and time of submission of hard copies of the documents original by Speed Post / Registered Post : 01.6.2021 upto 5.00 P.M.
8. Bids received online shall be opened on : 02.06.2021 at 11.00 A.M.
9. Name & address of the officer inviting bid : Executive Officer, Champua NAC
Further the details can be seen from the procurement portal: www.tendersodisha.gov.in
**Sd./- Executive Officer, N.A.C., Champua**
OIPR-13157/11/0006/2122

**GOVERNMENT OF ODISHA** No. O-224
**OFFICE OF THE EXECUTIVE ENGINEER, RURAL WORKS DIVISION, BARIPADA**
**e-mail: rw_mayurbhanj@yahoo.co.in**
**e-Procurement Tender Call Notice No. Online 01/RWD/BPD/2021-22**
1. Name of the Work : Road Works
2. Total No. of Works : 80 Nos.
3. Estimated Cost : Approx. Estimated Cost Rs.1.07 lakh to Rs.46.02 lakh
4. Class of Contractor : 'C' & 'B' / 'D' & 'C'
5. Period of Completion : 3 (Three) Calendar Months
6. Other Details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Baripada | 01 (Online)/ RWD-BPD of 2021-22 | Dt.29.05.21 at 11.00 A.M. | Dt.09.06.21 upto 5.00 P.M. | Dt.08.06.21 upto 5.00 P.M. | Dt.11.06.21 at 11.00 A.M. |

Further details can be seen from the website **www.tendersorissa.gov.in**.
**OIPR-25057/11/0001/2122** **Sd./- N.V. Harihar Rao, Executive Engineer, R.W. Division, Baripada**

**GOVT. OF ODISHA** No. O-228
**OFFICE OF THE EXECUTIVE ENGINEER, RURAL WORKS DIVISION, NAYAGARH**
**At/P.O.- Nabaghanpur, Dist.- Nayagarh, Ph.- 06753-252049, E-mail: nayagarhrw2006@yahoo.in**
**No. Tender-Online-Nayagarh Divn.-01/2021-22** **Date: 17.05.2021**
**e-Procurement Notice**
1. Name of the work : Construction of Road Works
2. Total No. of Projects : 34 (Thirty four) Nos. of Projects
3. Class of Contractor :
(a) Estimated cost more than Rs.40.00 lakhs & upto Rs.300.00 lakh : "B" & "A" Class (of Orissa PWD) or relevant class of other licensing authorities
(b) Estimated cost more than Rs.20.00 lakhs & upto Rs.40.00 lakh : "C" & "B" Class (of Orissa PWD) or relevant class of other licensing authorities
(c) Estimated cost more than Rs.1.00 lakh & upto Rs.20.00 lakh : "D" & "C" Class (of Orissa PWD) or relevant class of other licensing authorities
4. Estiamted Cost : Rs.2.68 lakh to Rs.26.79 lakh
5. Time for completion : 02 (Two) Calendar Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Nayagarh | No. Tender-Online-Divn. NAYAGARH - 01/2021-22 | 24.05.2021 at 10.00 A.M. | 01.06.2021 upto 5.00 P.M. | 02.06.2021 at 11.00 A.M. |

Further details can be seen from the website **www.tendersorissa.gov.in**.
**OIPR-25106/11/0002/2122** **Executive Engineer, Rural Works Divn., Nayagarh**

Phone: (06646) 233157/232634
Fax: (06646) 232696
Email:sdccbgh@gmail.com
**SAMBALPUR DISTRICT CO-OPERATIVE CENTRAL BANK LTD.**
**HEAD OFFICE: BARGARH- 768028**
Ref. No. 501 CB/Estt./2021-22 Date: 19.05.2021
**QUOTATION CALL NOTICE**
Sealed quotations are invited from intending General Insurance Companies, fulfilling the IRDA norms, for entering into floater group health insurance policy covering all employees of the Bank along with their spouse and up to 2(Two) children, for a period of 1 (One) year. The sum assured of the policy will be Rs.5,00,000/-(Rupees five lakh) only.
Intending companies may obtain required data from Manager, Establishment Section at Head Office of the Bank to prepare a proposal of the policy with optimum services as well as benefits with minimum possible premium. The proposal should be submitted to **"The Premises Officer, Sambalpur Dist. Co-Op. Central Bank Ltd., Head Office, Bargarh, At-Lengu Mishra Chowk, PO/Dist. –Bargarh, Odisha 786028"**, **on or before 31.05.2021 by 2 P.M. through speed post only. Proposal/quotation received through any other mode or after the stipulated time shall not be accepted**. The quotations so received shall be opened and scrutinized by the tender committee of the Bank on 31.05.2021 at 4 P.M. in the conference hall of the Bank at Head Office, Bargarh.
**Sd./- Chief Executive Officer**

See Career Appointment on every Wednesday & Saturday

## ଦୁର୍ଘଟଣାରେ ଯୁବକ ମୃତ

**ରାଇବଣିଆ:** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ବାଇଗଣବାଡ଼ିଆ ପଞ୍ଚାୟତ ଛୋଟଖାନପୁର ଗାଁର ଗୋପାଳ ଦାସ ନାମକ ଜଣେ ଯୁବକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଉଲୁଡା ଗ୍ରାମକୁ ପାଇଖାନା ନନ୍ଦ ଆଣିବାକୁ ଯାଇଥିଲେ। ଗ୍ରାମ ଛକ ନିକଟରେ ତାଙ୍କ ବାଇକ୍ ଦୁର୍ଘଟଣା ହେବାରୁ ସେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କମର୍ଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖୋଲିଲା ଖାଦ୍ୟ ଷ୍ଟଲ୍

**ବନ୍ତ,୧୯।୫ (ଡି.ଏନ.ଏ./ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଶୁଖିଲା ଖାଦ୍ୟ ଷ୍ଟଲ ଖୋଲାଯାଇଛି। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ କୋଭିଡ୍ ପରୀକ୍ଷଣ ସହ ଟିକାକରଣ କାର୍ଯ୍ୟକ୍ରମ ଚାଲୁ ରହିଛି। ଦୈନନ୍ଦିନ ଶତାଧିକ ଲୋକ ଏଠାକୁ ଆସୁଛନ୍ତି। ଏବେ ଲକ୍‌ଡାଉନ, ଶଟ୍‌ଡାଉନ ପାଇଁ ଦୋକାନ ବଜାର ବନ୍ଦ ରହୁଛି। ଏ ସମସ୍ତ ଲୋକଙ୍କ ସମେତ ଡାକ୍ତରଖାନା କର୍ମଚାରୀମାନଙ୍କ ପାଇଁ ପୁରୁଷଣ୍ଡ ପଞ୍ଚାୟତର ମା' ଲକ୍ଷ୍ମୀ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଖାଦ୍ୟ ଷ୍ଟଲ ଖୋଲାଯାଇ ଶୁଖିଲା ଖାଦ୍ୟ ଓ କ୍ଷୀର ଯୋଗାଇ ଦିଆଯାଉଛି। ସେହିପରି ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କଲନ୍ଦର ବାବା ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଖାଦ୍ୟ ଷ୍ଟଲ ଖୋଲାଯାଇଛି।

### ଯୋଗ ଦେଲେ ନୂତନ ଥାନା ଅଧିକାରୀ

**ପାଟଣା,୧୯।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନାରେ ନୂତନ ଥାନା ଅଧିକାରୀ ଭାବରେ ବୈଦ୍ୟନାଥ ସାହୁ ଯୋଗ ଦେଇଛନ୍ତି। ସେ ତୁରୁମୁଙ୍ଗା ଥାନାରେ ଯୋଗ ଦେବା ପରେ ଥାନାର କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ତୁରୁମୁଙ୍ଗା ଅଞ୍ଚଳରେ ଆଇନ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବା ସହ କାଠ ଚୋରାଚାଲାଣ ଉପରେ ବିଶେଷ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

### ୧ ଯାଏ କୋର୍ଟ କାର୍ଯ୍ୟରୁ ବିରତ ରହିବେ ଆଇନଜୀବୀ

**କେନ୍ଦୁଝର, ୧୯।୫ (ସ୍ୱ.ପ୍ର.):** କେନ୍ଦୁଝର ଜିଲାରେ କରୋନା ସଂକ୍ରମଣ ପରିସ୍ଥିତି ଦିନକୁ ଦିନ ଗୁରୁତର ହୋଇ ପଡୁଥିବାରୁ ପ୍ରଶାସନ ଲକ ଡାଉନ ଅବଧିକୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଭଳି ପରିସ୍ଥିତିରେ ଜିଲା ଜଜ କୋର୍ଟକୁ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକ ଆସିବା ସୁବିଧା ନାହିଁ। ସେହିପରି ବହୁ ଓକିଲ ଓ କୋର୍ଟ କର୍ମଚାରୀ ମାନେ ମଧ୍ୟ ସଂକ୍ରମିତ ହୋଇଛନ୍ତି। ଏଣୁ ଏସବୁକୁ ଦୃଷ୍ଟିରେ ରଖି ଜିଲା ଓକିଲ ସଂଘ ପକ୍ଷରୁ ବୁଧବାର ଏକ ବୈଠକ ଡକାଇ କୋର୍ଟ କାର୍ଯ୍ୟରୁ ବିରତ ନିଷ୍ପତି ନେଇଛନ୍ତି। ପୂର୍ବରୁ ମେ ୧୯ ତାରିଖ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟରୁ ବିରତ ରହିବାକୁ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ବୃଦ୍ଧି କରି ଜୁନ ୧ ତାରିଖ ପର୍ଯ୍ୟନ୍ତ ବିରତ ରହିବାକୁ ନିଷ୍ପତ୍ତି ନେଇ ଜିଲାଜଜ କୋର୍ଟଙ୍କୁ ଜଣାଇଥିବା କାର୍ଯ୍ୟକାରିଣୀ ସଦସ୍ୟ ଅନୀଲ ନନ୍ଦ ସୂଚନା ଦେଇଛନ୍ତି। ଏହାଛଡା ଭିଡିଓ କନଫରେନ୍ସିଂ ଜରିଆରେ ବେଲ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ହୋଇ ପାରିବ ବୋଲି ସଂଘର ଉପସଭାପତି ରବୀନ୍ଦ୍ର କୁମାର ସେଠୀ ସୂଚନା ଦେଇଛନ୍ତି।

### ସାମାଜିକ କର୍ମୀ ନକୁଳ ଚନ୍ଦ୍ର ରାଉତଙ୍କ ପରଲୋକ

**କଟକ ଅଫିସ, ୧୯।୫:** ଅବସରପ୍ରାପ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ତଥା ସାମାଜିକ କର୍ମୀ ନକୁଳ ଚନ୍ଦ୍ର ରାଉତଙ୍କ ମଙ୍ଗଳବାର ରାତିରେ କଟକ ମହାନଦୀବିହାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଖାନ୍‌ନଗରସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଭାନୁପ୍ରତାପ ମୁଖାଗ୍ନି ଦେଇଥିଲେ। କେନ୍ଦୁଝର ଜିଲା ଘଟଗାଁ ଗ୍ରାମରେ ୧୯୨୮ ଏପ୍ରିଲ ୬ ତାରିଖରେ ରାଉତ ଜନ୍ମଗ୍ରହଣ କରିଥିଲେ। ତାଙ୍କର ୨ ପୁଅ ଓ ୨ ଝିଅ ଅଛନ୍ତି। ରାଉତ ଚାକିରି ଜୀବନ ସମୟରେ କଟକ, କେନ୍ଦୁଝର, ମୟୂରଭଞ୍ଜ ଜିଲାରେ ବିଡିଓ ଭାବେ କାର୍ଯ୍ୟ କରିଥିଲେ। ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ପ୍ରଥମ ସ୍ପେଶାଲ ଅଫିସର ଭାବେ ରାଜ୍ୟରେ ସୁନାମ ଅର୍ଜନ କରିଥିଲେ। କେନ୍ଦୁଝର ଜିଲାରେ କାର୍ଯ୍ୟରତ ସମୟରେ ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ସେ ସମ୍ମାନିତ ହୋଇଥିଲେ। ୧୯୮୭ ମସିହାରେ କଟକ ଜିଲା ସମାଜ କଲ୍ୟାଣ ଅଧିକାରୀ ଭାବେ ଅବସରଗ୍ରହଣ କରିଥିଲେ। ସରକାରୀ ଚାକିରିରୁ ଅବସର ଗ୍ରହଣ କରିବା ପରେ ସେ କଟକ ସହରର ବହୁ ସାମାଜିକ, ସାହିତ୍ୟିକ, ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ହୋଇଥିଲେ। ମହାନଦୀବିହାରସ୍ଥିତ ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ସଂସ୍ଥାନର ସଭାପତି ଓ ସାହିତ୍ୟ ପତ୍ରିକା ମହାନଦୀର ସେ ପରିଚାଳନା ସମ୍ପାଦକ ଥିଲେ।

# ସାରସକଣାରେ ସାହାଣ ମେଳା

## ବଢ଼ି ଚାଲିଛି ସଂକ୍ରମିତଙ୍କ ସଂଖ୍ୟା

**ସାରସକଣା,୧୯।୫**

କରୋନାର ଦ୍ୱିତୀୟ ଲହରରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ହୁହୁ ହୋଇ ବଢ଼ି ଚାଲିଥିବାରୁ ସ୍ଥିତି ଚିନ୍ତାଜନକ ହୋଇ ପଡ଼ିଛି। ଏଭଳି ସଙ୍କଟଜନକ ସମୟରେ ସହାଣମେଳା ଭଳି ଅମାନିଆଙ୍କ ଚଳପ୍ରଚଳ ଗୋଷ୍ଠୀ ସଂକ୍ରମଣକୁ ପାନଗୁଆ ଦେଇ ବରଣ କରିବା ଭଳି ସ୍ଥିତି ଉପୁଜିଛି। ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଞ୍ଚଳରେ। ଜିଲା ପ୍ରଶାସନର କୌଣସି ନିୟମ ଏଠାରେ କାଟୁ କରୁ ନ ଥିବା ଦେଖିବାକୁ ମିଳିଛି। ବ୍ୟାଙ୍କ ସମ୍ମୁଖରେ କାଳିଆ ଏବଂ ପ୍ରଧାନମନ୍ତ୍ରୀ କୃଷକ ନିଧି ଯୋଜନାରେ ଆସିଥିବା ଟଙ୍କା ଉଠାଇବାକୁ ନିତିଦିନ ଲମ୍ୱାଲାଇନ୍‌ରେ ଲୋକେ ଭିଡ଼ ଜମାଉଛନ୍ତି। କିଛି କାମ ନ ଥାଇ ଅମାନିଆ ବାଇକ୍ ଧରି ଚାରିଆଡ଼େ ଘୁରି ବୁଲୁଛନ୍ତି। ଶଟର ଟେକି ଦୋକାନୀମାନେ କାରବାର ଚଳାଉଛନ୍ତି। ଅଞ୍ଚଳରେ ଥିବା ହାଟଗୁଡ଼ିକରେ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ପରିବା ବେପାରୀଙ୍କ ଅବାଧ ପ୍ରବେଶ ଉଦ୍‌ବେଗର କାରଣ ପାଲଟିଛି। ଯାହାକି ଆଗାମୀ ଦିନରେ ଭୟଙ୍କର ରୂପ ଧାରଣ କରିବାକୁ ଯାଉଥିବା ଆଶଙ୍କା ପ୍ରକାଶ ପାଇଛି। ସବୁ ଲକ୍‌ଡାଉନର ପରିଶ୍ରମ ଗୋଟିଏ ହାଟ ପାଳିରେ ନଷ୍ଟ ହୋଇଯାଉଛି। ଅନ୍ୟପକ୍ଷେ ଶଟଡାଉନ ସମୟରେ ମଧ୍ୟ ଲୋକେ କେଉଁଠି ମୁହଁରେ ମୁହଁ ଲଗେଇ ଖଟି କରୁଛନ୍ତି ତ ଆଉ କେତେଜଣ ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ପ୍ରତି ଧ୍ୟାନ



ବ୍ୟାଙ୍କ ସମ୍ମୁଖରେ ଲୋକ ଗହଳି।

ଦେଉ ନାହାନ୍ତି। ଲକଡାଉନ୍ କଟକଣା ସତ୍ତ୍ୱେ ଏହି ବ୍ଲକରେ ପଜିଟିଭ୍ ସଂଖ୍ୟା ବଢ଼ି ଚାଲିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ଅଦ୍ୟାବଧି ଜିଲା କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରା ନ ଯିବା କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅପାରଗତାକୁ ପଦାରେ ପକାଇଛି। ପ୍ରଶାସନ ସଜାଗ ହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଏହି ଅଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ।

# ଫେରାର ଅଭିଯୁକ୍ତ ଗିରଫ

## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର ଘଟଣା

**ବାରିପଦା ଅଫିସ, ୧୯।୫**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରଜନୀକାନ୍ତ ମହାନ୍ତ।

ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ରଜନୀକାନ୍ତ ପୀଡିତାଙ୍କୁ ବାରିପଦା ଅଞ୍ଚଳର ଏକ ଘର ଭଡ଼ା ଘରେ ୬ମାସ ହେବ ରଖି ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ବିବାହ କରିବାକୁ ମନା କରିବାରୁ ଗତ ମାର୍ଚ୍ଚ ୨୩ ତାରିଖରେ ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୨୬୯/୨୧) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ। ବୁଧବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି।

# ଟ୍ରେନ୍‌ରେ ଚାଲିଗଲା ଜୀବନ

## କରୋନା ଭୟରେ ସୁରଟରୁ ଘରକୁ ଫେରୁଥିଲେ

**ଅନୁଗୋଳ ଅଫିସ, ୧୯।୫**

କରୋନା ଯୋଗୁ କମ୍ପାନୀ ସ୍ଥିତି ଭଲ ନ ଥିଲା। ତେଣୁ ସୁରଟରେ ପଡ଼ିରହିବା ଅପେକ୍ଷା ଭଦ୍ରକସ୍ଥିତ ଘରକୁ ଫେରିଆସୁଥିଲେ। ହେଲେ ଟ୍ରେନ୍ ମଧ୍ୟରେ ହିଁ ଚାଲିଗଲା ଭଦ୍ରକ ଜିଲା ବନ୍ତ ଥାନା ଦେବତାଗାଡ଼ିଆ ଅଞ୍ଚଳର ସୁବାସ ବେହେରା(୪୭)ଙ୍କ ଜୀବନ। ଅନୁଗୋଳ ଷ୍ଟେଶନରେ ସୁରଟ-ପୁରୀ ଏକ୍ସପ୍ରେସ୍ ମଧ୍ୟରୁ ସୁବାସଙ୍କ ମୃତଦେହ କଢ଼ାଯାଇ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଟ୍ରେନ୍‌ରୁ କୌଣସି ମୃତଦେହ କଢ଼ାଯିବା ଅନୁଗୋଳ ଷ୍ଟେଶନ ପାଇଁ ପ୍ରଥମ ଘଟଣା।

ସୁରଟ-ପୁରୀ ଏକ୍ସପ୍ରେସ୍ ଏସ୍-୬ ବଗିର ୭୬ ନମ୍ବର ସିଟ୍‌ରେ ବସିଥିଲେ ସୁବାସ। ସେହି ଟ୍ରେନ୍‌ରେ ୫୧ ଯାତ୍ରୀ ଆସୁଥିବାବେଳେ ତାଙ୍କର ଜଣେ ସାଙ୍ଗ ମଧ୍ୟ ଥିଲେ। ତାଙ୍କ ସହ ସେ ସୁରଟରୁ ଭଦ୍ରକ ଫେରୁଥିଲେ। ଟ୍ରେନ୍ ସୁରଟ ଛାଡ଼ିବା ପରେ ସୁବାସ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଏ ନେଇ ରେଳବାଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ମହାରାଷ୍ଟ୍ରର ଗୋନ୍ଦିଆ ଷ୍ଟେଶନରେ ତାଙ୍କର ଚିକିତ୍ସା କରାଯାଇଥିଲା। ଡାକ୍ତରୀ ଟିମ୍ ତାଙ୍କୁ ଔଷଧ ଦେଇ ଛାଡ଼ିଥିଲେ। ଟ୍ରେନ୍ ରେଢ଼ାଖୋଲ ପାର



ଅନୁଗୋଳ ଷ୍ଟେଶନ ମଧ୍ୟରୁ ମୃତଦେହ ବାହାରକୁ ଅଣାଯାଉଛି।

ହେବା ପରେ ସୁବାସ ହଠାତ୍ ବାନ୍ତି କରି ନିସ୍ତେଜ ହୋଇଯାଇଥିଲେ। କୌଣସି ଷ୍ଟପେଜ ନ ଥିବାରୁ ଅନୁଗୋଳ ଷ୍ଟେଶନ୍‌କୁ ସୂଚନା ଦିଆଯାଇଥିଲା। ଗୁରୁତର ଯାତ୍ରୀଙ୍କ ଚିକିତ୍ସା ପାଇଁ ଅନୁଗୋଳ ଷ୍ଟେଶନରେ ଜଣେ ଫାର୍ମାସିଷ୍ଟ ଓ ନର୍ସ ଅପେକ୍ଷା କରିଥିଲେ। ପୂର୍ବାହ୍ନ ୧୦ଟା ୩୫ରେ ଟ୍ରେନ୍ ପହଞ୍ଚିବା ପରେ ସେମାନେ ଚିକିତ୍ସା ପାଇଁ ବଗି ମଧ୍ୟକୁ ଯାଇଥିଲେ। ହେଲେ ସେତେବେଳକୁ ସୁବାସଙ୍କ ମୃତ୍ୟୁ ହୋଇସାରିଥିଲା। ତାଙ୍କ ମୃତଦେହ କଢ଼ାଯାଇ ୧ ନମ୍ବର ପ୍ଲାଟ ଫର୍ମରେ ରଖାଯାଇଥିଲା। ପରେ ରେଳବାଇ କର୍ମଚାରୀମାନେ ପିପିଇ କିଟ୍ ପିନ୍ଧି ମୃତଦେହ ଆମ୍ବୁଲାନ୍ସରେ ବ୍ୟବଚ୍ଛେଦ ପାଇଁ ନେଇଥିଲେ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଜିଆର୍‌ପି ପକ୍ଷରୁ ନଂ. ୨୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଗର୍ଭବତୀଙ୍କୁ ନିର୍ଯାତନା ଅଭିଯୋଗ

**ବୈଶିଙ୍ଗା,୧୯।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳୀପୁରା ଗ୍ରାମର ଜନୈକା ଗର୍ଭବତୀ ମହିଳା ପାରିବାରିକ ହିଂସାର ଶିକାର ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଏସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୧୫୭/୨୧) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ମେରଦା ଗ୍ରାମର ସନ୍ୟାସୀ ଖୁଣ୍ଟିଆଙ୍କ ଝିଅ ମମତାଙ୍କୁ ପାଟଳୀପୁରା ଗ୍ରାମର କାର୍ତ୍ତିକ ଜେନାଙ୍କ ସାନ ପୁଅ ଆଦିତ୍ୟ ବର୍ଷେ ତଳେ ପ୍ରେମ ବିବାହ କରିଥିଲେ। ତେବେ ଏହି ବିବାହକୁ ଆଦିତ୍ୟଙ୍କ ପରିବାର ଲୋକେ ବିରୋଧ କରିବା ସହ ବିଭିନ୍ନ ସମୟରେ ମମତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଇ ଆସୁଥିଲେ। ଗର୍ଭବତୀ ଥିବା ମମତାଙ୍କୁ ମଙ୍ଗଳବାର ଶାଶୁ,ବଡ଼ ଯାଆ ଓ ଶ୍ୱଶୁର ନିର୍ଯାତନା ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଭାରପ୍ରାପ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଅନୀତା ସ୍ୱାଇଁ ଘଟଣାର ତଦନ୍ତ ଚଳାଇଛନ୍ତି।

# ୧୪ ଦିନ ପରେ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

**ଖଇରା,୧୯।୫**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଗନଧୂଳି ପଞ୍ଚାୟତ ମଛଦା ଗ୍ରାମ ନିକଟସ୍ଥ ମଶାଣି ସଂଲଗ୍ନ ଏକ ନାଳ ଠାରୁ ବୁଧବାର ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ମୃତା ମହିଳା ମଛଦା ଗ୍ରାମର ମାଳତୀ ମହାପାତ୍ର ବୋଲି ଜଣାପଡ଼ିଛି। ଖଇରା ପୋଲିସ ବୁଧବାର ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ମାଳତୀ ଗତ ୫ ତାରିଖରୁ ନିଖୋଜ ଥିଲେ। ସେମାନେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ୧୪ ଦିନ ପରେ ବୁଧବାର ପୂର୍ବାହ୍ନରେ ସେହି ସ୍ଥାନକୁ ଗାଈ ନେଇ ଯାଇଥିବା ଜଣେ ବ୍ୟକ୍ତି ମୃତଦେହ ପଡ଼ିଥିବା ଦେଖି ହ୍ୟୁମାନ ରାଇଟ ଫ୍ରଣ୍ଟର ସଂଯୋଜକ କାହ୍ନୁ ଚରଣ ପାକଳଙ୍କୁ ଖବର ଦେଇଥିଲେ। ପରେ ପୋଲିସକୁ ଖବର ଦିଆଯାଇଥିଲେ ହେଁ ପୋଲିସ ୫ ଘଣ୍ଟା ବିଳମ୍ବରେ ପହଞ୍ଚିଥିବା କୁହାଯାଇଛି। ରିପୋର୍ଟ ଲେଖା ହେବା ବେଳକୁ ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଥିଲା। ତେବେ ନିଖୋଜ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ମୃତା ମାଳତୀଙ୍କ ପରିବାର ସୂତ୍ରରୁ ଜଣାପଡ଼ିଛି।

# ଭଞ୍ଜସେନାର ପ୍ରତିବାଦ ଧାରଣାକୁ ଜିଲାବାସୀଙ୍କ ସମର୍ଥନ

## ୨ଟି ସ୍ଥାୟୀ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ ଦାବି

**ବାରିପଦା ଅଫିସ, ୧୯।୫**

ମୟୂରଭଞ୍ଜରେ ୨ଟି ସ୍ଥାୟୀ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ ସହିତ ଜିଲାରେ କୋଭିଡ୍ ପରିଚାଳନା କ୍ଷେତ୍ରରେ ଅବ୍ୟବସ୍ଥା ସମ୍ପର୍କରେ ଭଞ୍ଜସେନା ସ୍ୱର ଉତ୍ତୋଳନ କରିଛି। ଭଞ୍ଜସେନାର ଏହି ପ୍ରତିବାଦ ଧାରଣା ଆହ୍ୱାନକୁ ଜିଲାବାସୀ ସମର୍ଥନ ଜଣାଇଥିବା ଜାଣିବାକୁ ମିଳିଛି। ବୁଧବାର ସନ୍ଧ୍ୟା ୭ରୁ ୭.୩୦ ମଧ୍ୟରେ ଜିଲାର ବିଭିନ୍ନ ପ୍ରାନ୍ତରେ ଲୋକେ ନିଜ ଘରେ ପ୍ଲାକାର୍ଡ ଧରି ଧାରଣାରେ ବସିଥିଲେ। ଏହାର ଫଟୋ ଓ କମେଣ୍ଟ ବିଭିନ୍ନ ସୋସିଆଲ୍ ମିଡିଆରେ ଅପଲୋଡ୍ କରିଥିବା ମଧ୍ୟ ଜଣାପଡ଼ିଛି। କୋଭିଡ୍ ହସ୍ପିଟାଲ୍‌ରୁ ବିଭ୍ରାନ୍ତିକର ଖବର ଆକ୍ରାନ୍ତଙ୍କ ପରିବାର ବର୍ଗଙ୍କୁ ପ୍ରଦାନ ନ କରି ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ଭଞ୍ଜସେନା ଦାବି କରିଥିଲା। ଏନେଇ ଗତ ସୋମବାର ସେନାର ଏକ ପ୍ରତିନିଧି ମଣ୍ଡଳୀ କୋଭିଡ୍ ପରିଚାଳନା ଅଧିକାରୀ ଓ ଜିଲା ପ୍ରଶାସନ ସହ ଆଲୋଚନା କରିଥିବା ଜିଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଜଣାଇଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦଳୀୟ ନିର୍ବାଚିତ ଜନ ପ୍ରତିନିଧିମାନେ ନିଜ ନିଜ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି କୋଭିଡ୍ ପରିଚାଳନାର ଠିକ୍ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା।

# ଅତ୍ୟାବଶ୍ୟକ ସାମଗ୍ରୀ ଚଢ଼ା ଦରରେ ବିକ୍ରି

**କେନ୍ଦୁଝର, ୧୯।୫(ସ୍ୱ.ପ୍ର)**

ଲକ୍ ଡାଉନ ସମୟରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢିବାରେ ଲାଗିଥିବାରୁ ଅଭାବ ସମୟରେ ଲୋକଙ୍କ ଉପରେ ବୋଝ ହୋଇଯାଇଛି। ଦୈନିକ ବ୍ୟବହାର ଯୋଗ୍ୟ ସାମଗ୍ରୀ ଆଳୁ, ପିଆଜ, ଖାଇବା ତେଲ, ଡାଲି ଆଦି ଦର ବୃଦ୍ଧି ପାଇଥିବାରୁ ଉପଭୋକ୍ତା ଚିନ୍ତାରେ ରହିଛନ୍ତି। କେତେକ ଅସାଧୁ ବେପାରୀ ଏହି ସବୁ କାର୍ଯ୍ୟ କରୁଥିଲେ ହେଁ ଜିଲା ପ୍ରଶାସନ ପକ୍ଷରୁ ଚଢାଉ କରାଯାଉ ନ ଥିବାରୁ ନିୟନ୍ତ୍ରଣ ହୋଇପାରୁ ନାହିଁ। ଜିଲାର ଆଦିବାସୀ ଅଧ୍ୟୁଷିତ ବାଂଶପାଳ, ତେଲକୋଇ, ଝୁମ୍ପୁରା, ଘଟଗାଁ, ହରିଚନ୍ଦନପୁର ଆଦି ବ୍ଲକର ଗ୍ରାମାଞ୍ଚଳରେ ଦରଦାମ ନିୟନ୍ତ୍ରଣ ହୋଇ ପାରୁ ନ ଥିବାରୁ ଗରିବ ଲୋକେ ଅନେକ ସମାଗ୍ରୀ ଖାଇବା ଛାଡିଦେଉଛନ୍ତି। କେତେକ ଗ୍ରସୋରି ଦୋକାନୀ ଏଥିପାଇଁ ଡିଲର ମାନଙ୍କୁ ସିଧାସଳଖ ଦାୟୀ କରୁଥିବା ବେଳେ ପୂର୍ବ ଅପେକ୍ଷା ଅଧିକ ଦାମରେ ସେସବୁ ବିକ୍ରି କରୁଥିବା କହିଛନ୍ତି। ଏପରିକି ଡିଲର ମାନେ ବିଭିନ୍ନ ଆଳରେ ପୂର୍ବ ଭଳି ବାକିରେ ସାମଗ୍ରୀ ଦେଉନାହାନ୍ତି। ଏବଂ ଚଢା ଦର ପାଇଁ ରିଟେଲର ମାନେ କମ ସାମଗ୍ରୀ ଆଣୁଛନ୍ତି ଏବଂ ଅଧିକ ଦାମରେ ବିକିବାକୁ ବାଧ୍ୟ ହେଉଥିବା କହିଛନ୍ତି। ଧରପଗଡ ହେଉ ନ ଥିବାରୁ କେତେକ ଦୋକାନୀ ଗରୀବ ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ସହରାଞ୍ଚଳରେ ବିଭିନ୍ନ ଗୋଦାମ ଘର ତଥା ଦୋକାନ ଗୁଡ଼ିକରେ ଚଢାଉ କରି ଦରଦାମ ଯାଞ୍ଚ କଲେ କିମ୍ବା ଏଥିପାଇଁ ଟୋଲ ଫ୍ରି ବା ସହାୟତା ସେବା ପାଇଁ ସ୍ୱତନ୍ତ୍ର ଫୋନ ନମ୍ବର ଜାରି କରାଗଲେ କଳାବଜାରିଙ୍କ ନିକଟରେ ପ୍ରଶାସନ ପହଞ୍ଚିପାରିବ ବୋଲି ମତ ପ୍ରକାଶ ପାଉଛି। ଏନେଇ ସିଏସଓ ହାଡିବନ୍ଧୁ ସେଠୀ କହିଛନ୍ତି ଯେ ଆଳୁ ଓ ପିଆଜ ଷ୍ଟକ ଯାଞ୍ଚ କରି ପ୍ରଶାସନକୁ ଜଣାଉଛୁ। ଅଭାବ ନାହିଁ। ତେବେ ରିଟେଲର ସ୍ତରରେ ମଧ୍ୟ ଶୀଘ୍ର ଯାଞ୍ଚ କରାଯିବ। ସମସ୍ତଙ୍କୁ ବୋର୍ଡ ମାରି ଷ୍ଟକ ଓ ଦର ଲେଖିବାକୁ କୁହାଯାଇଛି। ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସଙ୍ଗରୋଧ କେନ୍ଦ୍ରକୁ ଫେରିଲେ ୪ ପ୍ରବାସୀ

**ଭଦ୍ରକ ଅଫିସ, ୧୯।୫**

କୋଭିଡ୍ କଟକଣା ଅନୁଯାୟୀ ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀ ସଙ୍ଗରୋଧ କେନ୍ଦ୍ରରେ ରହିବା ବାଧ୍ୟତାମୂଳକ କରାଯାଇଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ସଙ୍ଗରୋଧ କେନ୍ଦ୍ରରୁ ଆନ୍ଧ୍ର ଫେରନ୍ତା ୪ ପ୍ରବାସୀ ମଙ୍ଗଳବାର ବିଳମ୍ବିତ ରାତିରେ ଫେରାର ହୋଇଯାଇଥିଲେ। ଏ ନେଇ ସରପଞ୍ଚ ବୁଧିରାମ ସେଠୀ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୁଧବାର ବିଡିଓ ପ୍ରଣବ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଫେରାର ପ୍ରବାସୀମାନଙ୍କୁ ପଡୁଆଁରୁ ନିଆଯାଇ ଇରମ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ସୂଚନା ମିଳିଛି।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ସୋର, ୧୯।୫(ଡି.ଏନ୍.ଏ)**

ବାଲେଶ୍ୱର ଜିଲା ସୋର ବ୍ଲକ ନଦୀଗାଁ ପଞ୍ଚାୟତ ଅନ୍ତର୍ଗତ ବାଇନଣ୍ଡା-ମଙ୍ଗରାଜପୁର ଗ୍ରାମର ଜଣେ ଯୁବକ ମଙ୍ଗଳବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ନିତ୍ୟାନନ୍ଦ ଜେନା। ପରିବାର ଲୋକଙ୍କ କହିବା ଅନୁଯାୟୀ ନିତ୍ୟାନନ୍ଦ ମଙ୍ଗଳବାର କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଘାସମରା ବିଷ ପିଇଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲେଶ୍ୱର ଡାକ୍ତରଖାନାକୁ ନେଇଥିଲେ। ବୁଧବାର କଟକ ସ୍ଥାନାନ୍ତର କରାଯାଉଥିବା ବେଳେ ସୋର କଲେଜ ଛକ ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋର ଡାକ୍ତରଖାନାକୁ ଅଣାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ୨ ବଖରା ଜଳିଗଲା

**ସୋର, ୧୯।୫ (ଡି.ଏନ.ଏ)**

ବାଲେଶ୍ୱର ଜିଲା ସୋର ବ୍ଲକ ବର୍ଚ୍ଛିଗଡ଼ିଆ ଗ୍ରାମର ଅନାଦି ସାମଲଙ୍କ ଘରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ସୋର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି।

# ଓକିଲ ସଂଘ ସମ୍ପାଦକ ଦାନ କଲେ ଅକ୍ସିଜେନ

**କେନ୍ଦୁଝର,୧୯।୫ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ଜନ୍ମ ଦିନ ଓ ଦିବଂଗତ ବରିଷ୍ଠ ଓକିଲ ଭାଗିରଥି ମହାନ୍ତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓକିଲ ସଂଘର ସମ୍ପାଦକ ଆଲୋକ ମହାନ୍ତ ଏକ ଅକ୍ସିଜେନ ସିଲିଣ୍ଡର ଓ କିଟ୍ କେନ୍ଦୁଝର ଜିଲା ଓକିଲ ସଂଘକୁ ଦାନ କରିଛନ୍ତି। ଏହି ଅକ୍ସିଜେନ ସିଲିଣ୍ଡରକୁ ଜିଲା ଦୌରାଜଜ ବେଣୁଧର ପାତ୍ର ଓକିଲ ସଂଘକୁ ଅନୁଷ୍ଠାନିକ ଭାବେ ସମର୍ପିତ କରିଥିଲେ। ଏହି ସମୟରେ ଜିଲା ଓକିଲ ସଂଘର କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଏହି ସିଲିଣ୍ଡର ଓକିଲ ସଂଘର ସମସ୍ତ ସଦସ୍ୟ ଓ ଜିଲା କୋର୍ଟର କର୍ମଚାରୀଙ୍କ ପାଇଁ କାର୍ଯ୍ୟରେ ଲାଗିବ ବୋଲି ଓକିଲ ସଂଘର ସମ୍ପାଦକ ଆଲୋକ ମହାନ୍ତ ପ୍ରକାଶ କରିଛନ୍ତି।



ଆଇନଜୀବୀଙ୍କୁ ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରାଯାଉଛି।

# ଟିକା ନ ନେଇ ବି ମିଳିଛି ପ୍ରମାଣପତ୍ର

**ବନ୍ତ,୧୯।୫ (ଡି.ଏନ.ଏ.)**

କୋଭିଡ୍ ଟିକା ନ ନେଇ ବି ଦମ୍ପତି ପାଇଛନ୍ତି ପ୍ରମାଣପତ୍ର। ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ଗ୍ରାମରେ। ପ୍ରମାଣପତ୍ର ପାଇଥିବା ଦମ୍ପତି ହେଲେ ଗ୍ରାମର ଭରତ ପାଣି(୬୪) ଓ ତାଙ୍କ ସ୍ତ୍ରୀ ରମାମଣି ପାଣି(୬୨)। ସେମାନଙ୍କ କହିବା ଅନୁଯାୟୀ, ଗତ ମାର୍ଚ୍ଚ ୧୩ରେ ସେମାନେ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମ ଡୋଜ୍ ଟିକା ନେଇଥିଲେ। ସେତେବେଳେ ଅନ୍‌ଲାଇନ ବୁକିଂ କରା ନ ଯାଇ ମାନୁଆଲି ଟିକା ଦିଆଯାଉଥିଲା। ଯେଉଁମାନେ ପ୍ରଥମ ଡୋଜ୍ ନେଉଥିଲେ ସେମାନଙ୍କୁ ୪୨ଦିନ ପରେ ୨ୟ ଡୋଜ୍ ନେବାକୁ ନିୟମ ରହିଥିଲା। ଏଣୁ ଦମ୍ପତି ଗତ ଏପ୍ରିଲ ୨୬ରେ ୨ୟ ଡୋଜ୍ ନେବା ପାଇଁ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାକାର କର୍ମଚାରୀ ସେମାନଙ୍କୁ ଅନ୍‌ଲାଇନ ବୁକ୍ କରିବା


ଟିକା ନ ନେଇ ପ୍ରମାଣ ପତ୍ର ପାଇଥିବା ଦମ୍ପତି।

ପାଇଁ ପରାମର୍ଶ ଦେଇଥିଲେ। ସେହିଦିନ ସେମାନେ ଅନ୍‌ଲାଇନ କରିବା ପରେ ଏପ୍ରିଲ ୨୭ରେ ୨ୟ ଡୋଜ୍ ନେବାକୁ ସ୍ଲଟ୍ ବୁକିଂ ହୋଇଥିଲା। ୨୭ରେ ସେମାନେ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବା ବେଳେ ଟିକା ଉପଲବ୍ଧ ନ ଥିଲା। ମେ' ୧୮ରେ ସେମାନେ କୋୱିନ ୱେବସାଇଟରେ ସର୍ଚ୍ଚ କରିବାରୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନେ ଟିକା ନେଇସାରିଥିବା ଦେଖିବାକୁ ପାଇଥିଲେ। ଏଥିସହ ସେମାନଙ୍କ ନାମରେ ୨ୟ ଡୋଜ୍ ଟିକା ନେଇଥିବାର ପ୍ରମାଣପତ୍ର ଅନ୍‌ଲାଇନରେ ଅପଲୋଡ୍ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏବେ କିପରି ୨ୟ ଡୋଜ୍ ଟିକା ନେଇପାରିବେ ସେନେଇ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବିଳାସିନୀ ବେହେରାଙ୍କୁ ପଚାରିବାରୁ କହିଛନ୍ତି, କୌଣସି ବୈଷୟିକ ସମସ୍ୟା ଥାଇପାରେ। ପ୍ରଥମ ଡୋଜ୍ ନେବାର ୮୪ ଦିନ ପରେ ସେମାନେ ୨ୟ ଡୋଜ୍ ନେବା ପାଇଁ ଟିକାକରଣ କେନ୍ଦ୍ରକୁ ଆସିଲେ ପଦକ୍ଷେପ ନିଆଯିବ।

# ବ୍ୟଙ୍ଗର ଦର୍ପଣରେ ନିଜ ମୁହଁ

## [ମଧୁବନର ମେୟର ଓ ଅନୁତପ୍ତ ମନୋଜ]



ମଣୀନ୍ଦ୍ର କୁମାର ମେହେର

ମନୋଜ ଦାସଙ୍କର ଯେଉଁମାନେ ପ୍ରିୟ ପାଠକ, ସେମାନେ କେହି 'ମଧୁବନର ମେୟର' ଗଳ୍ପ ଅଧ୍ୟୟନରୁ ବଞ୍ଚିତ ହୋଇ ନ ଥିବେ ବୋଲି ଆଶା। ସେଥିପାଇଁ ଏହି ଗଳ୍ପର ବିଷୟବସ୍ତୁକୁ ଏଠାରେ ବ୍ୟାଖ୍ୟା କରାଯାଉ ନାହିଁ। ମନୋଜ ହେଉଛନ୍ତି ଜଣେ ଅସାଧାରଣ ବ୍ୟଙ୍ଗ ଶିଳ୍ପୀ। ମଣିଷକୁ ଏପରି ଶାଣିତ ଓ ଅର୍ଥପୂର୍ଣ୍ଣ ବ୍ୟଙ୍ଗରେ ସେ ଆହତ କରିଛନ୍ତି ଯେ, ସେଥିରେ ଯନ୍ତ୍ରଣା ନ ଥାଏ ; ଥାଏ ଉତ୍ତରିତ ହୋଇଯିବାର ଶକ୍ତିଶାଳୀ ମନ୍ତ୍ର। ସେ ନିଜେ ମଧ ସ୍ୱୀକାର କରିଛନ୍ତି ଯେ, ମଣିଷ ପ୍ରତି ତାଙ୍କର ଭଲପାଇବା ଅତ୍ୟନ୍ତ ନିର୍ମଳ ଓ ଗଭୀର। ସେଥିପାଇଁ ତାଙ୍କ ବ୍ୟଙ୍ଗ ମାନବାତ୍ମାକୁ କଷ୍ଟ ଦେବା ପାଇଁ ଅଭିପ୍ରେତ ନୁହେଁ। ତାହା ସ୍ନେହସିକ୍ତ ଓ ମମତାପ୍ଲୁତ ବ୍ୟଙ୍ଗ ହୋଇଥିବାରୁ ସେଥିରେ ମୁଖାମୁକ୍ତ ହେବାର ପ୍ରେରଣା ଥାଏ ପ୍ରଚ୍ଛନ୍ନ ହୋଇ।

'ମଧୁବନର ମେୟର' ଗଳ୍ପଟିରେ ଏକ ଷଣ୍ଢ କିପରି ପୂର୍ବତନ ମେୟରଙ୍କ ନାତୁଣୀଙ୍କ ମନସ୍ତତ୍ତ୍ୱ ଖାତା ଗର୍ଭସାତ୍ କରିଛି ଓ ପୂର୍ବତନ ମେୟର ମ୍ୟୁନିସିପାଲିଟି ବୈଠକରେ ସେ ସମ୍ପର୍କିତ ଅଭିଯୋଗ ଆଣିବା ବେଳେ ତାଙ୍କର ଛାତ୍ର ବର୍ତ୍ତମାନର ମେୟର ତାଙ୍କୁ କିପରି ଉପହାସ କରିଛନ୍ତି– ତାହା ଅନୁରାଗୀ ପାଠକବୃନ୍ଦ ନିଶ୍ଚୟ ମନେ ରଖିଥିବେ। ଏହାର ପରବର୍ତ୍ତୀ ଦୃଶ୍ୟ ମଧ ପାଠକମାନଙ୍କ ଆଖି ଆଗରେ ନିଶ୍ଚୟ ନାଚି ଉଠୁଥିବ। ବର୍ତ୍ତମାନର ମେୟର ସାନ୍ଧ୍ୟକାଳୀନ ପରିବେଶରେ ନିଜ କାରରେ ଫେରିବା ବେଳେ କିପରି ନଦୀକୂଳରେ ସ୍ନାନ କରିବା ପାଇଁ ଅଟକି ଯାଇଛନ୍ତି ଓ ନଗ୍ନ ଶରୀରରେ ସ୍ନାନ ସାରି ଉପରକୁ ଉଠୁଥିବା ବେଳେ ତାଙ୍କ କାର୍ଯ୍ୟାଳୟର ଏକ ଗାଡ଼ି କିପରି ଅନ୍ଧାର ମଧ୍ୟରେ ତା'ର ଆଲୋକ ତାଙ୍କ ଦେହ ଉପରକୁ ବିଚ୍ଛୁରିତ କରିଛି ଏବଂ ଲଜ୍ଜା ତଥା ଅପମାନର ଭୟରେ ସେ ସାରାରାତି ନଦୀ ମଧ୍ୟସ୍ଥ ଏକ ଛୋଟ ନୌକାରେ କିପରି ଆଶ୍ରୟ ନେଇଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଯେତିକି ହାସ୍ୟ-ଉଦ୍ରେକକାରୀ ; ତାଙ୍କ ପାଇଁ ତାହା ତା'ଠାରୁ ଅଧିକ ଯନ୍ତ୍ରଣାଦାୟକ– ଏହା ବି ଆମେ କେହି ଭୁଲିପାରିନାହୁଁ। ଶେଷରେ ହୋଇଛି କ'ଣ ? ମଧୁବନର ମେୟର ଉପଲବ୍ଧି କରିଛନ୍ତି ଜୀବନର ଚରମ ଅସହାୟତା, ଆଉ ସ୍ଥିର କରିଛନ୍ତି ଯେ ; ସେ ତାଙ୍କର ଗୁରୁ ଅର୍ଥାତ୍ ପୂର୍ବତନ ମେୟରଙ୍କ ନିକଟକୁ ଯାଇ କ୍ଷମାପ୍ରାର୍ଥୀ ହେବେ ଓ କହିବେ– 'ସାର୍, ମୁଁ ବର୍ତ୍ତମାନ ପ୍ରାପ୍ତବୟସ୍କ।'

ଏହି କାହାଣୀର ଅବତାରଣା କରି ମନୋଜଙ୍କ ଜୀବନରେ ଘଟିଥିବା ଘଟଣାକୁ ଏଠାରେ ଉଲ୍ଲେଖ କରିବାର ପ୍ରୟୋଜନୀୟତା ଏ ଲେଖକ ଅନୁଭବ କରୁଛି। ତାହା ହେଲା: ଯେତେବେଳେ ମନୋଜ କଲେଜର ଛାତ୍ର ଏବଂ ଛାତ୍ରନେତା ମଧ୍ୟ, ସେତେବେଳେ ତାଙ୍କର ଇଂଲିଶ୍ ଅଧ୍ୟାପକ ଏକ ପ୍ରବନ୍ଧ ଲେଖିବା ପାଇଁ ଦେଇଥିଲେ– ବିଷୟବସ୍ତୁ 'ତକିଆର ଆତ୍ମକାହାଣୀ'। ଏହାକୁ ନେଇ ମନୋଜଙ୍କ ବନ୍ଧୁବର୍ଗଙ୍କ ମଧ୍ୟରେ ଯେଉଁ ହାସ୍ୟରୋଳ ହୋଇଥିଲା ଓ ଉକ୍ତ ଅଧ୍ୟାପକଙ୍କୁ ମନୋଜ ଯେପରି ବ୍ୟଙ୍ଗାତ୍ମକ ଦୃଷ୍ଟିରେ ନିରୀକ୍ଷଣ କରିଥିଲେ, ତାହା ସ୍ମରଣ କଲେ ମଧୁବନର ମେୟରଙ୍କ ତାଙ୍କ ଗୁରୁଙ୍କ ପ୍ରତି ବ୍ୟଙ୍ଗ ମଧ୍ୟରେ ଅନୁଭବ କରିହୁଏ ଏକ ସୂକ୍ଷ୍ମ ସାମଞ୍ଜସ୍ୟ। ପରବର୍ତ୍ତୀ ସମୟରେ ମନୋଜ ଯେତେବେଳେ ଖ୍ୟାତନାମା ଲେଖକ ଓ ସୁବକ୍ତା, ସେତେବେଳେ ସେହି ଅଧ୍ୟାପକ ବୃଦ୍ଧ ବୟସରେ ଉପନୀତ। ସଭାକକ୍ଷରେ ମନୋଜଙ୍କ ଭାଷଣ ଶୁଣିବା ପାଇଁ ସେ ଆସିଥା'ନ୍ତି ଆଗ୍ରହରେ। ମନୋଜ ତାଙ୍କୁ ଦେଖି ଅନୁଭବ କରିଛନ୍ତି କୃତଜ୍ଞତା। ସଭା ସମାପ୍ତି ପରେ କିଛି ସମୟ ସକାଶେ ଉଭୟଙ୍କ ଭିତରେ ଯେଉଁ ଭାବ ବିନିମୟ ହୋଇଛି, ସେଥିରେ ମନୋଜ ଉପଲବ୍ଧି କରିଛନ୍ତି ଯେ ଛାତ୍ର ଜୀବନରେ ସେ କରିଥିବା ବ୍ୟଙ୍ଗ ଉଦ୍ରେକକାରୀ ତ୍ରୁଟିପୂର୍ଣ୍ଣ ଆଚରଣକୁ ଅଧ୍ୟାପକ ମହୋଦୟ କେବେଠୁ ମନେ ମନେ କ୍ଷମା କରି ଦେଇଛନ୍ତି। ଏ ପ୍ରସଙ୍ଗ ଉଲ୍ଲେଖ କରି ମନୋଜ ତାଙ୍କର ଏକ ଲେଖାରେ ନିଜ ଅନ୍ତରାତ୍ମାର ଅନୁଭୂତି ବ୍ୟକ୍ତ କରି କହିଛନ୍ତି ଯେ, 'ସାର୍ ମତେ କ୍ଷମା କରିସାରିଥିଲେ ସତ, କିନ୍ତୁ ମୁଁ ନିଜେ ନିଜକୁ ସେଥିପାଇଁ କ୍ଷମା କରିପାରି ନାହିଁ।'

ଏହି ଗୋଟିଏମାତ୍ର ବାକ୍ୟ ଭିତରେ ମନୋଜଙ୍କ ଅନୁତପ୍ତ ହୃଦୟର ଯେଉଁ ବିନମ୍ରତା ପ୍ରକାଶିତ ହୋଇଛି, ତାହାକୁ ଗୌଣ ମନେକରିବା ଆଦୌ ଉଚିତ ହେବ ନାହିଁ। ମଧୁବନର ମେୟରଙ୍କ ପଶ୍ଚାତ୍ତାପ ଭିତରେ ମନୋଜଙ୍କ ଅନୁତପ୍ତ ହୃଦୟର ବ୍ୟଥା ଯେ ପ୍ରଚ୍ଛନ୍ନ ହୋଇ ରହିଥିବା ଅସ୍ୱାଭାବିକ ହୋଇ ନ ପାରେ– ଏ କଥା ଗଭୀର ଅନ୍ତର୍ଦୃଷ୍ଟି ନେଇ ଦେଖିଲେ ଆମେ ଅନୁଭବ କରିପାରିବା– ମନୋଜ ନିଜେ ମଧ କହିଛନ୍ତି ବ୍ୟଙ୍ଗର ଦର୍ପଣରେ ସେ ଆପଣାର ମୁହଁକୁ ଦେଖିପାରିଛନ୍ତି ବୋଲି। ତେଣୁ ତାଙ୍କର ବ୍ୟଙ୍ଗ ପାଇଁ ଯଦି କେହି ଆହତ ଅନୁଭବ କରନ୍ତି, ତା'ହେଲେ ସେ ସେମାନଙ୍କ ଆଗରେ ନିଜକୁ କ୍ଷମା ପ୍ରାର୍ଥୀ ବୋଲି ଦର୍ଶାଇ ଦେଇଛନ୍ତି। ଏଇଥିରୁ ଉପଲବ୍ଧି କରିହୁଏ ମନୋଜଙ୍କ ଜୀବନାନୁଭବର ଗଭୀରତା ଓ ବିଶାଳତା କେତେ ପ୍ରାଣସ୍ପର୍ଶୀ। 'ମଧୁବନର ମେୟର' ସେଦିନ ଯେମିତି ତାଙ୍କ ଗୁରୁଙ୍କ ସମ୍ମୁଖରେ କ୍ଷମା ପ୍ରାର୍ଥନାର ମୁଦ୍ରାରେ ଛିଡ଼ା ହୋଇଥିବେ, ମନୋଜ କଲେଜ ଜୀବନର ସେଇ ଉଦ୍ଦାମ ଆଚରଣରୁ ନିଜକୁ ମୁକ୍ତ କରି ନମ୍ରତାର ଜ୍ୟୋତିରେ ଉଦ୍ଭାସିତ ହୋଇ ତାଙ୍କ ସାର୍‌ଙ୍କ ସମ୍ମୁଖରେ କିପରି କୃତଜ୍ଞତା–ଭରା ଚିତ୍ତରେ ଦଣ୍ଡାୟମାନ ହୋଇ ରହିଥିବେ ; ସେ କଥା ଭାବିଲେ ସେହି ମହାନ୍ ଶିକ୍ଷକଙ୍କ ପ୍ରତି ଯେପରି ହୃଦୟରେ ସମ୍ମାନ ଜାଗ୍ରତ ହୁଏ, ସେହିପରି ମନୋଜଙ୍କ ମହନୀୟ ବ୍ୟକ୍ତିତ୍ୱ ଆଗରେ ନତମସ୍ତକ ହେବାକୁ ଇଚ୍ଛାହୁଏ ପାଠକର। ଏହିଭଳି ଅନୁଭୂତି ଜୀବନରେ ଆଣିଦିଏ ଏପରି ପରିପକ୍ୱତା, ଯାହା ମଣିଷକୁ କରିଦିଏ ବିନୟର ଅବତାର। ମନୋଜଙ୍କ ଗଳ୍ପକଳା ମଧ୍ୟରେ ଓ ତାଙ୍କର ଜୀବନ କଳା ଭିତରେ ଏହିପରି ପ୍ରଚ୍ଛନ୍ନ ହୋଇ ରହିଛି ମାନବିକତାର ସମୁଜ୍ଜ୍ୱଳ ସଂସ୍କୃତି, ଯାହା ମଣିଷକୁ ନିରନ୍ତର ପ୍ରେରଣାପ୍ଲୁତ କରୁଥାଏ ବିନମ୍ରତାପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ଓ ତା' ହୃଦୟରେ ଜାଳିଦିଏ ଏପରି ଏକ ସ୍ନିଗ୍ଧ କୋମଳ ପ୍ରଦୀପର ଶିଖା, ଯାହାର ଆଲୋକରେ ମଣିଷର ସମସ୍ତ କୃତ୍ରିମତା ହୁଏ ଦୂରୀଭୂତ ଓ ସେ ଆପଣା ସ୍ୱରୂପରେ ସୌନ୍ଦର୍ଯ୍ୟମୟ ରୂପରେ ହୁଏ ପ୍ରତିଭାତ।

ମୋ: ୮୮୯୫୮୮୧୫୮୯

> **ମଧୁବନର ମେୟରଙ୍କ ପଶ୍ଚାତ୍ତାପ ଭିତରେ ମନୋଜଙ୍କ ଅନୁତପ୍ତ ହୃଦୟର ବ୍ୟଥା ଯେ ପ୍ରଚ୍ଛନ୍ନ ହୋଇ ରହିଥିବା ଅସ୍ୱାଭାବିକ ହୋଇ ନ ପାରେ- ଏ କଥା ଗଭୀର ଅନ୍ତର୍ଦୃଷ୍ଟି ନେଇ ଦେଖିଲେ ଆମେ ଅନୁଭବ କରିପାରିବା- ମନୋଜ ନିଜେ ମଧ କହିଛନ୍ତି ବ୍ୟଙ୍ଗର ଦର୍ପଣରେ ସେ ଆପଣାର ମୁହଁକୁ ଦେଖିପାରିଛନ୍ତି ବୋଲି। ତେଣୁ ତାଙ୍କର ବ୍ୟଙ୍ଗ ପାଇଁ ଯଦି କେହି ଆହତ ଅନୁଭବ କରନ୍ତି, ତା'ହେଲେ ସେ ସେମାନଙ୍କ ଆଗରେ ନିଜକୁ କ୍ଷମା ପ୍ରାର୍ଥୀ ବୋଲି ଦର୍ଶାଇ ଦେଇଛନ୍ତି। ଏଇଥିରୁ ଉପଲବ୍ଧି କରିହୁଏ ମନୋଜଙ୍କ ଜୀବନାନୁଭବର ଗଭୀରତା ଓ ବିଶାଳତା କେତେ ପ୍ରାଣସ୍ପର୍ଶୀ।**

ଅବଲୋକନ

## କବିତା

### ଅଖିମୁଠି ବେତୁଲି
ମଧୁସୂଦନ ଦାଶ

ବାପା
ଅଖିମୁଠି ବେତୁଲି
କାନ୍ଧରେ ବୋହି
ବିଲକୁ ଗଲାବେଳେ
ଆମମାନଙ୍କ
ସୁନେଲି ସ୍ୱପ୍ନସବୁ
ଥାକଥାକ ହୋଇଥା'ନ୍ତି
ସେ ବେତୁଲି ଭିତରେ
ଅପେକ୍ଷା କରିଥା'ନ୍ତି
ଧାନ ବିହନ ପରି
ଗଜୁରିବା ପାଇଁ।

ମୋ: ୯୪୩୭୩୩୨୪୯୮

### ଊର୍ଜସ୍ୱଳ
ରଂଜନ କୁମାର ଦାସ

ଯାହା ଛାତି ଭିତରେ
ପ୍ରତିଟି ସ୍ପନ୍ଦନ ତମକୁ ନେଇ
ତାକୁ ବା ଦୋହଲାଇ ପାରିବ
କୋଉ ଭୂକମ୍ପ ?

ଯିଏ ବୁଡ଼ିରହିଚି ଅହରହ
ତମରି ପ୍ରେମର ଗଭୀରତାରେ
ତାକୁ ବା ଭୟ କୋଉ ସମୁଦ୍ରର
ଅବା କୋଉ ସୁନାମିର ?

ଥରେ ପତଙ୍ଗ ପାଲଟିଲା ପରେ
ତମରି ପ୍ରେମର ଦୀପଶିଖାରେ
ନା କୋଉ ପତନର ଭୟ
ନା କୋଉ ଉତ୍‌ଥାନର ସ୍ୱପ୍ନ
ବିଚଳିତ କରିପାରେ ଆଉ !

ନିରବଧି ଉଡ଼ିବାର ମୋହରେ
ବିଭୋର ଏ ମନ
ଆଉ ଭ୍ରୂକ୍ଷେପ କରେନା
କୋଉ ଅଗ୍ନିକୁ କୋଉ ବାୟୁକୁ।

ତେଣିକି ପଛେ ମୃତ୍ୟୁ ଆସୁ
କି ଆସୁ ପୁନର୍ଜନ୍ମ
ଆଉ ପରୱା ନ ଥାଏ
କୋଉ କଥାକୁ!

ମୋ: ୯୪୩୭୨୮୬୫୧୨

### ବେଳ ବୈଶାଖୀ
ଇଂ. ସରୋଜ ମହାପାତ୍ର

ହଠାତ୍ ବେଳଟାକୁ ମୋଡ଼ିମାଡ଼ି
କଚାଡ଼ି ଦେବ ଯେ
କହିହବନି କେତେ ପଛକୁ
ଠେଲି ହୋଇଯାଇଥିବ ସମୟ।
ୟା ପରେ ମୁଁ ପାଲଟି ଯାଇଥିବି
ମିଛୁଆ ମଣିଷଟିଏ
ନଈ ପଠା
ଆମ୍ବ ତୋଟା
ନୀରବରେ ଆଂକିଥିବା
ସକାଳ, ସଂଜ ଓ
ଦି'ପହର ପାଖରେ
ନିମିଷକ ଭିତରେ।

ଘୂର୍ଣ୍ଣି ଅଂଧ
ନଥାଏ ପାତର ଅନ୍ତର
ପଛରେ ଥୋଇ ଆସିଥିବା
ବାରି ଅଗଣା ଦୁଆର ଓ ଘର
ପେଟ ଯୋଗାଡ଼ ସାରି
ଫେରିବା ବେଳକୁ
ସବୁ ଛାରଖାର।

ଏଥର ଗଛରେ କଢ଼ ଧରିବ ଭୋକ
ଫୁଲ ହୋଇ ଫୁଟିବ ବିକଳତା
କିଛି ଶୀତଳତା ପାଇଁ
ମିଛ ମେଘର ମାୟାରେ
ଘାଂଟି ହେଉଥିବ ପବନ।


ସବୁ କ୍ଷୟକ୍ଷତି, ଭୀଷଣତା
ଗାଣିତିକ ସୂତ୍ରରେ ଆକଳନ
କରିହୁଏନି
କିଛି ଅଭାବ, କିଛି ଶୂନ୍ୟତା
ଭରଣାର ଖୁବ୍ ଊର୍ଦ୍ଧ୍ୱରେ
ଘୁମୁରୁଥାଏ।
ବେଳେବେଳେ
ନଇଁ ପଡ଼ିବାର ଯନ୍ତ୍ରଣା
ଭାଂଗିବାଠୁ ଖୁବ୍ ଅଧିକ ଥାଏ।

ମୋ: ୭୦୦୮୧୬୭୩୨୧

## ପୁସ୍ତକ ପରିଚୟ

### କଥା ଦଶକ


**ଲେଖକ:** ଶାନ୍ତନୁ କୁମାର ଆଚାର୍ଯ୍ୟ
**ସମ୍ପାଦକ:** ପୀତବାସ ରାଉତରାୟ
**ପ୍ରକାଶକ:** ମହାବୀର ପ୍ରକାଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୦୦/–



'ଫୁଲ–ଭଗବାନ ଫାଉଣ୍ଡେଶନ' ପକ୍ଷରୁ ପ୍ରକାଶିତ 'ଆମ ସମୟର ଶ୍ରେଷ୍ଠକଥା' ସିରିଜ୍‌ରେ ପ୍ରଖ୍ୟାତ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ରଚିତ ଗଳ୍ପ 'କଥା ଦଶକ'। ଗଳ୍ପଗୁଡ଼ିକ ନିଜେ ଗାଳ୍ପିକ ବାଛିଛନ୍ତି ଓ ଚୟିତ ଗଳ୍ପଗୁଡ଼ିକର ବ୍ୟାଖ୍ୟା ନିଜ ନିଜ ଢଙ୍ଗରେ କରିଛନ୍ତି ଆମ ସମୟର ଅନ୍ୟ ଦଶଜଣ ଲେଖକ। ଦଶଟି ଗଳ୍ପ ଭିତରେ ଅଛି ଲେଖକଙ୍କର ଚର୍ଚ୍ଚିତ ଗଳ୍ପ 'ଦୁର୍ବାର', 'ଅଦିନ ବଉଳ', 'ସର୍ପଯାନ', 'ଚଳନ୍ତି ଠାକୁର' ଓ 'ସାବି ବେଔ'। ଆଲୋଚକମାନେ ହେଲେ ରବି ସ୍ୱାଇଁ, ରବି ପଣ୍ଡା, ବିଷ୍ଣୁ ସାହୁ, ପବିତ୍ର ପାଣିଗ୍ରାହୀ, ଜୟନ୍ତୀ ରଥ, ଇତି ସାମନ୍ତ, ନିରୁପମା ଆଚାର୍ଯ୍ୟ, ଅସିତ୍ ମହାନ୍ତି, ଅଧ୍ୟାପକ ବିଶ୍ୱରଞ୍ଜନ ଓ ସୀତେଶ ତ୍ରିପାଠୀ। ତିନିଟି ସାକ୍ଷାତ୍‌କାର, ମୁଁ କାହିଁକି ଲେଖେ ଓ ନିଜ ସୃଷ୍ଟି ସମ୍ପର୍କରେ ସ୍ରଷ୍ଟାଙ୍କ ସ୍ୱୀକାରୋକ୍ତି ସାଙ୍ଗକୁ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ଏବଂ ସୃଷ୍ଟି ସମ୍ଭାର ସମ୍ପର୍କରେ ସୂଚନା ପାଠକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ''ବିଶ୍ୱଦୃଷ୍ଟି ନ ମିଳିବା ପର୍ଯ୍ୟନ୍ତ ସୃଷ୍ଟିର ନୂତନତ୍ୱ ଦୃଶ୍ୟମାନ ହୁଏନା''– ଏହା ଶାନ୍ତନୁଙ୍କ ମତ। ଗ୍ରନ୍ଥାୟିତ ଗଳ୍ପଗୁଡ଼ିକରୁ ପାଠକେ ଏହି ମତର ଯାଥାର୍ଥ୍ୟ ଆବିଷ୍କାର କରିବେ ବୋଲି ଆଶା।

### ଚାଷବାସ

**କବି:** ଶ୍ରୀଦେବ
**ପ୍ରକାଶକ:** ସଟର୍‌ଡେ ସିଗ୍‌ନେଚରିଂ, ଚନ୍ଦ୍ରଭାଗା, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୫୦/–



ମୋଟ ୨୧ଟି କବିତାକୁ ନେଇ ପରିକଳ୍ପିତ ଶ୍ରୀଦେବଙ୍କର କବିତା ଗ୍ରନ୍ଥ ''ଚାଷବାସ''। ଗ୍ରନ୍ଥର ସବୁ କବିତା ପ୍ରାୟତଃ ଚାଷକୁ ନେଇ, ଚାଷୀକୁ ନେଇ। ସେ ଚାଷୀଟି କିଏ ? ଉତ୍ସର୍ଗ ପତ୍ରରୁ ବୁଝିହୁଏ ସେଇ ଚାଷୀଟି ଶ୍ରୀଦେବ ନିଜେ। ତେଣୁ ଏ କବିତାଗୁଡ଼ିକୁ ଆତ୍ମଜୀବନୀମୂଳକ କହିହେବ। ବହିର ପ୍ରଥମ କବିତା 'ଚାଷବାସ', ଯେଉଁଥିରେ କବି ଉପସଂହାର ଟାଣନ୍ତି ଏତକ କହି– ''ଚାଷ ନ ହେଲା ନାଇଁ/ଆମକୁ ମରିବାକୁ ଦିଅ ସର୍କାର।'' 'ଭାତଫାତ' ଶୀର୍ଷକ କବିତାରେ କବି ରାସାୟନିକ ସାର ଓ ବିଷ ପ୍ରୟୋଗ ଯୋଗୁ ଭାତ କିପରି ବିଷ ହେଇଯାଉଚି– ସେ କଥା କହିଛନ୍ତି। କବିତାରେ ତଥ୍ୟ ଅଛି, ଅଛି ମଧ ବଚନ–ବୈଚିତ୍ର୍ୟ। ଯେପରି ଏଇ ପଙ୍‌କ୍ତିଟି: ''ବୈଶାଖର/ବାରକୋଶ ଖରାର ଶାଢ଼ି ପିନ୍ଧିଚି/ବୋହୂଟି/ସିଲ୍‌ଭର ରଙ୍ଗର/ତତଲା ତାୱାରେ ତର୍କାରୀ/ମଣିଷ/ଫ୍ରାଇ ଅଣ୍ଡା ପରି/ଖରା ଫୁଟୁଚି।'' ('ଖରାତରା', ପୃ:୨୯)। ଶୈଳଜ ରବି କବିତାଗୁଡ଼ିକ ସମ୍ପର୍କରେ କହନ୍ତି: ''ଇଏ ଗୋଟେ କାନ୍ଦଣା ଲହରୀ ବହି ନୁହେଁ। x x ରିମୋଟ୍ କଣ୍ଟ୍ରୋଲ୍ ଯେମନ୍ତ ଯନ୍ତ୍ରିଟିଏ ଧରି ମୃଗୀ ନଚଉଥିବା ନରହରିମାନଙ୍କର ଇଏ ମୁଖା ଖୋଲି ଦଉଚି।'' (ପୃ: ୫୪)। ବହିଟିର ଆଦର ସୁନିଶ୍ଚିତ।

## ଭୋକ
ପ୍ରଭଞ୍ଜନ ଦାଶ

ଲଘୁ ଗଳ୍ପ

ସେଦିନ ଥିଲା ବିଶ୍ୱ ନାରୀ ସୁରକ୍ଷା ଦିବସ। ଦଳୀୟ ପାର୍ଟି ଅଫିସ୍‌ରେ ମହିଳା ସଶକ୍ତୀକରଣ, ସ୍ୱୟଂ ସହାୟକ ଗୋଷ୍ଠୀର ବିକାଶ ଏବଂ ନାରୀ ପ୍ରଗତୀକରଣକୁ ନେଇ ଆଧାରିତ ଏକ ସମାଗମ ପର୍ବ ବଡ଼ ଧୁମ୍‌ଧାମ୍‌ରେ ଆଗେଇ ଚାଲିଥାଏ। ବହୁ ବଡ଼ବଡ଼ ରାଜନେତା, ଅଭିନେତା ଏବଂ ନେତ୍ରୀମାନଙ୍କ ସମାଗମରେ ପାର୍ଟି ଅଫିସ୍ ଅଧିକ କୋଳାହଳ ସହିତ ଲୋକାରଣ୍ୟ ପାଲଟିଥାଏ। ଅବଶ୍ୟ ଏଥିରେ ସାଧାରଣ କୁଜିନେତାମାନଙ୍କ ସଂଖ୍ୟା ମଧ କିଛି କମ୍ ନଥିଲା। ସମସ୍ତେ ଆକର୍ଷଣୀୟ ପୋଷାକ ସହିତ ହାତରେ ଦଳୀୟ ପତାକା ଧରି ପାର୍ଟିର ଜୟ ଗାନ କରୁଥାନ୍ତି। ନେତାମାନଙ୍କର ଲମ୍ବା ଭାଷଣ ସହିତ ସେମାନଙ୍କର ପ୍ରତିକ୍ରିୟା ନେବାପାଇଁ ସମୂହ ଗଣମାଧମ ପ୍ରତିନିଧିମାନଙ୍କ ଗହଳି ଜନସାଧାରଣଙ୍କ ମନର ଉତ୍ସାହକୁ ବହୁଗୁଣିତ କରିଦେଉଥାଏ।

ତେବେ ଭାଷଣ ଯେଉଁଠି ଭୋଜନ ବି ସେଇଠି, ଏ କଥା ଆମ ସମସ୍ତଙ୍କୁ ପ୍ରାୟ ବେଶ୍ ଭଲଭାବରେ ଜଣାଅଛି।

ସାମୂହିକ ଟିଫିନ୍ ବିରତି ସମୟରେ ଦୂରରୁ ଖାଦ୍ୟ ପୁଡ଼ିଆର ବାସ୍ନା ବାରି ସେହି ଭିଡ଼ ଭିତରୁ ଜଣେ ନିରୀହ ଅସହାୟା ବିଧବା ମାଆ କାଖରେ ଛଅ ସାତ ମାସର ରୁଗ୍‌ଣ ଛୁଆକୁ ଧରି ଖାଦ୍ୟ ପରିସର ମଧକୁ ଖୁବ୍ ଜୋର୍‌ରେ ଧାଇଁ ଆସିଲା। ହେଲେ ଏପରି ଭେକ ନଥିବା ପାଗଳୀ ସଦୃଶ ମହିଳାଙ୍କ ପେଟର ଭୋକକୁ ବୁଝିବ ବା କିଏ ? ମହିଳାଙ୍କୁ ଏଭଳି ଦୟନୀୟ ଅବସ୍ଥାରେ ଦେଖି ଦାୟିତ୍ୱରେ ଥିବା ପୋଲିସ୍ ଜଣକ ତତ୍‌କ୍ଷଣାତ୍ ଫାଟକ ବନ୍ଦ କରିଦେବା ସହିତ ଉଚ୍ଚ ଗଳାରେ ଗାଳି କରିବାକୁ ଲାଗିଲେ।

ଠିକ୍ ଏହି ସମୟରେ ଜଣେ ଉଚ୍ଚ ପଦସ୍ଥ ରାଜନେତା ଆସି ପୋଲିସ୍‌କୁ ଶାନ୍ତି ସୁରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ ଦେଲେ। ରାଜନେତାଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ୍ ସେହି ଅସହାୟା ମହିଳାଙ୍କୁ ଭର୍ତ୍ସନା କଲେ। ସୁରକ୍ଷାକର୍ମୀଙ୍କ ସହଯୋଗରେ ତାକୁ ଗଳାଧକ୍କା ମାରି ବାହାରକୁ ତଡ଼ି ଦିଆଗଲା। ମହିଳା ଜଣକ ଲୁଗାକାନିରେ ଆଖିର ଲୁହକୁ ପୋଛି ଚାଲି ଯାଉଥିବାବେଳେ ଦୂରରୁ ଶୁଭୁଥିଲା କୌଣସି ଜଣେ ରାଜନେତାଙ୍କ ନାରୀ ସୁରକ୍ଷା ସହିତ ଗରିବୀ ଦୂରୀକରଣର ଲମ୍ବା ଭାଷଣ, ଆଉ ସେହି ଭାଷଣର କାନଫଟା ମାଇକ୍ ଶବ୍ଦରେ ଫିକା ପଡ଼ିଯାଉଥିଲା ବିଧବା ମାଆର ଲୁଗା କାନି ତଳେ ଥିବା କଇଁକଇଁ କାନ୍ଦର ସ୍ୱର ଏବଂ ମନେହେଉଥିଲା ମାଇକ୍ ଶବ୍ଦରେ ଭାସି ଆସୁଥିବା ସେହି ଲମ୍ବା ଭାଷଣର ସ୍ୱର, ସମ୍ଭବତଃ କିଛି ସମୟ ପୂର୍ବରୁ ପୋଲିସ୍‌କୁ ନିର୍ଦ୍ଦେଶ ଦେଇଥିବା ସେହି ରାଜନେତାଙ୍କର।

ମୋ: ୭୩୨୬୯୫୯୯୯୫

## କାଳକାଳକୁ



''ଲେଖକ କାୟମନୋବାକ୍ୟରେ ସମାଜବାଦୀ ଏବଂ ଏକ ପ୍ରକାର ନୈରାଜ୍ୟବାଦୀ। ଶ୍ରେଣୀହୀନ, ଶୋଷଣହୀନ, ରାଷ୍ଟ୍ରହୀନ ମଣିଷ–ରାଷ୍ଟ୍ରର ପ୍ରତିଷ୍ଠା ହିଁ ତା'ର ଲକ୍ଷ୍ୟ।''
– ସଚ୍ଚି ରାଉତରାୟ

**ସଚ୍ଚି ରାଉତରାୟ**ଙ୍କ ଜନ୍ମ ୧୩ ମେ ୧୯୧୬ରେ, ଖୋର୍ଦ୍ଧା ଜିଲାର ଗୁରୁଜଙ୍ଗ ଗାଁରେ ଓ ପରଲୋକ ୨୧ ଅଗଷ୍ଟ ୨୦୦୪ରେ, କଟକରେ। ଓଡ଼ିଆ କବିତାରେ ଆଧୁନିକ ଯୁଗର ପ୍ରମୁଖ ପ୍ରତିଷ୍ଠାତା ଏଇ କବି 'ବାଜି ରାଉତ' ଖଣ୍ଡକାବ୍ୟ ପାଇଁ ପୃଥିବୀ ପ୍ରସିଦ୍ଧ। ଓଡ଼ିଆ କବିତାକୁ ନିଜର ମହତ୍ତର ଅବଦାନ ପାଇଁ ତାଙ୍କୁ ମିଳିଛି 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର', 'ସୋଭିଏତ୍ ଲ୍ୟାଣ୍ଡ ନେହରୁ ପୁରସ୍କାର', 'ଜ୍ଞାନପୀଠ' ଓ 'ପଦ୍ମଶ୍ରୀ'। ଓଡ଼ିଆ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସରେ ମଧ ସେ ଓଡ଼ିଆ ଭାଷାର ଅନ୍ୟତମ ଦିଗପାଳ।

## ଜିଅନ୍ତା ଜୁଇ
ସୁସ୍ମିତା ପଟେଲ

ଗଳ୍ପ

ଏ ସାବି... କ'ଣ ହେଲା କି, କିଛି କହୁନୁଯେ! ଦେଖି ମୋତେ, ଥରେ ତ ଚାହାଁ, ପାଟି ଫିଟା। କ'ଣ ରାଗିଛୁ କି? ବାହୁନି ବାହୁନି କାନ୍ଦୁଛନ୍ତି ସାବିର ମା' କମଳାଦେବୀ। ତୋତେ ଏତେ ଦଶା କିଏ କଲା ଲୋ ମା'। ମୁଁ କ'ଣ ଜାଣିଥିଲି ତୁ ଦିନେ ଏମିତି ଅବସ୍ଥାରେ...। ଥରକୁ ଥର ଚେତା ହରାଇ କଚାଡ଼ି ହେଉଛନ୍ତି ତାଙ୍କର ଏକମାତ୍ର ଝିଅ ସାବିର ଅବସ୍ଥା ଦେଖି। ଅର୍ଦ୍ଧଦଗ୍ଧ ଶରୀର, ବର୍ନିଂୱାର୍ଡରେ ପଡ଼ିଛି ସାବି। ଫୁଲ୍‌ଗୁଳା ଶରୀର। ସାରା ଶରୀର ପାଣିଫୋଟକାରେ ଭର୍ତ୍ତି। ଡାକ୍ତର କହୁଛନ୍ତି ସତୁରି ପର୍ସେଣ୍ଟ ବର୍ନିଂ। କ'ଣ କରିବେ ଭାବି ପାରୁନାହାନ୍ତି। ପାଖରେ ସେ ଓ ପୁଅ। ଶାଶୁ ଘରର କେହି ନାହାନ୍ତି। ପଡ଼ିଶା ଲୋକ ଆଣି ଆଡମିଟ୍ କରିଛନ୍ତି ସାବିକୁ। ଫୋନ କରିବାରୁ ଧାଇଁ ଆସିଛନ୍ତି କମଳାଦେବୀ।

କମଳାଦେବୀଙ୍କ ମଧ୍ୟବିତ୍ତ ପରିବାର। ଗୋଟେ ପୁଅ ରାକେଶ ଓ ଝିଅ ସାବିତ୍ରୀ। ସ୍ୱାମୀକୁ ନେଇ ସୁଖୀ ପରିବାରଟିଏ ତାଙ୍କର। ମାତ୍ର କାଳର ନିୟମରେ ସମସ୍ତେ ବନ୍ଧା। ଦଇବ ବୋଧେ ସହିଲାନି ସେ ପରିବାରର ସୁଖକୁ। ନିମିଷକେ ସବୁ ଛାରଖାର ହୋଇଗଲା। କମଳାଦେବୀଙ୍କ ସ୍ୱାମୀ ଆଜି ପକ୍ଷାଘାତର ଶିକାର। କିଛି କରିପାରୁ ନାହାନ୍ତି। ଶଯ୍ୟାଶାୟୀ ସେ।

ବହୁ କଷ୍ଟରେ କମଳାଦେବୀ ପିଲାଙ୍କୁ ବଡ଼ କରିଛନ୍ତି– ସିଲେଇ କରି, ଆଚାର, ପାମ୍ପଡ଼ ବିକି। କାହାକୁ ବି ଜାଣିବାକୁ ଦେଇନାହାନ୍ତି ଅଭାବ କ'ଣ। ପୁଅ ବି ପଢ଼ିଲା, ଝିଅ ବି। ଟିକେଟିକେ କଥାରେ ବ୍ୟସ୍ତ ବିବ୍ରତ ହୋଇଯା'ନ୍ତି କମଳାଦେବୀ– ଦେହପା', ପଢ଼ାପଢ଼ି ସବୁକୁ ନେଇ। ସଂସାରରେ ଚଳିବାର ସବୁ ନିୟମକାନୁନ ଝିଅ ଓ ପୁଅକୁ ଶିଖାଇ ଚାଲିଥା'ନ୍ତି ସେ। ଖାସ୍ କରି ଝିଅକୁ। ଦିନେନା ଦିନେ ଝିଅ ଶାଶୁଘର ଯିବ। ଯାହାହେଲେ ଝିଅ, କୋଉ ବେଶୀଦିନ ଘରେ ରହିବ କି! ସାବିକୁ ନେଇ ତାଙ୍କର ଭାରି ଚିନ୍ତା। କିପରି ଶାଶୁଘର ମିଳିବ ସାବିକୁ। ସମସ୍ତେ ଠିକ୍ ଥିବେ ତ! ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର, ଆଉ ସବୁ ସମ୍ପର୍କୀୟ। ସାବି ସମସ୍ତଙ୍କ ମନନେଇ ଚଳିପାରିବ ତ!

ମା' ମନ। ଅଜଣା ଆଶଙ୍କାରେ ଥରି ଉଠନ୍ତି କମଳାଦେବୀ। ସେ ଏକା ମଣିଷ। କାହାକୁ ବା କହିବେ। ସ୍ୱାମୀ ତ ଶଯ୍ୟାଶାୟୀ। ସେ ବା କାହୁଁ ବୁଝିବେ। ପୁଣି ବାପା ମା'ଙ୍କ ପରି କ'ଣ ସେ ଝିଅର ମନକଥା ବୁଝିପାରିବେ। ଆଉ ସାବି ଶାନ୍ତ, ସରଳ ଝିଅଟିଏ। ତା'ର ଯାହା ଦରକାର ଥିଲେ ବି କେବେ ପାଟି ଫିଟେଇନି। ବରାଦ କରିନି କିଛି। ସେ ଦେଖିଛି ତା' ମା' କେତେ କଷ୍ଟରେ ସେମାନଙ୍କୁ ମଣିଷ କରିଛି। ପାଞ୍ଚଲୋକରେ ଠିଆ ହେବା ଭଳି ଜଣେ କରିଛି।

ସାବି ଏବେ ଏକୋଇଶ ବର୍ଷର। ଗ୍ରାଜୁଏସନ ସରିଲାଣି। କମଳାଦେବୀଙ୍କ ନାକ ନକ୍ସା ନେଇ ଗଠିତ। ଶାନ୍ତ, ସରଳ, ସୁନ୍ଦର। ତା' ଚାହାଣି ବି ତା' ସରଳତାକୁ ବ୍ୟାଖ୍ୟା କରିଥାଏ। କମଳାଦେବୀ ଝିଅକୁ ବାହାଦେବା ପାଇଁ ଚାହିଁଲେ। ଯୋଗ୍ୟପାତ୍ର ବି ମିଳିଲା– ସଫ୍ଟୱେର ଇଞ୍ଜିନିୟର। ଭଲ ପରିବାର। ସାବିକୁ ବି ପଚରାଗଲା। ସେ ବା ଆଉ କ'ଣ କହିବ! ମାଆ ଯାହା ଠିକ୍ କରିବେ ସେୟା ମୋ' ପାଇଁ ଭଲ। ସେ ଜାଣିଛି ତା' ମା'ଠୁ ବଳି ସେ ବା ଆଉ କେଉଁ ଭଲ ପାତ୍ର ଖୋଜି ପାରିବ! ଅଗାଧ ବିଶ୍ୱାସ ତା'ର କମଳାଦେବୀଙ୍କ ଉପରେ।

ବରପକ୍ଷରୁ କିଛି ଡିମାଣ୍ଡ ନ ଥିଲା। ଏଣୁ କମଳାଦେବୀ ବେଶ୍ ଖୁସି। ଯା'ହେଉ ସାବିର ଭାଗ୍ୟ ଭଲ। ଭଲ ଘର ପାଇଛି। ଏଣେ ତା'ର ଦୁଃଖ ଗଲା ଆଉ ଭୟ ବି। ଖୁସିରେ ଫାଟିପଡୁଥାନ୍ତି ସେ ସାବିର ଭାଗ୍ୟକୁ ନେଇ। ଲଗ୍ନ ସ୍ଥିର ହେଲା ଆଉ ଶୁଭଲଗ୍ନରେ ବି ବାହାଘର ସରିଗଲା। ଅଶ୍ରୁପୂର୍ଣ୍ଣ ନେତ୍ରରେ ବିଦାୟ ଦେଲେ କମଳାଦେବୀ ତାଙ୍କର ଅଲିଅଳ ରାଜକୁମାରୀ, ଏକମାତ୍ର କନ୍ୟା ସାବିକୁ। ଅଥଚ ଏ କ'ଣ, ସାବିର ଆଜି ଏ କି ଅବସ୍ଥା!

ପଡ଼ୋଶୀ ଜଣେ କ'ଣ ଭାବିଲା କେଜାଣି, ସାବିକୁ ହସ୍ପିଟାଲ ଆଣିବା ବେଳେ ସାଙ୍ଗରେ ସାବିର ଭ୍ୟାନିଟି ବ୍ୟାଗ୍‌ଟି ବି ଆଣିଥାଏ। ସେ ବ୍ୟାଗ୍‌ଟି ଆଣି କମଳାଦେବୀଙ୍କୁ ଦେଲା। କମଳାଦେବୀ ବ୍ୟାଗ୍‌ଟି ଧରୁଧରୁ ଭିତରେ ଗୋଟିଏ କ'ଣ ଅଛି ଅନୁଭବ କଲେ, ସାଙ୍ଗେସାଙ୍ଗେ ଚେନ୍ ଖୋଲି ଦେଖିଲେ ଗୋଟିଏ କଳା ଡାଏରୀ। ହଁ, ସେ ଡାଏରୀ ସାବିର। ସାବିର ଡାଏରୀ ଲେଖିବାର ଅଭ୍ୟାସ ପିଲାଦିନୁ ଥିଲା। ଲୁଚେଇ ଲୁଚେଇ ସବୁ ଲେଖି କେଉଁ ବାକ୍ସ ଭିତରେ ପୂରାଇ ଦଉଥାଏ ଆଉ ତା' ଅଜାଣତରେ ମା' ବହୁଥର ପଢ଼ିଛନ୍ତି ତା' ଡାଏରୀକୁ। ଆଜି ବି ଖୋଲିଲେ ସେ। ଗୋଟିଏ ପୃଷ୍ଠାରେ ଅଟକିଗଲା କମଳାଦେବୀଙ୍କ ଆଖି।

ଢଳଢଳ ଆଖିରେ ପଢ଼ି ଚାଲିଥାନ୍ତି କମଳାଦେବୀ। ମା', ସାଦର ପ୍ରଣାମ। ବୋଧେ ଏ ଡାଏରୀ ପଢ଼ିଲା ବେଳକୁ ମୋ' ଅବସ୍ଥା କ'ଣ ଥିବ ମୁଁ ଜାଣିନି। ମାତ୍ର ଏତିକି ଜାଣେ ତୁ ନିଶ୍ଚେ ମୋ' ଡାଏରୀ ପଢ଼ିବୁ, ଛୋଟବେଳେ ଯେମିତି ଲୁଚେଇ ପଢୁଥିଲୁ। ମା' ମୁଁ ସବୁ ଜାଣୁଥିଲି। ତୁ ମୋ' ଡାଏରୀ ପଢ଼ିଛୁ ବୋଲି। ହେଲେ କିଛି କହୁ ନ ଥିଲି। ମା' ତୁ ତୋ' ବ୍ୱାଇଁକୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲୁ ସେ ସେମିତି ନୁହନ୍ତି ଲୋ! ଯାହା ଉପରକୁ ଦେଖାଯାଉଛନ୍ତି, ସେମାନେ ସେପରି ନୁହନ୍ତି। ମୁଁ ଆସୁଆସୁ ମୋ' ଉପରେ ସମସ୍ତଙ୍କ ନିର୍ଯାତନା। ପ୍ରଥମେ ପ୍ରଥମେ ଯୌତୁକକୁ ନେଇ ବହୁତ ଚର୍ଚ୍ଚା। ଅମୁକ ଆଣିନି ସମୁକ ଆଣିନି। କିନ୍ତୁ ସବୁ ଶୁଣି ଚୁପ୍ ରହୁଥିଲି, ତୋ' ସଂସ୍କାରକୁ କେବେ ତଳେ ପକାଇନି ଲୋ! ଏଣୁ କେବେ କାହାକୁ ପାଟି ଫିଟେଇନି। ପରେ କୁହାଗଲା, ଫୋନ୍ କରିବାକୁ, ଦୁଇ ଲକ୍ଷ ପାଇଁ। କ'ଣ କରିଥା'ନ୍ତି! ମୁଁ ତ ଜାଣିଛି ତୋ' ଅବସ୍ଥା। ଧୁମ୍‌ଧାମ୍‌ରେ ବାହା କରିବାକୁ ତୁ' ତୋ' ଗହଣା ବି ବନ୍ଧା ପକାଇଥିଲୁ। ଆଉ କୋଉଠୁ ତୁ ଆଣିବୁ ଦି' ଲକ୍ଷ। ମୁଁ ଚୁପ୍ ରହିଲି। ତା'ପରେ ଆରମ୍ଭ ହେଲା ମାଡ଼, ଗାଳି, ଶାଶୁ, ଶ୍ୱଶୁର, ନଣନ୍ଦ, ସ୍ୱାମୀ କେହି ବାଦ୍ ଯାଇନାହାନ୍ତି। ମୋ' ଦେହ କଳାକଳା ଦାଗରେ ଭର୍ତ୍ତି ଲୋ' ମାଆ। କୋଉ ଜାଗା ବି ଖାଲି ନାହିଁ। ଥରେ ଭାବିଲି ତୋ' ପାଖକୁ ଯିବି, କିନ୍ତୁ ପରେ ଭାବିଲି ଯିଏ ମୋ' ଦେହରେ କିଏ ଟିପ ଦେବା ଦେଖିପାରେନି, ସେ ପୁଣି ମୋତେ ଦେଖିଲେ କ'ଣ ହେବ ତା'ର ଅବସ୍ଥା! ମନେପକେଇଲି ତୋ' କଥା। ଦିନେ ବି ତୁ ମୋ' ଉପରକୁ ହାତ ଉଠେଇନୁ, ଆଉ ଏମାନେ...! ଆସ୍ତେଆସ୍ତେ ସବୁ ଠିକ୍ ହୋଇଯିବ ଭାବି ମୁଁ ଚୁପ୍ ରହିଲି।

ଭୋ ଭୋ କାନ୍ଦି ଉଠିଲେ କମଳାଦେବୀ। କ'ଣ ବା କରିବେ କାହାକୁ କହିବେ! ସେ ବହୁଥର ପଢ଼ିଛନ୍ତି ଯୌତୁକ ନିର୍ଯାତନା କଥା, ଅଥଚ ଆଜିଏ ସମାଜର ଯୌତୁକରୂପୀ ଦାନବ ଯେ ତାଙ୍କ ପରିବାରକୁ ଜାଳିପୋଡ଼ି ପାଉଁଶ କରିଦେବ କେବେ ବି ସେ ଭାବି ନ ଥିଲେ।

ସାବିର ହାତ ଧରି ପକାଇଲେ। ମାଆ ଲୋ! ଆଗରୁ ମୋତେ ତ କିଛି କହିଥାନ୍ତୁ! କାହିଁକି କିଛି କହିଲୁନି। ତୋ' ଖୁସି ପାଇଁ ଏତେ ଦିନରୁ ସବୁ କରି ଆସୁଥିଲି, ଏବେ କ'ଣ କରିପାରି ନ ଥା'ନ୍ତି। ଥରୁଟିଏ ତ ମୁହଁ ଖୋଲିଥା'ନ୍ତୁ। ତୁ ତୋ' ମାଆର ସଂସ୍କାର ଶିଖିଲୁ ଆଉ କ'ଣ ଶିଖିଲୁନି ଅନ୍ୟାୟ ଭିତରେ ଲଢ଼ିବା। ଏଇମିତି ଦିନେ ତୁ' ଜିଅନ୍ତା ଜୁଇରେ ଜଳିଯିବୁ ବୋଲି ମୁଁ ଜାଣି ନ ଥିଲି ଲୋ।

ଭୋ ଭୋ କାନ୍ଦି ଉଠିଲେ କମଳାଦେବୀ। କ୍ରମଶଃ ସାବିର ହାତ ନିସ୍ତେଜ ହୋଇ ପଡୁଥିଲା। କମଳାଦେବୀଙ୍କର ମନେପଡୁଥିଲା କୁନି ସାବିର ଖିଲିଖିଲି ହସ, ତା' ମାଆ ମାଆ ଡାକ ଓ ସରଳ, ଶାନ୍ତ ଚେହେରା...।



ମୋ: ୭୮୯୪୬୬୧୧୨୩



ଅଭିନେତା ଅନିଲ କପୁରଙ୍କ ୨୫ ଜଣ ଗର୍ଲଫ୍ରେଣ୍ଡ ଥିଲେ। ମାତ୍ର ଶେଷରେ ସେ ସୁନୀତା କପୁରଙ୍କ ହାତ ଧରିଥିଲେ। ପ୍ରଥମ ଦେଖାରେ ସୁନୀତାଙ୍କୁ ହୃଦୟ ଦେଇଥିଲେ ଅନିଲ ଏବଂ ପରେ ତାଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବୁଧବାର ତାଙ୍କ ବିବାହକୁ ୩୭ ବର୍ଷ ପୂରିଛି। ତାଙ୍କ ବିବାହ ବାର୍ଷିକୀରେ ଅନେକ ସେଲିବ୍ରିଟି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# କଠୋର ନିୟମରେ ହାରିଛି କରୋନା

**କରୋନାର ପ୍ରଥମ ଲହରରେ ପ୍ରଥମରୁ କଡ଼ା କଟକଣା ଜାରି କରି ବିଶ୍ୱରେ ପ୍ରଶଂସା ସାଉଁଟିଥିଲା ଭାରତ। ହେଲେ ଦ୍ୱିତୀୟ ଲହର ଦେଶର ବ୍ୟବସ୍ଥାଗତ ଅପାରଗତାକୁ ପଦାରେ ପକାଇ ଦେଇଛି। ସହରାଞ୍ଚଳ ପରେ ଏବେ ଗ୍ରାମାଞ୍ଚଳ କୋଭିଡ୍ କବ୍‌ଜାରେ। ଆଗାମୀ ଦିନରେ ଦେଶ ତୃତୀୟ ଲହର ଦେଖିବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେବା ପରେ ପରିସ୍ଥିତିର ଗମ୍ଭୀରତାକୁ ଅନୁମାନ କରିହେଉଛି। ମହାମାରୀର ନକାରାତ୍ମକ ପରିବେଶ ଭିତରେ ବିହାରରୁ ଆସିଛି ସକାରାତ୍ମକ ଖବର। କଠୋର ଅନୁଶାସନ, ସରକାରୀ ଗାଇଡ୍‌ଲାଇନ୍‌ର କଡ଼ାକଡ଼ି ପାଳନ ପରେ ଆଜି ବି ରାଜ୍ୟର ଅନେକ ଗାଁକୁ ଛୁଇଁପାରିନି ଭୂତାଣୁ।**




**ପାଟନା:** କଠୋର ଅନୁଶାସନ, କଡ଼ା ନିୟମ, ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ପାଇଁ ବିହାରର ଖଗଡ଼ିଆ ସମେତ ୪ ଗ୍ରାମକୁ ଛୁଇଁପାରିନି କରୋନା। କୋଭିଡ୍-୧୯ର ପ୍ରଥମ ଲହରକୁ ସଫଳ ମୁକାବିଲା କରିଥିବା ଏହି ଗାଁ ଦ୍ୱିତୀୟ ଲହର ସମୟରେ ମଧ୍ୟ ନିଜକୁ ସୁରକ୍ଷିତ ରଖିପାରିଛି।

କରୋନା ପାଇଁ ଦେଶର ପ୍ରାୟ ସବୁସ୍ଥାନରେ କଟକଣା ଜାରି କରାଯାଇଥିବାବେଳେ ଖଗଡ଼ିଆ, ଗଡ଼ିଆ, ପାହାଡ଼ଚକ ଏବଂ ଫର୍ରେହି ଗ୍ରାମବାସୀ ସ୍ୱାଭାବିକ ଜୀବନ ଜିଉଛନ୍ତି। ଭୂତାଣୁ କବଳରୁ ଜୀବନ ବଞ୍ଚାଇବା ଲାଗି ଦୀର୍ଘ ଦେଢ଼ବର୍ଷ ହେଲା ଅଞ୍ଚଳବାସୀ ଲାଗୁ କରିଛନ୍ତି କଡ଼ା ନିୟମ, ଯାହାକୁ ମାନିବାକୁ ସମସ୍ତେ ବାଧ୍ୟ। ବହିରାଗତଙ୍କ ପାଇଁ ଗ୍ରାମ ମୁଣ୍ଡରେ ରହିଛି କ୍ୱାରେଣ୍ଟାଇନ୍ ସେଣ୍ଟର। କୌଣସି ପ୍ରବାସୀ ଘରେ ପ୍ରବେଶ କରିବା ପୂର୍ବରୁ ଏକରୁ ଦୁଇ ସପ୍ତାହ ସେଠାରେ ରହିବାକୁ ବାଧ୍ୟ। ଏହାକୁ ବାଦ୍ ଦେଲେ ସମ୍ପୃକ୍ତ ଅଞ୍ଚଳବାସୀ ଟିକାକରଣ କାର୍ଯ୍ୟକ୍ରମକୁ ସଫଳ କରିବାରେ ଲାଗିପଡ଼ିଛନ୍ତି। ଅଧିକାଂଶ ବୟସ୍କ ଟିକାର ଦୁଇ ଡୋଜ୍ ନେଇସାରିଲେଣି। କହିବାକୁ ଗଲେ, ବରିଷ୍ଠମାନଙ୍କ ପରାମର୍ଶ ଏବଂ ଯୁବବର୍ଗଙ୍କ କୋଭିଡ୍-୧୯ ପ୍ରତି ସତର୍କତା ହିଁ ଏହିସବୁ ଗ୍ରାମକୁ କରୋନା କବଳରୁ ସୁରକ୍ଷିତ ରଖିପାରିଛି।

ଗୟା ଜିଲାରେ ଅବସ୍ଥିତ ଗଡ଼ିଆ, ପାହାଡ଼ଚକ ଗ୍ରାମର ମୋଟ ଜନସଂଖ୍ୟା ପାଖାପାଖି ୨୪୦୦। ସେହିପରି ଫର୍ରେହରେ ୩୦୦୦ ଲୋକ ବସବାସ କରନ୍ତି। ଏହି ୩ ଗ୍ରାମର ଶତାଧିକ ଲୋକ ଦିଲ୍ଲୀ, ପଞ୍ଜାବ ସମେତ ଅନ୍ୟ ରାଜ୍ୟରେ କାମ କରନ୍ତି। ଏହାସତ୍ତ୍ୱେ ଅଦ୍ୟାବଧି ଏଠାରୁ ଜଣେ କେହି କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଖଗଡ଼ିଆର ଶ୍ୟାମକୁମାରଙ୍କ କହିବା କଥା, ରାଜସ୍ଥାନରୁ ଫେରିବା ପରେ ତାଙ୍କୁ ସ୍ୱତନ୍ତ୍ର ପ୍ରକୋଷ୍ଠରେ ରହିବାକୁ ପଡ଼ିଥିଲା। ଘରୁ ତାଙ୍କ ପାଇଁ ଖାଦ୍ୟ ଯାଉଥିଲେ ମଧ୍ୟ ସେସବୁ ଦୁଆର ମୁହଁରେ ରଖିଦିଆଯାଉଥିଲା। ଏଭଳି କଠୋର ଅନୁଶାସନ ଭିତରେ ତାଙ୍କୁ ପାଖାପାଖି ୧୪ ଦିନ ରହିବାକୁ ପଡ଼ିଲା। ବାହାରୁ ଆସୁଥିବା ପ୍ରତ୍ୟକ ବ୍ୟକ୍ତି ଏହି ନିୟମ ମାନିବାକୁ ବାଧ୍ୟ। ଲକ୍ଷଣଯୁକ୍ତ ସନ୍ଦିଗ୍ଧଙ୍କୁ ସ୍ଥାନୀୟ ସ୍କୁଲରେ ରଖାଯିବା ବ୍ୟବସ୍ଥା କରାଯାଇଛି। ଏଭଳି କାର୍ଯ୍ୟରେ ଜନପ୍ରତିନିଧିଙ୍କ ପକ୍ଷରୁ ସମସ୍ତ ସହାୟତା ମିଳୁଛି। ଛୋଟରୁ ବଡ଼ ସମସ୍ତେ ନିଜ ପାଖରେ ସାନିଟାଇଜର ରଖୁଛନ୍ତି। ଡବଲ ମାସ୍କ ପରିଧାନ କରୁଛନ୍ତି। ଭିଡ଼ ଏବଂ ସଂକ୍ରମଣ ଏଡ଼ାଇବାକୁ ଅଟୋରିକ୍ସା, ବସ୍ ବଦଳରେ ବାଇକ୍‌ରେ ଯାତାୟାତ କରିବାକୁ ପ୍ରାଥମିକତା ଦିଆଯାଉଛି। ବିନା ମାସ୍କରେ କାହାରିକୁ ଘରେ ପ୍ରବେଶ କରିବାକୁ ଦିଆଯାଉନାହିଁ। ଅଞ୍ଚଳର ସ୍ୱନାମଧନ୍ୟ ଡାକ୍ତର ରୂପେଶ କୁମାର କୁହନ୍ତି, ପାଣିପାଗ ପରିବର୍ତ୍ତନ ସହ ଅଧିକାଂଶଙ୍କଠାରେ ଥଣ୍ଡା, ସର୍ଦ୍ଦି, କାଶ ଭଳି ସଂକ୍ରାମକ ରୋଗ ଦେଖାଦେଇଛି। ହେଲେ ଏହା ସେତେଟା ମାରାତ୍ମକ ନୁହେଁ। ଗୋଟିଏ ଦୁଇଟି ଔଷଧ ଖାଇବା ପରେ ରୋଗୀ ଆରୋଗ୍ୟ ହୋଇଯାଉଛନ୍ତି।

### ବିବାହରେ ୧୧, ଶୁଦ୍ଧିକ୍ରିୟାରେ ୧୦

ବିବାହ, ଶୁଦ୍ଧିକ୍ରିୟା ଭଳି କାର୍ଯ୍ୟକ୍ରମରେ ଅଧିକ ଭିଡ଼ ହେବା ସ୍ୱାଭାବିକ। ହେଲେ କରୋନା ମହାମାରୀ ସମୟରେ ସଂକ୍ରମଣରୁ ରକ୍ଷା ଲାଗି ଏଥିରେ କାଟଛାଣ୍ଟ କରାଯାଉଛି। ଗୟା ଜିଲା ପ୍ରଶାସନ ପକ୍ଷରୁ ବିବାହ କାର୍ଯ୍ୟରେ ସର୍ବାଧିକ ୨୦ ଜଣଙ୍କୁ ଅନୁମତି ଦିଆଯାଇଛି। ହେଲେ ଖଗଡ଼ିଆରେ ମାତ୍ର ୧୧ଜଣ ବରଯାତ୍ରୀରେ ବିବାହ ସମ୍ପନ୍ନ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଶୁଦ୍ଧିକାର୍ଯ୍ୟ ୧୦ ଜଣଙ୍କ ଭିତରେ ସୀମିତ ରହିଛି।

# ଦାନ କରିବାକୁ ଭିକ କାହିଁକି ମାଗୁଛ


କମଲ ରସିଦ୍ ଖାନ

**ମୁମ୍ବାଇ:** ଦେଶରେ କରୋନାରେ ଘାତକ ଦ୍ୱିତୀୟ ଲହର ଜାରି ଥିବାବେଳେ ବଲିଉଡର ଅନେକ ତାରକା ସହାୟତାର ହାତ ବଢ଼ାଇବା ସହ କେତେଜଣ ପାଣ୍ଠି ଠୁଳ ବା ଫଣ୍ଡ୍ ରେଜ୍ ପ୍ରୋଗ୍ରାମ ମଧ୍ୟ ଆରମ୍ଭ କରିଛନ୍ତି। ଏହି ଫଣ୍ଡ୍ ରେଜ୍ କାର୍ଯ୍ୟକ୍ରମକୁ ନେଇ ବଲିଉଡ୍ ଅଭିନେତା ତଥା ଫିଲ୍ମ ନିର୍ମାତା କମଲ ରସିଦ୍ ଖାନ(କେଆର୍‌କେ) ସେଲିବ୍ରିଟିଙ୍କୁ ସମାଲୋଚନା କରିଛନ୍ତି। ଏପରିକି ସେ ତାଙ୍କ ଟୁଇଟ୍‌ରେ ଭାରତୀୟ କ୍ରିକେଟ ଟିମ୍ କ୍ୟାପ୍‌ଟେନ ବିରାଟ କୋହଲି ଏବଂ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ଟ୍ୟାଗ୍ କରିଛନ୍ତି। କେଆର୍‌କେ ଟୁଇଟ୍‌ରେ ଲେଖିଛନ୍ତି, ଅମିତାଭ ବଚ୍ଚନ ସାର୍ ଶତ ପ୍ରତିଶତ ଠିକ୍ କହିଛନ୍ତି। ଯଦି ଆପଣଙ୍କ ଔକାତ ଅଛି ଦାନ କରିବାକୁ ତେବେ କର, ନଚେତ ଚୁପ୍‌ଚାପ ବସ। ଦାନ କରିବାକୁ ଲୋକଙ୍କୁ ଭିକ କାହିଁକି ମାଗୁଛ। ଆଲିଆ ଭଟ୍ଟ ଏବଂ ବିରାଟ କୋହଲି କିଛି ବୁଝିପାରୁଛ ତ ବୋଲି ସେ ପ୍ରଶ୍ନ କରିଛନ୍ତି। ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଜନ୍ମଦିନରେ ସ୍ୱାମୀ ବିରାଟ କୋହଲି ଦେଶକୁ କରୋନା ମୁକାବିଲାରେ ସହାୟତା ପାଇଁ ଫଣ୍ଡ ରେଜ୍ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ଲୋକଙ୍କ ଦାନରେ ଏହି ଦମ୍ପତି ୧୧ କୋଟି ଟଙ୍କା ଯୋଗାଡ କରିଥିଲେ। ସେହିପରି ଆଲିଆ ଭଟ୍ଟ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ନିକଟରେ ମହାରାଷ୍ଟ୍ରରୁ ପଞ୍ଜାବ ପର୍ଯ୍ୟନ୍ତ ପ୍ରାୟ ୮ଟି ସ୍ଥାନର ହେଲ୍ପଲାଇନ ନମ୍ବର ସହିତ ଏକ ଏନ୍‌ଜିଓର ନମ୍ବର ଶେୟାର କରିଥିଲେ।



ଧ-୨୦୭୪୧

# ଭୁଶୁଡ଼ିଲା ଡାରୱିନ୍ ଆର୍କ



**କ୍ୱିଟୋ:** ବିବର୍ତ୍ତନବାଦର ଜନକ ଚାର୍ଲସ ଡାରୱିନଙ୍କ ନାମରେ ନାମିତ 'ଡାରୱିନ ଆର୍କ' ଏବେ ଇତିହାସ। ସମୁଦ୍ର ଲହଡ଼ି ସହିତ ଦୀର୍ଘଦିନର ସଂଘର୍ଷ ପରେ ଏହି ଐତିହାସିକ ସ୍ମାରକୀ ଭୁଶୁଡ଼ି ପଡ଼ିଛି। ଇକ୍ୱେଡର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଜାରି କରାଯାଇଛି। ଏ ସମ୍ପର୍କିତ ଫଟୋସମୂହ ସୋସିଆଲ ମିଡିଆରେ ପୋଷ୍ଟ ହେବା ପରେ ପର୍ଯ୍ୟଟନପ୍ରେମୀଙ୍କ ମନରେ ଗଭୀର ରେଖାପାତ କରିଛି।

ଗାଲାବାଗୋସ୍ ଦ୍ୱୀପର ଉତ୍ତର ପାର୍ଶ୍ୱରେ ଅବସ୍ଥିତ 'ଡାରୱିନ୍ ଆର୍କ' ସ୍କୁବା ଡାଇଭ୍ ଏବଂ ଦୁଃସାହସିକ ଯାତ୍ରା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲା। ୪୩ ମିଟର ଉଚ୍ଚତା ବିଶିଷ୍ଟ ଏହି କୀର୍ତ୍ତିରାଜି ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ ହୋଇଥିଲା। ଲଗାତର ସମୁଦ୍ର ଲହଡ଼ି ମାଡ଼ ସହି ଆସୁଥିବା ଏହି ପ୍ରାକୃତିକ ଐତିହାସିକ ସ୍ମାରକୀ ଦୁର୍ବଳ ହୋଇପଡ଼ିଥିଲା। ଫଳରେ ଏହା ଭୁଶୁଡ଼ି ପଡ଼ିଛି। ଏବେ ଏହା କେବଳ ଦୁଇଟି ଖମ୍ବ ମଧ୍ୟରେ ସୀମିତ ରହିଯାଇଛି। ଡାରୱିନ୍ ଆର୍କର ଭଗ୍ନାବଶେଷ ଏହି ସ୍ମାରକୀର ଏକ କି.ମି. ପରିଧି ମଧ୍ୟରେ ଠାବ କରାଯାଇଥିବା ଇକ୍ୱେଡର ପର୍ଯ୍ୟଟନ ବିଭାଗ କହିଛି।

ବିଲୁପ୍ତପ୍ରାୟ ହାମାରହେଡ୍ ଶାର୍କଙ୍କ ପ୍ରାକୃତିକ ଆବାସସ୍ଥଳୀ ଭାବେ ପରିଚିତ ଡାରୱିନ୍ ଦ୍ୱୀପର ଅଂଶବିଶେଷ ଥିଲା 'ଡାରୱିନ୍ ଆର୍କ'। ଦ୍ୱୀପରେ ବିଲୁପ୍ତ ଶ୍ରେଣୀଭୁକ୍ତ ଅନେକ ଜୀବଜନ୍ତୁ, ଗଛଲତା ଦେଖିବାକୁ ମିଳେ। ଦୀର୍ଘଦିନରୁ ଏହା ପର୍ଯ୍ୟଟକ ଏବଂ ସମୁଦ୍ର ବୁଡାଳିଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏଠାରେ ବହୁ ଫିଲ୍ମ ମଧ୍ୟ ଶୁଟିଂ ହୋଇଛି। ହେଲେ ସମୟର ଆହ୍ୱାନକୁ ସ୍ୱୀକାର କରିବାକୁ ପଡ଼ିବ ବୋଲି ଗାଲାବାଗୋସ୍ ଦ୍ୱୀପ ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ୱାଶିଂଟନ ଟାପିଆ କହିଛନ୍ତି। ଟୁର୍ କମ୍ପାନୀ 'ଏଗ୍ରେସର ଆଡ୍‌ଭେଞ୍ଚର' ଫେସ୍‌ବୁକ୍ ପୃଷ୍ଠାରେ ଘଟଣାର ବିବରଣୀ ଉଲ୍ଲେଖ କରିଛି। ଟୁର୍ କମ୍ପାନୀର କେତେଜଣ ସଦସ୍ୟ ଏହାର ମୂକସାକ୍ଷୀ। 'ପିଲର୍ସ ଅଫ୍ ଇଭାଲ୍ୟୁଏଶନ' ନାମରେ ପରିଚିତ 'ଡାରୱିନ ଆର୍କ'କୁ ସବୁବେଳେ ମନେ ପଡ଼ିବ ବୋଲି ଏଥିରେ ଦର୍ଶାଯାଇଛି।

# ହ୍ରଦରୁ ମିଳିଲା ନିଖୋଜ ଗାଁ

**ରୋମ:** ୭୦ ବର୍ଷ ପୂର୍ବରୁ ଇଟାଲୀ ହ୍ରଦରେ ହଜିଯାଇଥିବା ଏକ ଗାଁର ପତ୍ତା ମିଳିଛି। ସ୍ଥାନୀୟ ଲୋକଙ୍କୁ ଉକ୍ତ ଗ୍ରାମ ବିଷୟରେ କିଛି ଜଣା ନ ଥିବାବେଳେ ରେସିୟା ହ୍ରଦରେ ଏହାର ଅବଶେଷ ଦେଖିବାକୁ ମିଳିଛି।

ରେସିୟା ହ୍ରଦ ହେଉଛି ଇଟାଲୀର ଦକ୍ଷିଣ ଟିରୋଲର ପଶ୍ଚିମ ଭାଗରେ ଥିବା ଏକ କୃତ୍ରିମ ହ୍ରଦ। ରେଶଚେନ୍ ପାସ୍‌ଠାରୁ ପ୍ରାୟ ୨ କିଲୋମିଟର ଦକ୍ଷିଣରେ ଏହା ଅବସ୍ଥିତ। ୧୯୫୦ ମସିହାରେ ଏହି ଗାଁ ଅଦୃଶ୍ୟ ହୋଇଯାଇଥିଲା ବୋଲି ଜଣାପଡ଼ିଛି। କ୍ୟୁରୋନ୍ ନାମକ ଏହି ଗାଁରେ ଶହ ଶହ ଲୋକ ଦଶନ୍ଧି ପୂର୍ବରୁ ସେମାନଙ୍କ ପରିବାର ସହିତ ରହୁଥିଲେ। ୭୦ ବର୍ଷ ପୂର୍ବେ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ଦେଶର ସରକାର ସେଠାରେ ଏକ ବନ୍ଧ ନିର୍ମାଣ କରିଥିଲେ। ଏଥିପାଇଁ ଦୁଇଟି ହ୍ରଦର ମିଶ୍ରଣ କରାଯାଇଥିଲା। ଗାଁଟି ପାଣିରେ ବୁଡ଼ି ରହିଥିବାରୁ ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ବିସ୍ଥାପନ ହେତୁ ପ୍ରାୟ ୪୦୦ ଲୋକ ଅନ୍ୟ ଏକ ଗ୍ରାମରେ ରହୁଥିଲେ। ଇଟାଲୀର ଦକ୍ଷିଣ ଟିରୋଲର ପଶ୍ଚିମ ଭାଗରେ ଅବସ୍ଥିତ ଜଳଭଣ୍ଡାରରେ ମରାମତି କାର୍ଯ୍ୟ ଆରମ୍ଭ ହେବା ପରେ ଏହାର ଜଳ ଶୁଖିଯାଇଥିଲା। ପାଣି ଶୁଖିବା ପରେ ଏହି ଗାଁର ଅବଶେଷ ଏବେ ଦେଖିବାକୁ ମିଳିଛି।



# ଗୋଟିଏ ଜୁଇରେ ଦମ୍ପତିଙ୍କ ଶେଷକୃତ୍ୟ

**ଇନ୍ଦୋର:** ଏକ ସଙ୍ଗରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ଘଟିବା ଏବଂ ଅନ୍ତିମ ସଂସ୍କାର ଗୋଟିଏ ଜୁଇରେ ହେବା ଘଟଣା ସାଧାରଣତଃ ଫିଲ୍ମରେ ଦେଖିବାକୁ ମିଳିଥାଏ। କିନ୍ତୁ ମଧ୍ୟପ୍ରଦେଶର ବିଦିଶାଠାରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗୋଟିଏ ଦିନରେ ମାତ୍ର ଘଣ୍ଟାକର ବ୍ୟବଧାନରେ ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ଘଟିବା ପରେ ଉଭୟଙ୍କୁ ଗ୍ରାମବାସୀ ଗୋଟିଏ ଜୁଇରେ ସତ୍କାର କରାଇଛନ୍ତି। ଗ୍ୟାରସପୁର ତହସିଲର ମନୋରା ଗାଁରେ ବାସ କରୁଥିବା ଶତାୟୁ ପ୍ରତାପ ସିଂ ଅହିରୱାରଙ୍କର ସ୍ତ୍ରୀ ୯୫ ବର୍ଷୀୟା ପ୍ରସାଦୀ ବାଈ ଅହିରୱାରଙ୍କ ପ୍ରଥମେ ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ପ୍ରାୟ ଘଣ୍ଟାଏ ପରେ ପ୍ରତାପ ସିଂଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ଦୁହିଁଙ୍କର ଅନ୍ତିମ ସଂସ୍କାର ଶ୍ମଶାନରେ ଗୋଟିଏ ଜୁଇରେ କରାଯାଇଥିବା ସମ୍ପର୍କରେ ପ୍ରତାପଙ୍କ ପୁଅ ଅମର ସିଂ ସୂଚନା ଦେଇଛନ୍ତି। ଦମ୍ପତିଙ୍କୁ ଗ୍ରାମବାସୀ ଅଶ୍ରୁଳ ବିଦାୟ ଦେଇଥିଲେ। ପ୍ରତାପ ସିଂ ଦୁଇଥର ବିବାହ କରିଥିଲେ। ତାଙ୍କ ଦ୍ୱିତୀୟ ସ୍ତ୍ରୀ ଜୀବିତ ଅଛନ୍ତି। ଏବେ ଏହି ଘଟଣା ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN
ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh


ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

✓ନାରାୟଣ ସାହୁ
(ତିରୋଧାନ: ୧୮.୦୫.୨୦୨୧)
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା, ଭଲ ପାଇବା ଓ ସଦା ହସହସ ମୁଖ ଏବେବି ଆମ୍ଭମାନଙ୍କ ମାନସପଟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି, ସତରେ କ'ଣ ତୁମେ ଆରପାରିକୁ ଚାଲିଗଲ, ଶେଷରେ ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା, ତୁମେ ଯେଉଁଠି ଥାଅନା କାହିଁକି, ସେ ତୁମକୁ ଉପଯୁକ୍ତ ସ୍ଥାନରେ ରଖନ୍ତୁ।
ତୁମର ଶୁଭକାଂକ୍ଷୀ
ସନ୍ତୋଷ କୁମାର ଦାସ, ବିଶ୍ୱରଞ୍ଜନ ମିଶ୍ର, ଶୁଭ୍ରାଂଶୁ ଶେଖର ସାବତ, ଶରତ ଚନ୍ଦ୍ର ବେହେରା
ଧ-୨୦୭୪୪

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ରବିନ୍ଦ୍ର କୁମାର ଦାସ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଆବିର୍ଭାବ - ୧୯୫୦ ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ
ତିରୋଧାନ - ୨୦୨୦ ବୈଶାଖ ଶୁକ୍ଳ ନିଳାଦ୍ରି ମହୋଦୟାଷ୍ଟମୀ
ନୂଆବଗ, ହିନ୍ଦୋଳ, ଢେଙ୍କାନାଳ
ଚାହିଁ ଚାହିଁ ୧ ବର୍ଷ ବିତିଗଲା, ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ କରୁଥିବୁ। ତୁମରି ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟବୋଧ ଓ ସମୟାନୁବର୍ତ୍ତିତା ଆମ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କର ବିନମ୍ର ପ୍ରାର୍ଥନା।
.... ଶୋକସନ୍ତପ୍ତ ....
ଧର୍ମପତ୍ନୀ- ମାଳତୀ ଦାସ, ପୁତ୍ର- ହିମାଂଶୁ, ବିଭୂତି, ପୁତ୍ରବଧୂ- ରେଣୁବାଳା, ଧରିତ୍ରୀ, କନ୍ୟା- ସନ୍ଧ୍ୟା, ସ୍ମିଗ୍ଧା, ଜ୍ୱାଇଁ- ଲକ୍ଷ୍ମୀଧର, ତନୋଜ, ନାତିନାତୁଣୀ- ଲୋରା, ଚନ୍ଦନ, ଅଂଶୁ, ଅର୍ଣ୍ଣବ, ରିଚି, ଇସୁ, ଆନଭି ଓ ରିଷି।
ଧ-୨୦୭୩୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଗୋପୀନାଥ ମହାନ୍ତି
ଆବିର୍ଭାବ: ୦୨।୦୨।୧୯୪୮
ତିରୋଧାନ: ୧୦।୦୫।୨୦୨୧
ଆମ ସ୍ମୃତି ସଂସଦର ପ୍ରାଣ ପ୍ରତିଷ୍ଠାତା ଏବଂ ସଭାପତି ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କ ଅକାଳ ବିୟୋଗ ଆମ ପାଇଁ ଅପୂରଣୀୟ କ୍ଷତି। ସେ ଥିଲେ ଜଣେ ସୁସଂଗଠକ, ସୁପ୍ରଶାସକ ଏବଂ ସୁଲେଖକ। ଓଡ଼ିଆ ସାହିତ୍ୟ, ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ସର୍ବୋପରି ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମିତ୍ତ କାର୍ଯ୍ୟରତ ସେହି ନିରଳସ, ନିଷ୍କପଟ, ବନ୍ଧୁବତ୍ସଳ ବ୍ୟକ୍ତିତ୍ୱର ଅଧିକାରୀଙ୍କ ଅମରଆତ୍ମାର ସଦ୍‌ଗତି କାମନା କରୁଛୁ।
ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱରର କର୍ମକର୍ତ୍ତା ଓ ସଦସ୍ୟସଦସ୍ୟାଗଣ।
ଧ-୨୦୪୫୧

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ମୌସୁମୀ ନାୟକ
ଆବିର୍ଭାବ - ୧୨.୦୨.୧୯୭୧
ତିରୋଧାନ - ୧୧.୦୫.୨୦୨୧
ଲକ୍ଷ୍ମୀସାଗର (ଉପରସାହି), ଭୁବନେଶ୍ୱର
ଅଛ କିଛି ଦିନ ହେବ ତୁମେ ଆମକୁ ଛାଡି ଚାଲି ଯାଇଛ, ଜନ୍ମ ଓ ମୃତ୍ୟୁ ଏହା ଚିରନ୍ତନ ସତ୍ୟ ଜାଣି ମଧ୍ୟ ତୁମ ଦେହାନ୍ତକୁ ଏବେବି ଆମେ ସହଜେ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇପାରୁନୁ। ପ୍ରତି ମୂହୂର୍ତ୍ତ ଓ ଅନୁକ୍ଷଣରେ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ। ଆଜି ପବିତ୍ର ଦଶାହ ତିଥିରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ
ଲଳିତା, ଦୁର୍ଗା, ରାକେଶ, ସରୋଜ, ରିମା, ଲିସା, ଗୁଡୁ, ଝିଲି, ସବିତା, ଇତିନି, ସିବୁନ, ନୈନା, ସଦାଶିବ, ରିଷି, ନେହା, ଶାନ୍ତି ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୦୯୨୩

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକ

✓ପ୍ରଭାସିନୀ ମଙ୍ଗରାଜ
ସାଇନିଡମ୍, ଗୌରୀନଗର, ଭୁବନେଶ୍ୱର-୨
ଆବିର୍ଭାବ: ୨୨।୦୧।୧୯୪୯
ତିରୋଧାନ: ୧୨।୦୫।୨୦୦୮
(ନୀଳାଦ୍ରି ମହୋଦୟାଷ୍ଟମୀ)
ଆପଣଙ୍କର ଧର୍ମପରାୟଣ, ପରୋପକାରିତା, ମିଷ୍ଟଭାଷିନତା, ଆତିଥ୍ୟ ପରାୟଣତା ଆମର ଚିର ପାଥେୟ ହେଉ। ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥ, ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ ବିନ୍ଦୁରେ ପ୍ରାର୍ଥନା। ସରଗ ପୁରରେ ଥାଇ ଦିଅ ହେ ଆଶିଷ ପ୍ରଭୁ ପାଦତଳେ ଏହି ଅଭିଳାଷ।
ଶୋକସନ୍ତପ୍ତ: ତୁମର ହତଭାଗ୍ୟ ସ୍ୱାମୀ: ଇଂ. ଅନ୍ତର୍ଯ୍ୟାମୀ ମଙ୍ଗରାଜ, ପୁଅ-ଝିଅ, ଜ୍ୱାଇଁ, ବୋହୂ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ କୃଷ୍ଣପ୍ରୀୟା ହରିଚନ୍ଦନ
ସ୍ୱାମୀ ✓ ଦୁଃଖିଶ୍ୟାମ୍ ହରିଚନ୍ଦନ
ଜରିପଡ଼ା, ଖୋର୍ଦ୍ଧା
ଆବିର୍ଭାବ : ୧୦.୦୪.୧୯୪୫
ତିରୋଧାନ : ୧୦.୦୫.୨୦୨୧
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, ପରୋପକାରିତା ସଦାସର୍ବଦା ଆମ୍ଭର ସ୍ମରଣୀୟ ହୋଇ ରହିବ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ, ଆମେ ସମସ୍ତେ ଶ୍ରୀ ଶ୍ରୀ ଜଗନ୍ନାଥ, ମା' ଉଗ୍ରତାରା ଆଉ ଶ୍ରୀ ସାଇନାଥଙ୍କ ନିକଟରେ ଭକ୍ତିପୁତ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

ଏକାଦଶାହ ଉପଲକ୍ଷେ


✓ ଡଃ. ରବିନାରାୟଣ ମହାନ୍ତି
(ଅବସରପ୍ରାପ୍ତ କୃଷି ନିର୍ଦ୍ଦେଶକ, ଓଡ଼ିଶା)
ଗୁରୁକୃପା, ପଲାସପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୧୦.୦୭.୧୯୩୨
ତିରୋଧାନ: ୧୦.୦୫.୨୦୨୧
ଆପଣଙ୍କ ଆବର୍ତ୍ତମାନରେ ଆମେ ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଉଦାରତା ଆଶୀର୍ବାଦକୁ ପାଥେୟ କରି ଜୀବନ ବିତାଇବୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣରେ ଆମର ବିନମ୍ର ପ୍ରାର୍ଥନା
-: ଶୋକ ସନ୍ତପ୍ତ :-
ବାଦଲ ଓ ଟୁକୁଲ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ପରିବାର ଓ ବନ୍ଧୁ ପରିଜନ

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classified dharitri@gmail.com

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, କଳାହାଣ୍ଡି, କନ୍ଧମାଳ, ଗଜପତି, ବୌଦ୍ଧ, ସୁନ୍ଦରଗଡ, ଦେଓଗଡ, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଝାରସୁଗୁଡ଼ା ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖାପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବା ସହ ଘଡ଼ଘଡ଼ି ବିଜୁଳି ମାରିପାରେ। ଗୁରୁବାର ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୫ | ୨୮.୫ |
| ଚାନ୍ଦବାଲି | ୩୮.୩ | ୨୭.୫ |
| କଟକ | ୩୮.୨ | ୨୭.୦ |
| ପାରାଦୀପ | ୩୩.୩ | ୨୯.୦ |
| ଭୁବନେଶ୍ୱର | ୩୯.୦ | ୨୮.୫ |
| ଗୋପାଳପୁର | ୩୨.୯ | ୨୮.୧ |
| ପୁରୀ | ୩୪.୬ | ୨୯.୨ |
| ଅନୁଗୋଳ | ୪୦.୧ | ୨୮.୦ |
| ବାରିପଦା | ୩୯.୦ | ୨୭.୦ |
| ଝାରସୁଗୁଡ଼ା | ୩୯.୪ | ୨୭.୪ |
| କେନ୍ଦୁଝର | ୩୬.୬ | ୨୬.୦ |
| ସମ୍ବଲପୁର | ୪୧.୦ | ୨୯.୮ |
| ସୁନ୍ଦରଗଡ଼ | ୪୦.୫ | ୨୪.୫ |
| ହୀରାକୁଦ | ୩୯.୬ | ୨୭.୮ |
| ତାଳଚେର | ୪୧.୦ | ୨୮.୦ |
| ଭବାନୀପାଟଣା | ୩୯.୨ | ୨୮.୨ |
| ବଲାଙ୍ଗୀର | ୪୦.୫ | - |
| କୋରାପୁଟ | ୩୫.୦ | ୨୨.୦ |
| ଫୁଲବାଣୀ | - | ୨୩.୪ |
| ଟିଟିଲାଗଡ଼ | ୪୧.୫ | ୨୬.୩ |
| ମାଲକାନଗିରି | ୪୦.୫ | ୨୫.୦ |
| ସୋନପୁର | ୪୧.୦ | ୨୯.୪ |
| ଦାରିଙ୍ଗିବାଡ଼ି | ୩୫.୦ | ୨୨.୫ |
| ନୟାଗଡ଼ | ୪୦.୦ | ୨୩.୦ |
| ବୌଦ୍ଧ | ୪୦.୮ | ୨୮.୦ |
| ଛତ୍ରପୁର | ୩୪.୭ | ୨୮.୦ |
| ପାରଳାଖେମୁଣ୍ଡି | ୩୭.୫ | ୨୮.୫ |
| ରାୟଗଡ଼ା | - | - |

ଡିଗ୍ରୀ ସେଲ୍‌ସିୟସ୍



କ୍ୟାଟ୍ରିନା

# କେଶ ବିନ୍ୟାସରେ ମନ

କ୍ୟାଟ୍ରିନା ଏବେ କ'ଣ କରୁଛନ୍ତି ? ଯାହା ସିନେମାର ଶୁଟିଂ ଚାଲିଥିଲା, ହେଲେ କୋଭିଡ୍‌ର ଦ୍ୱିତୀୟ ଲହର ପାଇଁ ଏବେ ଶୁଟିଂ ବନ୍ଦ ଅଛି। ତେଣୁ ଘରେ ବସିବା ହିଁ ସାର। ପରିବାର ସହ ତ ସମୟ କଟୁଛି। ହେଲେ ଏହି ସମୟରେ ସେ ନିଜକୁ ଆଉ ଏକ କଥାରେ ବ୍ୟସ୍ତ ରଖିଛନ୍ତି। ତାହା ହେଲା ତାଙ୍କର କେଶ ବିନ୍ୟାସ। ନିଜ କେଶ ପାଇଁ ସେ ବେଶ୍ ଯତ୍ନଶୀଳ। ଏ ନେଇ ସେ କ'ଣ କହନ୍ତି ଜାଣିବେନି ? 'ପିଲାଟି ଦିନରୁ କେଶକୁ ସଫାସୁତର ରଖିବା ସହ ତାହା କିପରି ଷ୍ଟାଇଲିଷ୍ଟ ଦେଖାଯିବ ତା' ପ୍ରତି ଦୃଷ୍ଟି ଦିଏ। ମୋର ଗୋଟିଏ ଅଭ୍ୟାସ, ମୁଁ ପ୍ରତିଦିନ କେଶ ଧୋଇଥାଏ। କେତେବେଳେ କିପରି ହେୟାର କଟ୍ କଲେ ତାହା ମୋତେ ମାନିବ ସେ ନେଇ ନଜର ଦିଏ। ମୋ ମତରେ ମୋ କେଶ ହିଁ ମୋତେ ଆହୁରି ଆଟ୍ରାକ୍ଟିଭ କରିଥାଏ। ମୁଁ ଭାରି ଈଶ୍ୱର ବିଶ୍ୱାସୀ। ଘରେ ପୂଜାପାଠ କରିବା ବ୍ୟତୀତ ମନ୍ଦିର ଯାଇଥାଏ।' କ୍ୟାଟ୍ରିନା କେବଳ ଜଣେ ଅଭିନେତ୍ରୀ ନୁହନ୍ତି, ଜଣେ ଚିତ୍ରଶିଳ୍ପୀ ମଧ୍ୟ। ତା'ସହ ଚେସ୍ ଖେଳିବାକୁ ଭଲ ପାଆନ୍ତି ସେ।

## ନୂଆ ସିନେମା

# ମା' ସମଲେଶ୍ୱରୀ

ପଶ୍ଚିମ ଓଡ଼ିଶାର ଆରାଧ୍ୟା ଦେବୀ ମା' ସମଲେଶ୍ୱରୀ। ତାଙ୍କ ଉପରେ ଏକ ସିନେମାଟିଏ ନିର୍ମାଣ କରାଯାଉଛି। ଏଭଳି କଥାବସ୍ତୁକୁ ଆଧାର କରି ଚିତ୍ରଟିକୁ ପ୍ରସ୍ତୁତ କରିଛନ୍ତି ଓଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ ଅକ୍ଷୟ କୁମାର ପରିଜା। ଏହାର କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ। ଖୁବ୍ ଶୀଘ୍ର କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ଶୁଟିଂ ଆରମ୍ଭ ହେବାକୁ ଥିବା ଉକ୍ତ ହାଇବଜେଟ ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ବସନ୍ତ ସାହୁ। ଚଳିତ ବର୍ଷ ପବିତ୍ର ନୂଆଖାଇ ଅବସରରେ ଚଳଚ୍ଚିତ୍ରଟି ପରଦା ଉପରକୁ ଆସିବାର ଯୋଜନା ରହିଛି। ଏହାପୂର୍ବରୁ ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜିତ ଓଡ଼ିଆ ସିନେମା 'ଜିଅନ୍ତା ଭୂତ', 'ଥୁକୁଲ୍', 'ଅଗସ୍ତ୍ୟା', 'ଲଭ୍ ୟୁ ଜେସିକା', 'କେହି ନୁହେଁ କାହାର' ଦର୍ଶକଙ୍କୁ ପ୍ରଭାବିତ କରିସାରିଛି। ଏହାବ୍ୟତୀତ ସେ ହିନ୍ଦୀ ସିନେମା 'କାଡାଇ ହାୱା' ଏବଂ ବଙ୍ଗଳା ସିନେମା 'ଗୋତ୍ର', 'କାଣ୍ଠୋ', 'ରସଗୋଲା'ର ମଧ୍ୟ ପ୍ରଯୋଜନା କରିସାରିଛନ୍ତି।

# କେବଳ ଡେଟ୍ ପାଇଁ



ଜ୍ୟାକ୍ଲିନ୍

ଜ୍ୟାକଲିନ୍ ଫର୍ନାଡିସ୍‌ଙ୍କ ହାତରେ ୨-୩ଟି ଅଫର ରହିଛି, ସେଥିପାଇଁ ସେ ତ ନିଶ୍ଚୟ ଖୁସି, ହେଲେ ଆଉ ଏକ କଥା ପାଇଁ ତାଙ୍କର ମନ ଦୁଃଖୀ। କାରଣ ଯଦି ଏହି ଅଫରଗୁଡ଼ିକୁ ସେ ସାଇନ୍ କରୁଛନ୍ତି ତେବେ ଡେଟ୍ ତାଙ୍କ ପାଇଁ ସମସ୍ୟା ହୋଇପାରେ। ପୂର୍ବରୁ ସିନା ସେ କେବଳ ବଲିଉଡ୍ ପାଇଁ ନଜର ଦେଉଥିଲେ, ହେଲେ ଏବେ ହଲିଉଡ୍‌ରେ ଏଣ୍ଟ୍ରି କରିବା ପରେ ଦୁଇ ପଟକୁ ବେଶ୍ ସମାନ୍ତରାଳ ଭାବରେ ରଖି ଚାଲିବାକୁ ପଡୁଛି। କଥା କ'ଣ କି ନିକଟରେ ତାଙ୍କୁ ୨-୩ଟି ହିନ୍ଦୀ ସିନେମା ଅଫର ମିଳିଛି। ହେଲେ ତାଙ୍କ ହାତରେ ଏବେ ଡେଟ୍ ନାହିଁ। ଏ ସମ୍ପର୍କରେ ଜ୍ୟାକଲିନ୍ କହନ୍ତି, 'ଏହି ଅଫରଗୁଡ଼ିକ ମୋତେ ତ ନିଶ୍ଚୟ ମାଇଲେଜ ଦେବ, ହେଲେ ତାହାର ଶୁଟିଂ ପାଇଁ ମୋ ହାତରେ ଡେଟ୍ ନାହିଁ। ଯଦି ଏ ନେଇ କମ୍ପ୍ରମାଇଜ ନ ହେଲା ତେବେ ନିରୁପାୟ ହୋଇ ଅଫରଗୁଡ଼ିକୁ ହାତଛଡ଼ା କରିବି।' ବର୍ତ୍ତମାନ ସେ ଅଭିନୟ କରୁଥିବା 'ରାମସେତୁ'ର ଶୁଟିଂ ବନ୍ଦ ରହିଛି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ଅକ୍ଷୟ କୁମାର। ଅନ୍ୟପକ୍ଷରେ ପୱନ କ୍ରିପାଲାନୀଙ୍କ ନିର୍ଦ୍ଦେଶିତ ତଥା ସୈଫ ଅଲ୍ଲୀ ଖାଁ, ଅର୍ଜୁନ କପୁର ଏବଂ ଜ୍ୟାକଲିନ୍ ଅଭିନୀତ 'ଭୂତ ପୋଲିସ୍' ରିଲିଜ ଅପେକ୍ଷାରେ ରହିଛି। ସୂଚନାଯୋଗ୍ୟ ଜଣେ ନାରୀର ସଂଘର୍ଷମୟ ଜୀବନୀକୁ ନେଇ ନିର୍ମିତ ହେଉଥିବା ହଲିଉଡ୍ ଫିଲ୍ମ 'ଶେୟାରିଂ ଏ ରାଇଡ୍'ରେ ଜ୍ୟାକଲିନ୍ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରୁଛନ୍ତି।



ଅଂଶୁମାନ

# ଏଥର ସୁପାରି କିଲର

ଓଡ଼ିଆ ସିନେମା 'ଆଇଲାରେ ଓଡ଼ିଆ ପୁଅ'ରୁ ଅଂଶୁମାନ ସାମନ୍ତରାୟ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ପୁଣି ପ୍ରଥମ ଭୂମିକାଟି ଥିଲା ଖଳନାୟକ ଏବଂ ତାହାକୁ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ ସେ। ଆଉ ୟା ଭିତରେ ସେ ବେଶ୍ କେତୋଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି। ପୁଣି ରିଲିଜ ଅପେକ୍ଷାରେ ଥିବା ହିନ୍ଦୀ ସିନେମା 'ମାୟରା'ରେ ତାଙ୍କୁ ଏକ ସୁପାରିକିଲର ଭୂମିକାରେ ଦେଖିବାକୁ ମିଳିବ। ଏ ନେଇ ଅଂଶୁମାନ କହନ୍ତି, 'ଏହି ଭୂମିକାରେ କେତେ ଦମ୍ ଅଛି ତାହା ମୁଁ ଜାଣିଛି। ଯେଉଁଭଳି ଏକ ଭୂମିକାଟିଏ ଚାହୁଁଥିଲି ତାହା ମୋତେ ମିଳିଯାଇଛି। ଏହାବ୍ୟତୀତ 'ଏହସାସ୍' ନାମକ ଆଉ ଏକ ସିନେମା ରିଲିଜ ଅପେକ୍ଷାରେ ରହିଛି। କେବଳ ସେତିକି ନୁହେଁ, ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ମୋର ନିହାତି ଦରକାର'ର ମୁଖ୍ୟ ଖଳନାୟକ ଭୂମିକାରେ ମୁଁ ଅଭିନୟ କରିଛି। ଏହି ଫିଲ୍ମରେ ପାଣି ଭିତରେ ଏକ ଫାଇଟ୍ ଶଟ୍ ଶୁଟିଂ କରାଯାଇଛି, ଯାହା ଫିଲ୍ମର ମୁଖ୍ୟ ଆକର୍ଷଣ।' ତେବେ ଦୁଇଟି ହିନ୍ଦୀ ସିନେମାରେ ଅଭିନୟ କରିବା ପରେ ଏବେ ତାଙ୍କ ହାତରେ ୨-୩ଟି ବଲିଉଡ୍ ଅଫର ରହିଛି। ଏହାବ୍ୟତୀତ ହରିଶ ଶର୍ମାଙ୍କ ପ୍ରଯୋଜିତ ଏକ ଭୋଜପୁରୀ ଫିଲ୍ମରେ ସେ ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରିବେ। ସେପଟେ ଭଲ ଭୂମିକାକୁ ସବୁବେଳେ ଗୁରୁତ୍ୱ ଦେବି ବୋଲି କହନ୍ତି ଏହି ଅଭିନେତା।

# ନୁସରତ୍‌ଙ୍କ ଖୁସି



ସତରେ ୟାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି, ଗୋଟିଏ ପଟେ ସେ ଅଭିନୟ କରିଥିବା ସିନେମାଗୁଡ଼ିକ ସିନା ଆଶାନୁରୂପ ବିଜନେସ କରୁନାହିଁ, ହେଲେ ସେପଟେ ତାଙ୍କୁ ଅଫର ପରେ ଅଫର ମିଳିଚାଲିଛି। ଏବେ ସେ ନିର୍ମାଣାଧୀନ ସିନେମା 'ରାମ ସେତୁ', 'ଛୋରି' ଏବଂ 'ହରଡଙ୍ଗ'ରେ ଅଭିନୟ କରୁଛନ୍ତି। ଏହାବ୍ୟତୀତ ଆଉ କେତୋଟି ଫିଲ୍ମରେ ଅଭିନୟ କରିବା ଲାଗି କଥାବାର୍ତ୍ତା ଚାଲିଛି। 'ମୋ ଅଭିନୀତ ସିନେମାଗୁଡ଼ିକ ଭଲ ବିଜନେସ କରିବାରେ ବିଫଳ ହୋଇଛି ସତ, ହେଲେ ମୋର ନିଜ ଉପରେ ଶତ ପ୍ରତିଶତ ଭରସା ରହିଛି। ଏଣିକି ପୂର୍ବ ତ୍ରୁଟିଗୁଡ଼ିକୁ ସୁଧାରିବି। ଭଲ ଭଲ କାହାଣୀ ଏବଂ ଭୂମିକା ଦେଖି ହିଁ ସାଇନ୍ କରିବି। ଆଦୌ ତରତର ହୋଇ ପାଦ ପକାଇବି ନାହିଁ। କାରଣ ଏବେଠାରୁ ସତର୍କ ନ ହେଲେ ଭବିଷ୍ୟତରେ ମୋତେ କଠିନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।' ନୁସରତ୍‌ଙ୍କ ଡେବ୍ୟୁ ହିନ୍ଦୀ ସିନେମା ଥିଲା 'ପ୍ୟାର୍ କା ପଞ୍ଚନାମା'। ତାଙ୍କ ଅଭିନୀତ ଶେଷ ଫିଲ୍ମ ହେଉଛି 'ଅଜୀବ ଦସ୍ତାନା'। ତେବେ ଏବେ ଠାରୁ ମାପିଚୁପି ଚାଲିବାକୁ ମାଇଣ୍ଡ ମେକଅପ କରିଥିବା ନୁସରତ ତାଙ୍କ କ୍ୟାରିୟରକୁ କିପରି ଆଗକୁ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଆକ୍ସନ ଅବତାର

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଯେଉଁଭଳି ଭୂମିକାରେ ସେ ବଡ଼ ପରଦାରେ ମୁହଁ ଦେଖାଇବାକୁ ଚାହୁଁଥିଲେ ତାହା ପୂରଣ ହୋଇଛି। ତାହା ପୁଣି ଆକ୍ସନ ଭୂମିକା। ସିନେମାଟି ହେଲା 'ଅରୁନ୍ଧତୀ'। ଆଉ ଅଭିନେତା ଜଣକ ହେଲେ ରାଜବୀର। ଏଥିରେ ନିଜ ଭୂମିକା ସମ୍ପର୍କରେ ସେ କହନ୍ତି, 'ସତ କଥା କହିବାକୁ ଗଲେ, ଆକ୍ସନଭିତ୍ତିକ ଭୂମିକା ମୋର ପସନ୍ଦ। ମୋର ପ୍ରଥମ ସିନେମା 'ଲଭ୍ ଫିଭର' ରିଲିଜ ଅପେକ୍ଷାରେ ଅଛି। ସେଥିରେ ମଧ୍ୟ ମୋତେ ମନ ପସନ୍ଦର ରୋଲ୍ ମିଳିଛି। ମୋର ଦ୍ୱିତୀୟ ଫିଲ୍ମ 'ଅରୁନ୍ଧତୀ'ର ନିର୍ଦ୍ଦେଶକ ରମେଶ ରାଉତ ଯେତେବେଳେ ଏହି ଫିଲ୍ମର କାହାଣୀ ଏବଂ ମୋ ଭୂମିକା ସମ୍ପର୍କରେ ମୋତେ ଅବଗତ କଲେ ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ରୋଲ୍ ପାଇଁ ମୁଁ ବେଶ୍ ପରିଶ୍ରମ କରିଛି। କାରଣ ଆକ୍ସନଭିତ୍ତିକ ଭୂମିକାରେ ଅଭିନୟ କରିବାକୁ ମୋତେ ଭଲ ଲାଗିଥାଏ। ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି।' ଏହି ଫିଲ୍ମରେ ରାଜବୀରଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଏଲିନା ପ୍ରିୟଦର୍ଶିନୀ। ନିକଟରେ ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି।

# ଜୁଲାଇକୁ ଅପେକ୍ଷା

ଯାହାହେଉ ଏତେଦିନେ ତାପସୀ ପାନ୍ନୁଙ୍କ ଟେନସନ ଦୂର ହେଲା। ଯେଉଁ କଥାକୁ ନେଇ ସେ ଟେନ୍‌ସନରେ ରହୁଥିଲେ ତାହା ଶେଷ ହୋଇଛି। ଏବେ ତ ପ୍ରେକ୍ଷାଳୟ ବନ୍ଦ ରହିଛି। ତେଣୁ ସିନେମାଗୁଡ଼ିକ ଓଟିଟି ଫର୍ମାଟରେ ରିଲିଜ ହେଉଛି। ତାପସୀ ଅଭିନୟ କରିଥିବା ହିନ୍ଦୀ ସିନେମା 'ହସୀନ ଦିଲରୁବା' ଗତ ବର୍ଷ ସେପ୍ଟେମ୍ବରରେ ପରଦା ଉପରକୁ ଆସିଥାଆନ୍ତା। ହେଲେ କରୋନା ପାଇଁ ତାହା ସ୍ଥଗିତ ରହିଥିଲା। ହେଲେ ନିକଟରେ ଏହାର ରିଲିଜ ଡେଟ୍ ଫାଇନାଲ ହୋଇଛି। ପ୍ରଯୋଜକ ଆନନ୍ଦ ଏଲ୍ ରାଇ ଫିଲ୍ମଟିକୁ ଓଟିଟି ଫର୍ମାଟରେ ମୁକ୍ତିଲାଭ କରାଇବାକୁ ସ୍ଥିର କରିଛନ୍ତି। ଏହି ସିନେମାଟି ଚଳିତବର୍ଷ ଜୁଲାଇ ୨ରେ ରିଲିଜ ହେବ ବୋଲି ସେ ସୂଚନା ଦେଇଛନ୍ତି। ଉକ୍ତ ଫିଲ୍ମରେ ତାପସୀଙ୍କ ବ୍ୟତୀତ ବିକ୍ରାନ୍ତ ମାସେ ଏବଂ ହର୍ଷବର୍ଦ୍ଧନ ରାଣେ ମଧ୍ୟ ଅଭିନୟ କରିଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଭିନିଲ୍ ମ୍ୟାଥ୍ୟୁ। ଏ ନେଇ ତାପସୀ କହନ୍ତି, 'ଯାହାହେଉ ମୋର ଏକ ଟେନସନ ଦୂର ହୋଇଛି। ବର୍ତ୍ତମାନ ତ କୋଭିଡ୍‌ର ଦ୍ୱିତୀୟ ଲହର ଚାଲିଛି। ଏହାର ଗାଇଡ୍‌ଲାଇନ ଅନୁସାରେ ପ୍ରେକ୍ଷାଳୟ ବନ୍ଦ ଅଛି। ତେଣୁ ଫିଲ୍ମଟି ଓଟିଟି ଫର୍ମାଟରେ ହିଁ ରିଲିଜ ହେବ। ମୋର ଯେତିକି ବିଶ୍ୱାସ ଏହି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।' ତେବେ ତାପସୀଙ୍କ ପୂର୍ବାନୁମାନ କେତେ ସତ ହେଉଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ।



ତାପସୀ



ଏଲିନା-ରାଜବୀର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଗୁରୁବାର, ମେ ୨୦/୨୦୨୧ Balasore, Thursday, May 20/ 2021

# ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ କୋଲେସ୍‌ନିକୋଭ୍

**ବୁଦାପେଷ୍ଟ (ହଙ୍ଗେରୀ), ୧୯।୫ (ଏପି):** କ୍ରମାଗତ ଦ୍ୱିତୀୟ ଦିବସରେ ରୁଷୀୟ ସନ୍ତରଣକାରୀ କ୍ଲିମେଣ୍ଟ କୋଲେସ୍‌ନିକୋଭ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ନିଜ ନାମରେ ଥିବା ବିଶ୍ୱ ରେକର୍ଡରେ ଉନ୍ନତି ଆଣିଛନ୍ତି। ୨୦ ବର୍ଷୀୟ କୋଲେସ୍‌ନିକୋଭ ମଙ୍ଗଳବାର ୨୩.୮୦ ସେକେଣ୍ଡ ସମୟ ନେଇ ୟୁରୋପିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେମିଫାଇନାଲ ଟାଇମିଂ ଅପେକ୍ଷା କୋଲେସ୍‌ନିକୋଭ୍ ଫାଇନାଲରେ ୦.୧୩ ସେକେଣ୍ଡ କମ୍ ସମୟ ନେଇଥିଲେ। ସୋମବାର ସେମିଫାଇନାଲରେ ତାଙ୍କ ରେସ୍‌କୁ ୨୩.୯୩ ସେକେଣ୍ଡରେ ଶେଷ କରିଥିଲେ। ପୂର୍ବରୁ ପ୍ରଥମ ସୁଇମରଭାବେ ୨୪ ସେକେଣ୍ଡ ଟାଇମିଂ ନେଇ ରେକର୍ଡର ଅଧିକାରୀ ଥିଲେ କୋଲେସ୍‌ନିକୋଭ୍। ୩ ବର୍ଷ ପୂର୍ବେ ଗ୍ଲାସ୍‌ଗୋରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍‌ରେ ସେ ୨୪.୦୦ ସେକେଣ୍ଡ ସମୟ ନେଇଥିଲେ। ସୂଚନାଯୋଗ୍ୟ, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏକ ଅଲିମ୍ପିକ ଇଭେଣ୍ଟ ନୁହେଁ।



ୟୁରୋପିଆନ ଚାମ୍ପିୟନଶିପ୍‌ର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସନ୍ତରଣରେ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବା ରୁଷିଆର କ୍ଲିମେଣ୍ଟ କୋଲେସ୍‌ନିକୋଭ।

# ପୂର୍ବତନ ଫୁଟ୍‌ବଲ ଖେଳାଳିଙ୍କ ପରଲୋକ



**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ଅସିତ ପାତ୍ରଙ୍କର ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି। ସେ କିଛିଦିନ ହେବ ଅସୁସ୍ଥତା କାରଣରୁ ଭୁବନେଶ୍ୱରରେ ଚିକିତ୍ସିତ ଥିଲେ। ମୃତ୍ୟୁ ବେଳକୁ ବାରିପଦା ନିବାସୀ ଅସିତଙ୍କୁ ୬୪ ବର୍ଷ ହୋଇଥିଲା। ସେ ୧୯୭୦ ଦଶକର ଶେଷଭାଗରେ ଓଡ଼ିଶା ପକ୍ଷରୁ ଜାତୀୟ ଫୁଟବଲ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ସେ ରାଇଜିଂ ଷ୍ଟାର ଓ ଓଡ଼ିଶା ପୋଲିସ ଆଦି କେତେକ ନାମୀ କ୍ଲବରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଭାରତୀୟ ଦଳକୁ ଛେତ୍ରୀଙ୍କ ପ୍ରତ୍ୟାବର୍ତ୍ତନ

**ନୂଆଦିଲ୍ଲୀ,୧୯।୫(ପି.ଟି.)**

ଭାରତୀୟ ଫୁଟ୍‌ବଲ ଦଳକୁ ଅଧିନାୟକ ସୁନୀଲ ଛେତ୍ରୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। କରୋନା ସଂକ୍ରମଣରୁ ଆରୋଗ୍ୟ ଲାଭ କରିବା ପରେ ସେ ୨୦୨୨ ବିଶ୍ୱକପ୍ କ୍ୱାଲିଫାୟର୍ସ ପାଇଁ ଘୋଷିତ ୨୮ ଜଣିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱକପ୍ ଓ ଏସିଆନ କପ୍ କ୍ୱାଲିଫାୟର୍ସ ଖେଳିବାକୁ ଭାରତୀୟ ଦଳ ବୁଧବାର ଦୋହା ଯାତ୍ରା କରିଛି।

କାତାର ରାଜଧାନୀ ଦୋହାରେ ଏକ ବାୟୋ ବବଲ୍‌ରେ ଭାରତୀୟ ଦଳ ଏକ ପ୍ରସ୍ତୁତି ଶିବିରରେ ଯୋଗଦେଇ ଅଭ୍ୟାସ କରିବ। ଜୁନ୍ ୩ରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଆୟୋଜକ କାତାରକୁ ଭେଟିବ। ମାର୍ଚ୍ଚ ୨୫ ଓ ୨୯ ତାରିଖରେ ଭାରତ ଯଥାକ୍ରମେ ଓମାନ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ମ୍ୟାଚ୍ ଖେଳିଥିଲା। ଛେତ୍ରୀ ଦୁଇଟି ମ୍ୟାଚ୍ ଖେଳିପାରି ନ ଥିଲେ। ଏବେ ସେ ଆଗାମୀ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ। କାତାର ଯିବାର ପୂର୍ବରୁ ସବୁ ଖେଳାଳି ଗତ ୪୮ ଘଣ୍ଟା ମଧ୍ୟରେ ଆରଟି- ପିସିଆର କୋଭିଡ୍- ୧୯ ଟେଷ୍ଟ କରାଇବା ସହ ନେଗେଟିଭ ରିପୋର୍ଟ ତାଙ୍କ ସହ ନେବା ଆବଶ୍ୟକ ବୋଲି କୁହାଯାଇଛି। କାତାର ପ୍ରସ୍ଥାନ କରିବା ପୂର୍ବରୁ ସବୁ ଖେଳାଳି ଦିଲ୍ଲୀରେ ମେ' ୧୫ରୁ କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି।

ଏଫ୍‌ସି ଗୋଆ ମିଡ୍‌ଫିଲ୍ଡର ଗ୍ଲାନ ମାର୍ଟିନ୍ସ ପ୍ରଥମଥର ପାଇଁ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ଉଡନ୍ତା ସିଂ, ବ୍ରେଣ୍ଡନ ଫର୍ନାଣ୍ଡିଜ୍, ପ୍ରଣୟ ହାଲଦାର ଓ ଅବଦୁଲ ସାହାଲଙ୍କ ଭଳି ୱିଙ୍ଗର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜିକ୍‌ସନ ସିଂ, ରେନାଏର ଫର୍ନାଣ୍ଡିଜ୍ ଓ ହାଲିଚରନ ନର୍ଜାରେଙ୍କ ଭଳି ମିଡ୍‌ଫିଲ୍ଡର ଓ ଫରୱାର୍ଡ ହିତେଶ ଶର୍ମା ଦଳରୁ ବାଦ୍ ପଡିଛନ୍ତି। ଡିଫେଣ୍ଡର ରାହୁଲ ଭେକେ, ନରେନ୍ଦର ଗେଲ୍‌ହଟ ଓ ସୁଭାଶିଷ ବୋଷ ଦଳକୁ ଫେରିଛନ୍ତି। କୋଚ୍ ଆଇଗର ଷ୍ଟିମାକ ଦଳରେ ୩ଜଣ ଗୋଲକିପରଙ୍କୁ ସାମିଲ କରିଛନ୍ତି। କିନ୍ତୁ ସୁଭାଶିଷ ରଏ ଚୌଧୁରୀ ବାଦ୍ ପଡିଛନ୍ତି।

ଭାରତ ବିଶ୍ୱକପ୍ ଦୌଡ଼ରୁ ବାଦ୍ ପଡିସାରିଛି। ତେବେ ଚାଇନାରେ ଆୟୋଜନ ହେବାକୁ ଥିବା ୨୦୨୩ ଏସିଆନ୍ କପ୍‌ରେ ସ୍ଥାନ ପାଇବାକୁ ଭାରତ ପ୍ରୟାସ କରିବ। ଗ୍ରୁପ୍ ଇ'ରେ ୩ ପଏଣ୍ଟ ହାସଲ କରି ଭାରତ ଚତୁର୍ଥ ସ୍ଥାନରେ ରହିଛି। ମହାମାରୀ ଯୋଗୁ ଆମ ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି। ମେ' ମାସରେ କୋଲକାତାରେ ଆୟୋଜନ ହେବାକୁ ଥିବା ଆମ ପ୍ରଶିକ୍ଷଣ ଶିବିର ବାତିଲ ହୋଇଥିଲା। ଦୁବାଇରେ ଖେଳାଯିବାକୁ ଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ବାତିଲ ହୋଇଥିଲା। ଜୁନ୍ ୩ରେ ଭାରତୀୟ ଫୁଟ୍‌ବଲ ଦଳ କାତାରକୁ, ଜୁନ୍ ୭ରେ ବାଂଲାଦେଶକୁ ଓ ଜୁନ୍ ୧୫ରେ ଆଫଗାନିସ୍ତାନକୁ ଭେଟିବ।



ସୁନୀଲ ଛେତ୍ରୀ

**ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ**

**ଭାରତୀୟ ଦଳ:** ଗୋଲ କିପର- ଗୁରପ୍ରୀତ ସିଂ ସାନ୍ଧୁ, ଅମରିନ୍ଦର ସିଂ, ଧୀରଜ ସିଂ। ଡିଫେଣ୍ଡର- ପ୍ରୀତମ୍ କୋଟାଲ, ରାହୁଲ ଭେକେ, ନରେନ୍ଦର ଗେହଲଟ, ଚିଙ୍ଗଲେସାନା ସିଂ, ସନ୍ଦେଶ ଝିନ୍‌ଗାନ, ଆଦିଲ ଖାଁ, ଆକାଶ ମିଶ୍ରା, ସୁଭାଷିଶ ବୋଷ। ମିଡ୍‌ଫିଲ୍ଡର- ଉଡନ୍ତା ସିଂ, ବ୍ରାଣ୍ଡନ ଫର୍ନାଣ୍ଡିଜ୍, ଲିଷ୍ଟନ କୋଲାକୋ, ରୋଲିନ ବର୍ଗସ, ଗ୍ଲାନ ମାର୍ଟିନ୍ସ, ଅନୁରିଦ୍ଧ ଥାପ୍ପା, ପ୍ରଣୟ ହାଲଦାର, ସୁରେଶ ସିଂ, ଲାଲେଙ୍ଗମାୱିଆ ରାଲଟେ, ଅବଦୁଲ ସାହାଲ, ୟାସିର ମହମ୍ମଦ, ଲାଲିଆଞ୍ଜୁଆଲା ଚାଙ୍ଗଟେ, ବିପିନ ସିଂ, ଆଶିକ୍ କୁରୁନିୟାନ।

ଫରୱାର୍ଡ୍ସ: ଇଶାନ ପଣ୍ଡିତ, ସୁନୀଲ ଛେତ୍ରୀ, ମନବୀର ସିଂ।

# ଆଇସିସି ନିଷ୍ପତ୍ତିକୁ ଭାରତର ଅପେକ୍ଷା

**ନୂଆଦିଲ୍ଲୀ,୧୯।୫(ପି.ଟି.)**

ଜୁନ୍ ୧୮ରୁ ୨୨ ତାରିଖ ମଧ୍ୟରେ ଇଂଲଣ୍ଡର ସାଉଥାମ୍ପଟନଠାରେ ଆୟୋଜନ ହେବାକୁ ଯାଉଛି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପ୍ରଥମ ସଂସ୍କରଣର ଫାଇନାଲ ମ୍ୟାଚ। ଏହି ହାଇପ୍ରୋଫାଇଲ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଏବେଠାରୁ ଏହି ମ୍ୟାଚ୍ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ତେବେ ଯଦି ଏହି ନିର୍ଣ୍ଣାୟକ ଟେଷ୍ଟ ମ୍ୟାଚ୍ ଡ୍ର, ଟାଇ କିମ୍ବା ୱାଶଆଉଟ ହୁଏ ତେବେ ଫଳାଫଳ କ'ଣ ହେବ ଓ କେଉଁ ଦଳକୁ ଚାମ୍ପିୟନ ଘୋଷିତ କରାଯିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ମ୍ୟାଚ୍‌ର ପ୍ଲେଇଂ କଣ୍ଡିଶନ ଅର୍ଥାତ୍ ମ୍ୟାଚ୍ ସହିତ ଜଡିତ ପରିସ୍ଥିତି ସମ୍ପର୍କିତ ନିୟମ ଓ ସର୍ତ୍ତ ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) କି ନିଷ୍ପତ୍ତି ନେଉଛି ସେ ନେଇ ଭାରତ ଉତ୍ସୁକତାର ସହ ଅପେକ୍ଷା କରିଛି। ଆଗାମୀ କିଛିଦିନରେ ଆଇସିସି ପ୍ଲେଇଂ କଣ୍ଡିଶନ ନେଇ ବିବରଣୀ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

ଏହା ଏକ ଦ୍ୱିପାକ୍ଷିକ ସିରିଜର ଟେଷ୍ଟ ମ୍ୟାଚ୍ ନୁହଁ। ଏହା ଏକ ନିର୍ଣ୍ଣାୟକ ଫାଇନାଲ ମ୍ୟାଚ୍। ତେଣୁ ପ୍ଲେଇଂ କଣ୍ଡିଶନ ନେଇ ଆମେ ଜାଣିବାକୁ ଚାହୁଁଛୁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଯଦି ଏହି ମ୍ୟାଚ୍ ଡ୍ର, ଟାଇ କିମ୍ବା ୱାଶଆଉଟ ହୁଏ ତେବେ ଫଳାଫଳ କ'ଣ ହେବ ଓ କେଉଁ ଦଳ ଟାଇଟଲ ଜିତିବ ସେ ନେଇ ନିଷ୍ପତ୍ତି କ'ଣ ହେବ ବୋଲି ସେ ପ୍ରଶ୍ନ ପଚାରିଛନ୍ତି। ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ ଆଇସିସି ପ୍ଲେଇଂ କଣ୍ଡିଶନ ପ୍ରକାଶ କରିବ।

ଜୁନ୍ ପ୍ରାରମ୍ଭରେ ଭାରତୀୟ କ୍ରିକେଟ ଦଳ ଲଣ୍ଡନରେ ପହଞ୍ଚିବା ପରେ ଯଥାଶୀଘ୍ର ସାଉଥାମ୍ପଟନ ଯାତ୍ରା କରିବ ଏବଂ କ୍ୱାରାଣ୍ଟାଇନ୍‌ରେ ରହିବ। ତେବେ ଏହି କ୍ୱାରାଣ୍ଟାଇନ ଅବଧି ହାର୍ଡ ହେବ କି ସଫ୍ଟ ହେବ ଆଇସିସି ଆଗାମୀ ଦିନରେ ସୂଚନା ମିଳିବ। ଏହା ଏକ ଆଇସିସି ଇଭେଣ୍ଟ ହୋଇଥିବାରୁ ଫାଇନାଲ ନୋଟିଫିକେଶନ ସେମାନଙ୍କଠାରୁ ଆସିବ ବୋଲି ଜଣାଯାଇଛି। ସଫ୍ଟ କ୍ୱାରାଣ୍ଟାଇନ୍‌ରେ ଭାରତୀୟ ଦଳ ଟ୍ରେନିଂ ନେବାର ସୁଯୋଗ ପାଇବ। କ୍ୱାରାଣ୍ଟାଇନର ଅବଧି ନେଇ ମଧ୍ୟ ଆଲୋଚନା ଜାରି ରହିଛି। ଜୁନ୍ ୨ରେ ମୁମ୍ବାଇରେ ରହୁଥିବା ଖେଳାଳିମାନେ ଲୋକାଲ ବାୟୋ ବବଲରେ ଯୋଗଦେବେ।

ମୟଙ୍କ ଅଗ୍ରୱାଲ, ରବିଚନ୍ଦ୍ରନ ଅଶ୍ୱିନ, ବୋଲିଂ କୋଚ୍ ଭାରତ ଅରୁନ ବୁଧବାର ଚେନ୍ନାଇରୁ ଚାର୍ଟାର୍ଡ ଫ୍ଲାଇଟ୍ ଜରିଆରେ ମୁମ୍ବାଇରେ ଆସି ପହଞ୍ଚିଛନ୍ତି। ମହମ୍ମଦ ସିରାଜ, ପୁରୁଷ ଟିମ୍ କୋଚ୍ ଆର. ଶ୍ରୀଧର, ମହିଳା ଟେଷ୍ଟ ଓ ଦିନିକିଆ ଅଧିନାୟିକା ମିଥାଲି ରାଜ ମଧ୍ୟ ହାଇଦ୍ରାବାଦରୁ ଆସିଛନ୍ତି। ତେବେ ମୁମ୍ବାଇ, ପୁଣେ ଓ ପାଖାପାଖି ସ୍ଥାନରେ ରହୁଥିବା ଖେଳାଳିମାନେ ମେ' ୨୪ରେ ଟିମ୍ ବବଲରେ ଯୋଗ ଦେବେ। ଏମାନଙ୍କ ମଧ୍ୟରେ ରହିଛନ୍ତି ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା ଓ ମହିଳା ଦଳ ବ୍ୟାଟର ଜେମିମା ରୋଡ୍ରିଗ୍ୱେଜ। ବିସିସିଆଇ ସବୁ ପୁରୁଷ ଓ ମହିଳା ଖେଳାଳିଙ୍କ ପାଇଁ ଚାର୍ଟାର୍ଡ ବିମାନ ଓ ଯାତ୍ରା ପାଇଁ ବ୍ୟବସ୍ଥା କରିଛି।

ଷ୍ଟାଣ୍ଡ ବାଇ ପେସର ପ୍ରସିଦ୍ଧ କ୍ରିଷ୍ଣା, ରିଜର୍ଭ ଉଇକେଟକିପର ରିଦ୍ଧିମାନ ଶାହା, ଅଭିଜ୍ଞ ସ୍ପିନର ଅମିତ ମିଶ୍ରା କୋଭିଡ୍-୧୯ରୁ ଆରୋଗ୍ୟ ଲାଭ କରିଛନ୍ତି। ତେଣୁ ଏହି ଦୁଇ ଖେଳାଳି ସାମାନ୍ୟ ବିଳମ୍ବରେ ଯୋଗଦେବେ ବୋଲି କୁହାଯାଇଛି।



ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ମୁମ୍ବାଇ ଆସିବା ଅବସରରେ ଭାରତୀୟ ଖେଳାଳିମାନେ।

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପ୍ଲେଇଂ କଣ୍ଡିଶନ**

## ଗଣେଶଙ୍କୁ ଅଚ୍ୟୁତଙ୍କ ସହାୟତା

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନାଙ୍କୁ ଆଶ୍ୱସ୍ତି ମିଳିଛି। ଅନେକ ଘାତ ପ୍ରତିଘାତ ଦେଇ ଆର୍ଥିକ ଅନଟନ ମଧ୍ୟରେ ଏଭରେଷ୍ଟ ଆରୋହଣ କରି ରାଜ୍ୟକୁ ଗର୍ବିତ କରିଥିବା ଗଣେଶଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ୫୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ତାଙ୍କ ପର୍ବତାରୋହଣ କ୍ଷେତ୍ରରେ ମଧ୍ୟ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମିଳିଥିବା ଗଣେଶ ପ୍ରକାଶ କରିଛନ୍ତି। ଏଥିରେ ସେ କୃତଜ୍ଞତା ପ୍ରକାଶ କରିବା ସହ ଅଚ୍ୟୁତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଏସିଆ କପ୍ କ୍ରିକେଟ ବାତିଲ

**କଲମ୍ବୋ, ୧୯।୫(ପି.ଟି.)**

ଶ୍ରୀଲଙ୍କାରେ କରୋନା ଭାଇରସ ସଂକ୍ରମଣ ବଢୁଥିବାରୁ ୨୦୨୧ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟକୁ ବାତିଲ କରାଯାଇଛି। ପୂର୍ବରୁ ଏହା ପାକିସ୍ତାନରୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରାଯାଇଥିଲା। ଏସିଆ କପ୍ ଶେଷଥର ପାଇଁ ୨୦୧୮ରେ ଆୟୋଜିତ ହୋଇଥିଲା। ଆଗାମୀ ଜୁନ୍‌ରେ ଏହା ହେବାକୁ ଥିବାବେଳେ ସାମ୍ପ୍ରତିକ ସ୍ଥିତିରେ ଟୁର୍ନାମେଣ୍ଟ ଆୟୋଜନ ସମ୍ଭବ ନୁହେଁ ବୋଲି ଶ୍ରୀଲଙ୍କା କ୍ରିକେଟ ସିଇଓ ଆଶେଲେ ଡି'ସିଲ୍‌ଭା ପ୍ରକାଶ କରିଛନ୍ତି। କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଶ୍ରୀଲଙ୍କା ସରକାର ଅନ୍ତର୍ଜାତୀୟ ଭ୍ରମଣ ଉପରେ ୧୦ ଦିନିଆ ବାସନ୍ଦ ଲଗାଇଛନ୍ତି। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହାଙ୍କ ନେତୃତ୍ୱାଧୀନ ଏସିଆନ କ୍ରିକେଟ କାଉନ୍‌ସିଲ ପକ୍ଷରୁ ବିଧିବଦ୍ଧଭାବେ କିଛି ଘୋଷଣା କରାଯାଇନାହିଁ।







# ସଫଳ କ୍ରିକେଟର, ଦକ୍ଷ ମ୍ୟାଚ ରେଫରି

**ଭୁବନେଶ୍ୱର, ୧୯।୫(କ୍ରୀଡ଼ା ପ୍ରତିନିଧି)**

ପ୍ରଶାନ୍ତ ମହାପାତ୍ର ଜଣେ ସଫଳ କ୍ରିକେଟର, ଦକ୍ଷ ମ୍ୟାଚ ରେଫରି ଏବଂ ବିସିସିଆଇ ଲେଭଲ-୨ କୋଚ୍ ଥିଲେ। ଖେଳ ଜୀବନ ହେଉ କି ମ୍ୟାଚ ପରିଚାଳନା ଯେତେବେଳେ ଯେଉଁ ଦାୟିତ୍ୱ ପାଇଥିଲେ ତାହାକୁ ସଫଳତାର ସହ ସମ୍ପନ୍ନ କରି ପ୍ରଶଂସା ସାଉଁଟିଥିଲେ।

୧୯୭୩ ସେପ୍ଟେମ୍ବର ୧ରେ ଜନ୍ମିତ ପ୍ରଶାନ୍ତ ଜଣେ ଡାହାଣହାତୀ ବ୍ୟାଟ୍ସମ୍ୟାନ ଓ ମଧ୍ୟମଗତି ବୋଲର ଥିଲେ। ପୁରୁଣା ଭୁବନେଶ୍ୱରସ୍ଥିତ ରାମେଶ୍ୱର ସ୍ପୋର୍ଟିଂ ଏବଂ ମୁକ୍ତେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଖେଳି କ୍ରିକେଟ ଜୀବନକୁ ଆଗକୁ ବଢ଼ାଇଥିଲେ। ତାମିଲନାଡୁ ବିପକ୍ଷରେ ସେ ପ୍ରଥମେ ୧୯ ବର୍ଷରୁ କମ୍ କ୍ରିକେଟ ଖେଳିଥିଲେ ଏବଂ ୧୯୯୦ରେ ବିହାର ବିପକ୍ଷରେ ରଣଜୀ ଟ୍ରଫି କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୭-୮୮ରୁ ୨୦୦୨-୦୩ ମଧ୍ୟରେ ସେ କ୍ୟାରିୟରରେ ୪୫ଟି ପ୍ରଥମଶ୍ରେଣୀ (ଓଡ଼ିଶା ପକ୍ଷରୁ ୪୨ଟି ରଣଜୀ ଟ୍ରଫି ଏବଂ ଇଷ୍ଟଜୋନ୍ ପକ୍ଷରୁ ୩ଟି ଦୁଲୀପ ଟ୍ରଫି) ଏବଂ ୧୭ଟି ଲିଷ୍ଟ-ଏ ମ୍ୟାଚ ଖେଳିଥିଲେ। ଏହା ବ୍ୟତୀତ ସେ ୨୬ଟି ଅନ୍ୟ ମ୍ୟାଚ ଖେଳିଥିଲେ। ଏହା ମଧ୍ୟରେ ୮ଟି ୧୫ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ୪ଟି ୧୭ ବର୍ଷରୁ କମ୍ ବିଜୟ ହଜାରେ ଟ୍ରଫି, ୧୨ଟି ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି ଏବଂ ୨ଟି ୧୯ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି ମ୍ୟାଚ ଅନ୍ତର୍ଭୁକ୍ତ। ପ୍ରଥମଶ୍ରେଣୀ କ୍ରିକେଟରେ ସେ ୪୫ଟି ମ୍ୟାଚର ୮୦ଟି ଇନିଂସରୁ ୩୦.୦୮ ଆଭରେଜରେ ୨,୧୯୬ ରନ ସଂଗ୍ରହ କରିଥିଲେ। ତାଙ୍କର ସର୍ବାଧିକ ସ୍କୋର ଥିଲା ୧୫୭*। ସେ ୫ ଶତକ ଏବଂ ୧୧ ଅର୍ଦ୍ଧଶତକ ହାସଲ କରିଥିବାବେଳେ ୪୪ଟି କ୍ୟାଚ ନେଇଥିଲେ। ସେହିପରି ଲିଷ୍ଟ-ଏରେ ସେ ମୋଟ ୨୬୧ ରନ କରିଥିଲେ।

ଅବସର ପରେ ୨୦୧୪ ସେପ୍ଟେମ୍ବରରେ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମ୍ୟାଚ ରେଫରି ପ୍ୟାନେଲରେ ସାମିଲ ହୋଇଥିଲେ। ମ୍ୟାଚ ରେଫରି ଭାବେ ସେ ୪୮ଟି ପ୍ରଥମଶ୍ରେଣୀ, ୪୫ଟି ଲିଷ୍ଟ-ଏ ଏବଂ ୪୯ଟି ଟି୨୦ ମ୍ୟାଚ ପରିଚାଳନାର ଗୁରୁଦାୟିତ୍ୱ ବହନ କରିଥିଲେ। ୨୦୧୨ ଫେବୃୟାରୀରେ ଅନୁଷ୍ଠିତ ବିସିସିଆଇ ଲେଭଲ-୧ କୋଚ୍ ପରୀକ୍ଷାରେ ମଧ୍ୟ ସେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ସେହିବର୍ଷ ମେ'ରେ ସେ ବିସିସିଆଇ ଲେଭଲ-୨ କୋଚ୍ ପରୀକ୍ଷାରେ ମଧ୍ୟ କୃତିତ୍ୱ ଅର୍ଜନ କରିଥିଲେ। ଜୁନିୟର ବର୍ଗରେ ପ୍ରଭାବୀ ପ୍ରଦର୍ଶନ ପାଇଁ ସେ ୧୯୮୭-୮୮ରେ ବିସିସିଆଇ ପକ୍ଷରୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ(୧୫ ବର୍ଷରୁ କମ୍) ପୁରସ୍କାର ପାଇଥିଲେ। ୧୯୯୬-୯୭ରେ ତାଙ୍କୁ ମାରୁତି ଇଷ୍ଟେଟ ସହିଦ ସ୍ପୋର୍ଟିଂ କ୍ରିକେଟର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ତାଙ୍କ ପରଲୋକରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି।



ପ୍ରଶାନ୍ତ ମହାପାତ୍ର

## ପ୍ରଶାନ୍ତଙ୍କ ବିୟୋଗରେ ଓସିଏର ଶୋକ

ରାଜ୍ୟର ପୂର୍ବତନ ରଣଜୀ କ୍ରିକେଟର ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମ୍ୟାଚ ରେଫରି ପ୍ରଶାନ୍ତ ରଘୁନାଥ ମହାପାତ୍ର (୪୭)ଙ୍କ ପରଲୋକରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଓଡ଼ିଶା କ୍ରିକେଟର ଅନ୍ୟତମ ଜଣାଶୁଣା ଚେହେରା ପ୍ରଶାନ୍ତ କରୋନା ସଂକ୍ରମଣ ଜନିତ କାରଣରୁ ବୁଧବାର ସକାଳେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ପ୍ରଶାନ୍ତ କ୍ୟାରିୟରରେ ୪୫ଟି ପ୍ରଥମଶ୍ରେଣୀ ଏବଂ ୧୭ଟି ଲିଷ୍ଟ-ଏ ମ୍ୟାଚ ଖେଳିଥିବାବେଳେ ମ୍ୟାଚ ରେଫରି ଭାବେ ୪୮ ପ୍ରଥମଶ୍ରେଣୀ, ୪୫ ଲିଷ୍ଟ-ଏ ଏବଂ ୪୯ଟି ଟି୨୦ ମ୍ୟାଚ ପରିଚାଳନା କରିଥିଲେ। ଏହା ବ୍ୟତୀତ ସେ ବିସିସିଆଇ ଲେଭଲ-୨ କୋଚ୍ ମଧ୍ୟ ଥିଲେ। ଓଡ଼ିଶା କ୍ରିକେଟ ଏକାଡେମୀରେ ସେ ବ୍ୟାଟିଂ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ଓଡ଼ିଶା କ୍ରିକେଟର ଉନ୍ନତି ପାଇଁ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ମୃତ୍ୟୁରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ଅନ୍ୟ ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ